ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 45, Issue No. 323
- Monday, 23 February 2026
- ସୋମବାର, ୨୩ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ହିରୋଦଙ୍କୁ ମୋଦିଙ୍କ ପ୍ରଶଂସା

## ଓଡ଼ିଶାର ଯୁବଚାଷୀ ବାସ୍ତବିକ ବହୁତ ପ୍ରେରଣାଦାୟୀ





ନୂଆଦିଲ୍ଲୀ, ୨୨।୨(ପିଆଇବି):ରବିବାର'ମନ କି ବାତ'ର ୧୩୧ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣରେ ଓଡ଼ିଶାରୁ ଆତ୍ମନିର୍ଭର କୃଷିର ସଫଳ ଦୃଷ୍ଟାନ୍ତ ରଖାଯାଇଛି। ଯୁବଚାଷୀ ହିରୋଦ ପଟେଲଙ୍କ ଅଭିନବ ମଡେଲକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ 'ଆମ କୃଷକମାନେ କେବଳ ଅନ୍ନଦାତା ନୁହନ୍ତି । ସେମାନେ ମାଟି ମା'ର ପ୍ରକୃତ ସାଧକ । ମାଟି କିପରି ସୁନା ହେବ, ସେକଥା ଆମେ କୃଷକଙ୍କଠାରୁ ଶିଖିବା । ଆଜିର କୃଷକ ତ ପରମ୍ପରା ଏବଂ ଟେକ୍ନୋଲୋଜି ଉଭୟଙ୍କୁ ସାଥିରେ ନେଇ ଚାଲେ । ମୁଁ ବହୁତ ଖୁସି ଯେ ଆମ କୃଷକମାନେ କେବଳ ଉତ୍ପାଦନ କରୁନାହାନ୍ତି, ତତ୍‌ସହିତ ସେମାନେ ଗୁଣାତ୍ମକତା, ମୂଲ୍ୟ ମିଶ୍ରଣ ଏବଂ ନୂଆ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି । ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ କଥା ବାସ୍ତବିକ ବହୁତ ପ୍ରେରଣାଦାୟୀ । ପ୍ରାୟ ଆଠବର୍ଷ ପୂର୍ବରୁ ସେ ତାଙ୍କ ବାପା ଶିବଶଙ୍କର ପଟେଲଙ୍କ ସହିତ ପାରମ୍ପରିକ ଶୈଳୀରେ ଧାନଚାଷ କରୁଥିଲେ । କିନ୍ତୁ ସେ ଚାଷକାର୍ଯ୍ୟକୁ ଗୋଟିଏ ନୂତନ ଦୃଷ୍ଟିରେ ଦେଖିବା ଆରମ୍ଭ କଲେ । ସେ ନିଜ ଜମିରେ ଥିବା ପୋଖରୀ ଉପରେ ଗୋଟିଏ ଶକ୍ତ ଜାଲି ଡାଙ୍ଗା ତିଆରି କଲେ । ସେଠାରେ ଲତାଜାତୀୟ ପରିବା ଲଗାଇଲେ । ପୋଖରୀ ଚତୁଃଦିଗରେ କଦଳୀ, ପିଜୁଳି ଓ ନଡ଼ିଆ ଗଛ ଲଗାଇଲେ ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ୍ୟ ଆରମ୍ଭ କଲେ । ଏହାଦ୍ୱାରା ଗୋଟିଏ ଜାଗାରେ ପାରମ୍ପରିକ ଚାଷ ହେବା ସହିତ ପରିବା, ଫଳ ଓ ମାଛଚାଷ ମଧ୍ୟ ହେଲା । ଏଥିରୁ ଜମିର ଉତ୍ତମ ଉପଯୋଗ ହେଲା, ପାଣି ସଞ୍ଚିତ ହେଲା ଏବଂ ଅତିରିକ୍ତ ଆମଦାନି ମଧ୍ୟ ହେଲା । ଏବେ, ଦୂରଦୂରାନ୍ତରୁ କୃଷକମାନେ ତାଙ୍କର ମଡେଲ ଦେଖିବାକୁ ଆସୁଛନ୍ତି ।

● ଟ୍ରମ୍ପଙ୍କ 'ମାର୍ -ଏ-ଲାଗୋ ବାସଭବନ'ରେ

## ଅଜଣା ବ୍ୟକ୍ତିଙ୍କୁ ହତ୍ୟାକଲା ସିକ୍ରେଟ୍ ସର୍ଭିସ



ଫ୍ଲୋରିଡା, ୨୨।୨: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫ୍ଲୋରିଡାସ୍ଥିତ ମାର୍ ଏ-ଲାଗୋ ବାସଭବନର ସୁରକ୍ଷିତ ପରିଧିରେ ପ୍ରବେଶ କରିବା ପରେ ଜଣେ ସଶସ୍ତ୍ର ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସିକ୍ରେଟ୍ ସର୍ଭିସ୍ ଠାରୁ ଏହି ସୂଚନା ମିଳିଛି। ସିକ୍ରେଟ୍ ସର୍ଭିସ କର୍ତ୍ତୃପକ୍ଷ କହିଛନ୍ତି ଯେ ସେହି ବ୍ୟକ୍ତି ଏକ ବନ୍ଧୁକ ଏବଂ ଇନ୍ଧନ କ୍ୟାନ୍ ଧରି ଯାଉଥିବା ବେଳେ ତାଙ୍କୁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ଏବଂ ଜଣେ ସେରିଫ୍‌ଙ୍କ ଡେପୁଟି ଅଟକାଇ ଗୁଳି କରିଥିଲେ। ଘଟଣାଟି ରବିବାର ସକାଳେ ପ୍ରାୟ ୦୧:୩୦ ସମୟରେ ଘଟିଥିଲା, ସେତେବେଳେ ରାଷ୍ଟ୍ରପତି ୱାଶିଂଟନ୍ ଡିସିରେ ଥିଲେ।ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । କିନ୍ତୁ ତାଙ୍କ ବୟସ ୨୧ ବର୍ଷ ବୟସ। ସେ ନର୍ଥ କାରୋଲିନାର ଅଷ୍ଟିନ ଟକର ମାର୍ଟିନ ବୋଲି ଏକ ସୂତ୍ରରୁ ପ୍ରକାଶ। ଏକ ଖବର ସଂସ୍ଥା ମୁତାବକ 'ଆଜି ସକାଳେ ମାର-ଏ -ଲାଗୋର ସୁରକ୍ଷିତ ପରିଧିରେ ବେଆଇନ ଭାବରେ ପ୍ରବେଶ କରୁଥିବା' ଦେଖିବା ପରେ ସିକ୍ରେଟସେବା ଏଜେଣ୍ଟମାନେ ତାଙ୍କ ଉପରେ ଗୁଳି ଚଳାଇଥିଲେ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଅନେକ ହତ୍ୟା ଷଡ଼ଯନ୍ତ୍ର କିମ୍ବା ପ୍ରୟାସର ଟାର୍ଗେଟ ହୋଇଛନ୍ତି।

● ଅଶ୍ଳୀଳ ଭିଡିଓ ଦେଖାଇ ଦୁଷ୍କର୍ମ !

## ଆଇଆରଏସ୍ ଅଫିସରଙ୍କ ବିରୋଧରେ ମାମଲା

ଭୁବନେଶ୍ୱର, ୨୨।୨(ନିପ୍ର): ଅଶ୍ଳୀଳ ଭିଡିଓ ଦେଖାଇ ଦୁଷ୍କର୍ମ କଲେ ଜଣେ ଆଇଆରଏସ ଅଫିସର । କ୍ୱାର୍ଟର୍ସ ଭିତରେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି ଓ ସହିଦନଗର ଥାନା ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଯୁବତୀଙ୍କ ସହିତ ଜୋରଜବରଦସ୍ତ କରି ସମ୍ପର୍କ ରଖି ଭିଡିଓ ଉତ୍ତୋଳନ କରି ଧମକାଉ ଥିଲେ ଅଧିକାରୀ ଓ ବାରମ୍ବାର ସମ୍ପର୍କ ରଖିବାକୁ ଡାକୁଥିଲେ ବାଧ ହୋଇ ପୀଡିତା ଯୁବତୀ ଥାନାରେ ହୋଇଛନ୍ତି ଦ୍ୱାରସ୍ଥ । ୧୫ ତାରିଖରେ ଦୁଷ୍କର୍ମ ହୋଇଥିବା ନେଇ ସହିଦନଗର ଥାନାରେ ଅଭିଯୋଗ ଦାଖଲ କରିଛନ୍ତି ମହିଳା । ଡାକ୍ତରୀମାଇନା ସହ ପୀଡିତାଙ୍କ ବୟାନ ରେକର୍ଡ କରିଛି ପୋଲିସ। ପରେ ଅଶ୍ଳୀଳ ଫଟୋ ଭାଇରାଲ ନେଇ ମଧ୍ୟ ଧମକ ଦେଇଛନ୍ତି ଅଭିଯୁକ୍ତ ଜଣଙ୍କ । ଏ ନେଇ ଅଭିଯୋଗ ପରେ ଖୋଳତାଡ଼ ଜାରି ରଖିଛି ସହିଦନଗରଥାନା ପୋଲିସ । ପୁଲିସ ମାମଲା ରୁଜୁ କରି ଆଇଆରଏସ ଅଫିସରଙ୍କ ବିରୋଧରେ ୬୪ (୧) ଦଫା ଲଗାଇଥିବାଏକ ସୂତ୍ରରୁ ପ୍ରକାଶ।

## ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମ ପାଇଁ ସମସ୍ତ କଲେଜକୁ ଚିଠି

ଭୁବନେଶ୍ୱର, ୨୨।୨(ନିପ୍ର): ମାର୍ଚ୍ଚ ୩୧ସୁଦ୍ଧା ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମ ପାଇଁ ସମସ୍ତ କଲେଜକୁ ଚିଠି । ରାଜ୍ୟର ସମସ୍ତ କଲେଜ ଗୁଡିକୁ ଚିଠି ଜାରି କଲା ବିଭାଗ । ଉଚ୍ଚ ଶିକ୍ଷା ବିଭାଗ କଲେଜ ଅଧକ୍ଷ ମାନଙ୍କୁ ରିକଲ୍ କରାଇଛି । ମାର୍ଚ୍ଚ ୩୧ ତାରିଖସୁଦ୍ଧା ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମ କରେଇବାକୁ ଚିଠିରେ କୁହାଯାଇଛି । ଏପ୍ରିଲ ୩୦ ସୁଦ୍ଧା ଏଚଆଇଏମଏସ ପୋର୍ଟାଲରେ କାର୍ଯ୍ୟକ୍ରମ ତଥ୍ୟ ରଖିବେ କଲେଜ ।

## ବନ୍ଧୁକ ଦେଖାଇ ନବବଧୂଙ୍କୁ ନେଇଗଲେ



ସୁବର୍ଣ୍ଣପୁର, ୨୨।୨(ନିପ୍ର): ବାହାଘର ସାରି କନ୍ୟାକୁ ଧରି ଫେରୁଥିଲା ବର । ଅଧା ରାସ୍ତାରେ ବନ୍ଧୁକ ଦେଖାଇ ନବବଧୂକୁ ନେଇଗଲା ପ୍ରେମିକ । ଶେଷରେ ଶିଶୁପାଳ ହୋଇ ଫେରିଛନ୍ତି ବର । ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଞ୍ଚଳରେ ରବିବାର ଘଟିଛି ଏଭଳି ରୋଚକ ଘଟଣା ।ବଲାଙ୍ଗିରର ରିଙ୍କୁ ପୁଟେଲଙ୍କ ସହିତ ବୌଦ୍ଧ ଜିଲ୍ଲା କଂଟାମାଳର ରଶ୍ମିଙ୍କ ବିବାହ ହୋଇଥିଲା । ରବିବାର ପୂର୍ବାହ୍ନରେ କଂଟାମାଳରୁ ବଲାଙ୍ଗିର କାମାକ୍ଷୀନଗର ଫେରୁଥିଲେ ବରବଧୂ । ତରଭା ଥାନା ନିକଟରେ ଅଚାନକ ୪/୫ ଜଣ ଯୁବକ ଆସି ଗାଡ଼ି ଅଟକାଇ ଥିଲେ । ଗାଡ଼ି ଅଟକିବା ପରେ ବନ୍ଧୁକ ଦେଖାଇ ଗାଡିରୁ ନବବଧୂକୁ ନେଇଯାଇଥିଲେ । ଏହି ଘଟଣାକୁ ନେଇ ତରଭା ଥାନାର ଦ୍ୱାରସ୍ଥ ହୋଇଛନ୍ତି ବର । ପୋଲିସ ଘଟଣାର ତଦନ୍ତ କରୁଛି ।

## ୨୬ରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍



ଭୁବନେଶ୍ୱର, ୨୨।୨:ଆସନ୍ତା ୨୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍। ଫେବୃଆରୀ ୨୬ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ, ସେମାନଙ୍କର ୪ ଦିନିଆ ଓଡ଼ିଶା ଗସ୍ତ ରହିଛି। ଏଥିରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହ ୧୦ ଜଣିଆ ଟିମ୍‌ରେ ଓଡିଶାକୁ ଆସିବେ। ଏହି ୪ ଦିନିଆ ଗସ୍ତ ସମୟରେ ସମ୍ବଲପୁର ଓ ଝାରସୁଗୁଡା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ନେଇ ସୂଚନା ମିଳିଛି। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଘୁଞ୍ଚିଲା ମହାନଦୀ ଜଳ ବିବାଦ ଶୁଣାଣି। ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସ୍ପଟ୍ ଭିଜିଟ୍ ହେବ। ଟ୍ରିବ୍ୟୁନାଲ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ। ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ ଅବଧି ଶେଷ ହେବାକୁ ଯାଉଛି।

■ ଦ୍ରୁତଗାମୀ ଟ୍ରେଲର- ବୋଲେରୋ ଧକ୍କା

## ୫ ପୋଲିସଙ୍କ ଜୀବନ ନେଲା

- ମୃତକଙ୍କୁ ଦିଆଗଲା 'ଗାର୍ଡ ଅଫ୍ ଅନର'
- ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା
- ଶୋକ ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ









ଝାରସୁଗୁଡା, ୨୨।୨: ଝାରସୁଗୁଡା ସଦର ଥାନା ସମ୍ମୁଖରେ ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗାମୀ ଟ୍ରେଲର ଓ ପୋଲିସ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଭୋର୍ ପ୍ରାୟ ସାଢ଼େ ୪ଟାରେ ଦୁର୍ଘଟଣା ଘଟିଥିଲା। ଝାରସୁଗୁଡ଼ା ଜିଲା ସଦର ଥାନାରୁ ପ୍ରାୟ ଶହେ ମିଟର ଦୂର ଏଚ୍ କଣ୍ଡାପାଲି ଏନ୍‌ଏଚ୍ ୪୯ରେ ଘଟିଛି। ସୂଚନା ଅନୁସାରେ, ୮ ଜଣ ରିଜର୍ଭ ପୋଲିସ କର୍ମଚାରୀ ଏକ ବୋଲେରୋ ନମ୍ବର(ଓଡି-୦୫-ସି-୫୪୪୦) ଯୋଗେ ଲଖନପୁର ବ୍ଲକର କୁମର ଗ୍ରାମରୁ ଏକ ବିବାହ ଅନୁଷ୍ଠାନରେ ଯୋଗଦେଇ ବ୍ରଜରାଜନଗର ପଟୁ ଝାରସୁଗୁଡାକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ନମ୍ବର (ସିଜି-୦୪-ଏଚଡବ୍ଲ୍ୟୁ-୬୩୮୩) ଭୟଙ୍କର ଭାବେ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବୋଲେରୋଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୋଲିସ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ୫ ଜଣଙ୍କୁ ଡାକ୍ତର ଘଟଣାସ୍ଥଳରେ ମୃତ ଘୋଷଣା କରିଥିବାବେଳେ ୩ ଜଣଙ୍କୁ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୨ ଜଣ ସଂକଟାପନ୍ନ ଅବସ୍ଥାରେ ବରଗଡ଼ର ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଣେ ଝାରସୁଗୁଡାରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଲଖନପୁରର ଲିଙ୍ଗରାଜ ଧୁରୁଆ (୫୦), କୁମ୍ଭାରବନ୍ଧର ଭକ୍ତ ମିର୍ଧା (୪୦), ସୁନ୍ଦରଗଡ଼ ଜିଲ୍ଲା ଟିଙ୍ଗେରକେଳାର ନିରଞ୍ଜନ କୁଜୁର (୫୮), ସରେଇପାଲିର କାଶୀରାମ ଭୋଇ (୪୦) ଓ ଟାଙ୍ଗରପାଲିର ଦେବଦତ୍ତ ସା (୪୦)। ଗୁରୁତର ଆହତମାନେ ହେଲେ ଗାୟତ୍ରୀନଗରର ଦୁବରାଜ ମିରିଗୀ (୩୫), ସମ୍ବଲପୁରର ରାଜୀବ ଭରାସାଗର (୩୦) ଓ ତାଳପଟିଆର ଆକାଶ କୁମାର ନାଇକ (୩୦)। ଖବର ପାଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚଭନ ଓ ଏସପି ଗୁଣ୍ଡୁଲା ରାଘବେନ୍ଦ୍ର ରେଡ୍ଡୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ ଏବଂ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରଲର ଓ ତାହାର ଚାଳକକୁ ସଦର ଥାନାରେ ଅଟକ ରଖାଯାଇଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଖବର ପ୍ରସାରିତ ହେବା ପରେ ପୋଲିସ ବିଭାଗ ଓ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିଲା। ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଟ୍ରେଲର ଚାଳକଙ୍କୁ ଅଟକ ରଖାଯାଇଛି ଓ ଗାଡିଟିକୁ ଜବତ କରାଯାଇଛି। ମୃତ ପୋଲିସଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଝାରସୁଗୁଡା ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀ ମୃତ୍ୟୁ ଘଟଣାରେ ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

ଲଘୁଚାପ କ୍ଷେତ୍ର ସକ୍ରିୟ

## ୧୫ରୁ ଅଧିକ ଜିଲ୍ଲାରେ ବର୍ଷିପାରେ

ଭୁବନେଶ୍ୱର, ୨୨।୨: ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଏହାର ପ୍ରଭାବରେ ରାଜ୍ୟର ୧୫ରୁ ଅଧିକ ଜିଲ୍ଲାରେ ଘଡଘଡି ସହ ବର୍ଷିବ । ବଜ୍ରପାତ ସହ ୩୦ରୁ ୪୦ କିମି ବେଗରେ ପବନ ବହିପାରେ। କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ ।ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ସୀମାବର୍ତ୍ତୀ ଭାରତ ସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏହାର ପ୍ରଭାବରେ ଓଡ଼ିଶାର କିଛି ଜିଲ୍ଲାରେ ସୋମବାର ଠାରୁ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି । ଶନିବାର ଅପରାହ୍ନ ୨ ଟା ୩୦ ସମୟରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ସମୁଦ୍ର ପତନରୁ ପ୍ରାୟ ୫.୮ କି.ମି. ପର୍ଯ୍ୟନ୍ତ ବିସ୍ତାରିତ ଅଛି । ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଆହୁରି ସକ୍ରିୟ ହେବାର ସମ୍ଭାବନା ରହିଛି । ଫେବୃଆରୀ ୨୩ ସକାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଶୁଷ୍କ ପାଗ ରହିବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏହି ସମୟରେ କୌଣସି ସତର୍କତା ଜାରି ହୋଇନାହିଁ ।

## ଚାକିରି ଆଶାୟୀଙ୍କଠାରୁ ୮.୩୬ ଲକ୍ଷ ଠକେଇ

ସମ୍ବଲପୁର, ୨୨।୨: ହୋମଗାର୍ଡ ଚାକିରି ଯୋଗାଇ ଦେବା ବାହାନାରେ ୬ ଜଣ ଚାକିରି ଆଶାୟୀଙ୍କୁ ୮.୩୬ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଯୁଯୁମୁରା ପୋଲିସ ରବିବାର ଅଭିଯୁକ୍ତ ଦିଲ୍ଲୀପ କୁମାର ସାହୁଙ୍କୁ ଗିରଫ କରିଛି ।ସମ୍ବଲପୁର ଅତିରିକ୍ତ ଏସପି ଅଜୟ କୁମାର ମିଶ୍ରଙ୍କ ଅନୁଯାୟୀ, ଅଭିଯୁକ୍ତ ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା ଯେ ସେ ପୋଲିସ ବିଭାଗର ଅଧିକାରୀମାନଙ୍କୁ ଜାଣନ୍ତି ଏବଂ ସାକ୍ଷାତକାର ସମୟରେ ସେମାନଙ୍କ ଚୟନ ନିଶ୍ଚିତ କରିବେ। ହୋମଗାର୍ଡ ଲିଖିତ ପରୀକ୍ଷା ଫଳାଫଳ ଘୋଷଣା ହେବା ପରେ, ଆଶାୟୀମାନଙ୍କ ନାମ ତାଲିକାରୁ ଗାଏବ ହୋଇଯାଇଥିଲା। ସେମାନଙ୍କ ଟଙ୍କା ଫେରସ୍ତ ଦାବି କରିବା ପରେ, ଅଭିଯୁକ୍ତ ମନା କରିଦେଇଥିଲେ। ଅଭିଯୋଗ ପରେ,ଏଫଆଇଆର ରୁଜୁ କରାଯାଇଥିଲା ଏବଂ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ, ଦିଲ୍ଲୀପଙ୍କୁ ଗିରଫ କରାଯାଇଥିଲା। ଅତିରିକ୍ତ ଏସପି କହିଛନ୍ତି ଯେ ସେ ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ସାକ୍ଷାତକାର ସମୟରେ ଅଧିକାରୀମାନଙ୍କୁ ପ୍ରଭାବିତ କରିବେ ଯାହା ଦ୍ୱାରା ସେମାନେ ଚାକିରି ପାଇପାରିବେ, କିନ୍ତୁ ତାହା କରିବାରେ ଅଭିଯୁକ୍ତ ବିଫଳ ହୋଇଥିଲେ।

## ପୁରୀ ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ !



ପୁରୀ, ୨୨।୨: ପୁଣି ଭାଇରାଲ୍ ହୋଇଛି ଶ୍ରୀକ୍ଷେତ୍ର ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଭିତରୁ ଆକାଶ ମାର୍ଗରୁ ଦୃଶ୍ୟ ଦେଖାଯାଉଥିବା ଏକ ଡ୍ରୋନ୍ ଭିଡିଓ ପୁଣି ଭାଇରାଲ୍ ହୋଇଛି, ଯାହା ମନ୍ଦିର ସୁରକ୍ଷା ଉପରେ ବ୍ୟାପକ ସମାଲୋଚନା ଏବଂ ଗମ୍ଭୀର ଚିନ୍ତା ତଥା ଆଲୋଚନା ସୃଷ୍ଟି କରିଛି। ଏକ ସଂସ୍ଥା ଦ୍ୱାରା ସେୟାର କରାଯାଇଥିବା ଏହି ଫୁଟେଜ୍ ମନ୍ଦିର ନିକଟରେ ଡ୍ରୋନ୍ ଉଡ଼ାଣ ଉପରେ ଲଗାତାର ଉଲ୍ଲଂଘନ ବିଷୟରେ ବିତର୍କକୁ ପୁଣି ଆରମ୍ଭ କରିଛି। ଡ୍ରୋନ୍ ପ୍ରତିରୋଧୀ ସିଷ୍ଟମ୍ ସ୍ଥାପନ କରିବା ବିଷୟରେ ପୁରୀ ପୋଲିସ ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ, ଏପରି ଘଟଣା ସାମ୍ନାକୁ ଆସୁଛି। ଏକ ସୂତ୍ରରୁ ଜଣାପଡ଼ିଛି ଯେ ଗତ ୧୯ ମାସରେ ମନ୍ଦିର ଉପରେ ଏବଂ ନିକଟରେ ଅତି କମ୍‌ରେ ୧୦ ଥର ଡ୍ରୋନ୍ ବେଆଇନ ଭାବରେ ପରିଚାଳିତ ହୋଇଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ମନ୍ଦିର ଉପରେ କିମ୍ବା ନିକଟରେ ଡ୍ରୋନ୍ ଉଡ଼ାଣକୁ କଡ଼ା ନିଷିଦ୍ଧ ଏବଂ ଏହାକୁ ଅପରାଧ ଭାବରେ ବିବେଚନା କରାଯାଇଛି। ତଥାପି, ଭାଇରାଲ ଫୁଟେଜ୍ ପୁନରାବୃତ୍ତି ତଦାରଖ ଏବଂ କାର୍ଯ୍ୟକାରୀତାରେ ତ୍ରୁଟିକୁ ସୂଚିତ କରୁଛି। ପୁରୀ ପୋଲିସ ଏବଂ ମନ୍ଦିର ପ୍ରଶାସନ ବର୍ତ୍ତମାନ ସଦ୍ୟତମ ଫୁଟେଜର ସତ୍ୟତା ଯାଞ୍ଚ କରୁଛନ୍ତି ଏବଂ ଦାୟୀଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଚଳାଇଥିବା ଏକ ସୂତ୍ରରୁ ପ୍ରକାଶ। କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରିଛନ୍ତି ଯେ ଶ୍ରୀମନ୍ଦିରର ପବିତ୍ରତାକୁ ସୁରକ୍ଷା ଦେବା ପାଇଁ ଉନ୍ନତ ଡ୍ରୋନ୍ ପ୍ରତିରୋଧୀ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବା ଏକ ପ୍ରାଥମିକତା ରହିଛି।

## ଆତ୍ମସମର୍ପଣ କଲେ ୨ ନକ୍ସଲନେତା

ମାଲକାନଗିରି, ୨୨।୨: ମାଲକାନଗିରି ଜିଲ୍ଲା ପଡ଼ୋଶୀ ରାଜ୍ୟ ତେଲେଙ୍ଗାନାର ଦୁଇ ନକ୍ସଲ ନେତା ଆତ୍ମସପମର୍ପଣ କରିଛନ୍ତି। ଭାରତୀୟ ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟିର ଏହି ନକ୍ସଲ ନେତାଦ୍ୱୟ ହେଲେ ଦେବଜୀ ଏବଂ ମଲ୍ଲା ରାଜିରେଡ୍ଡି । ସେମାନେ ତେଲେଙ୍ଗାନା ପୁଲିସ ଏସଆଇବି ନିକଟରେ ଆତ୍ମସମର୍ପଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦେଶର ନକ୍ସଲ ପ୍ରଭାବିତ ଅଞ୍ଚଳରେ ନକ୍ସଲ ମୁକ୍ତ ଅଭିଯାନ ପୂର୍ବ ନିର୍ଦ୍ଧାରିତ ସମୟସୀମା ମାର୍ଚ୍ଚ ୨୦୨୬ ପୂର୍ବରୁ ପ୍ରତିବନ୍ଧିତ ଭାରତୀୟ ନକ୍ସଲ ସଂଗଠନକୁ ଶକ୍ତ ଝଟକା ଲାଗିଛି। କେନ୍ଦ୍ରୀୟ ନକ୍ସଲ ସଂଗଠନର ସାଧାରଣ ସମ୍ପାଦକ ଦେବଜୀ ଓରଫ ଟିପରି ତିରୁପତି , କେନ୍ଦ୍ରୀୟ କମିଟି ସଦସ୍ୟ ମଲ୍ଲା ରାଜିରେଡ୍ଡି ଏବଂ ସଂଗ୍ରାମଙ୍କ ଅନ୍ୟ ୧୩ ଜଣ ହାର୍ଡକୋର ନକ୍ସଲ ସମେତ ମୋଟ ୧୬ ଜଣ ନକ୍ସଲବାଦୀ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବାର ସୂଚନା ମିଳିଛି। ଅପରେସନ କାଗାର -୨ ଗତ କିଛି ଦିନ ପୂର୍ବରୁ କେବଳ ଦେବଜୀ ଏବଂ ରାଜିରେଡ୍ଡିଙ୍କୁ ଟାର୍ଗେଟ କରି ଆରମ୍ଭ କରାଯାଇଥିଲା। ଅପରେସନ ଏବେ ସଫଳ ହେବାକୁ ଯାଉଛି। ଏହି ଅପରେସନ ମାଧ୍ୟମରେ ଦେଶର ସବୁଠାରୁ ବଡ଼ ନକ୍ସଲମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ ଆତ୍ମସମର୍ପିତ ଦୁଇ କେନ୍ଦ୍ରୀୟ କମିଟି ସଦସ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସିବାର ମଧ୍ୟ କାର୍ଯ୍ୟକ୍ରମ ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଏନକାଉଣ୍ଟରରେ ଟଳିଲେ ୩



ଫୁଲବାଣୀ, ୨୨।୨: ପୁଣି ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ଜଙ୍ଗଲରେ ନକ୍ସଲ ଏବଂ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୩ ନକ୍ସଲ ନିହତ ହୋଇଥିବା ବେଳେ ସର୍ଚ୍ଚ ଅପରେସନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ମୃତ ନକ୍ସଲଙ୍କ ପରିଚୟ ମିଳିନାହିଁ। ଆଗାମୀ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ ପାଇଁ ନକ୍ସଲଙ୍କ ବିରୋଧରେ ନିର୍ଣ୍ଣାୟକ ଲଢେଇ ଜାରି ରହିଛି। କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡା ଜଙ୍ଗଲରେ ନକ୍ସଲ ଗତିବିଧି ସୂଚନା ପାଇ ଏସଓଜି ଟିମ୍ ରବିବାର ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହି ସମୟରେ ଜଙ୍ଗଲରେ ଲୁଚିଥିବା ନକ୍ସଲମାନେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏନକାଉଣ୍ଟରରେ ୩ ନକ୍ସଲ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା କ୍ୟାଡର ଥିବା ଜଣାପଡିଛି। ଜଙ୍ଗଲରେ କମ୍ବିଂ ଅପରେସନ ଜାରି ରହିଛି।



# ପୂର୍ଣ୍ଣ ଚନ୍ଦ୍ରଗ୍ରହଣ



**ଏହି ବର୍ଷ ହୋଲି ପର୍ବ ସହିତ ମାର୍ଚ୍ଚ ୩, ମଙ୍ଗଳବାର ଏକ ବିରଳ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ, ଯାହାକୁ ରକ୍ତ ଚନ୍ଦ୍ର ଭାବରେ ଜଣାଶୁଣା, ଘଟିବାକୁ ଯାଉଛି। ଏହି ସ୍ୱର୍ଗୀୟ ଘଟଣା ବିଶେଷ ଗୁରୁତ୍ୱ ରଖେ କାରଣ ଏହା ଭାରତରୁ ଦୃଶ୍ୟମାନ ହେବ - ୨୦୨୪ ଏବଂ ୨୦୨୫ ରେ ହୋଲି ସମୟରେ ଘଟିଥିବା ଚନ୍ଦ୍ରଗ୍ରହଣ ପରି ନୁହେଁ। ପାରମ୍ପରିକ ସମୟ ପ୍ରଭାବଶାଳୀ ହେବା ଯୋଗୁଁ ଏହି ଗ୍ରହଣ ଉତ୍ସବ ପାଳନକୁ ମଧ୍ୟ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି।**

**ଧାର୍ମିକ ଗୁରୁତ୍ୱ:** ହିନ୍ଦୁ ପରମ୍ପରା ଅନୁଯାୟୀ, ଚନ୍ଦ୍ରଗ୍ରହଣ ଆରମ୍ଭ ହେବାର ନଅ ଘଣ୍ଟା ପୂର୍ବରୁ ସୂତକ କାଳ ଆରମ୍ଭ ହୁଏ। ଯେହେତୁ ଏହି ଗ୍ରହଣ ସନ୍ଧ୍ୟାରେ ହେବ, ତେଣୁ ମାର୍ଚ୍ଚ ୩ ତାରିଖ ସକାଳେ ସୂତକ କାଳ ଆରମ୍ଭ ହେବ। ଦ୍ରିକ ପଞ୍ଚାଙ୍ଗ ଅନୁସାରେ, ଚନ୍ଦ୍ର ଗ୍ରହଣ ୨୦୨୬ ମାର୍ଚ୍ଚ ୩ ରେ ପାଳନ କରାଯିବ। ଗ୍ରହଣର ମୋଟ ପର୍ଯ୍ୟାୟ ୦୪:୩୫ରେ ଆରମ୍ଭ ହେବ ଏବଂ ୦୫:୩୩ ରେ ଶେଷ ହେବ, ଏବଂ ଗ୍ରହଣର ଶିଖର ୦୫:୦୪ ରେ ହେବ। ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସମ୍ପୂର୍ଣ୍ଣ ଅବଧି ପ୍ରାୟ ୫୮ ମିନିଟ୍ ହେବ।

### ଚନ୍ଦ୍ରଗ୍ରହଣ କ'ଣ ?

ଚନ୍ଦ୍ରଗ୍ରହଣ, ଯାହାକୁ ଚନ୍ଦ୍ର ଗ୍ରହଣ ମଧ୍ୟ କୁହାଯାଏ, ସେତେବେଳେ ଘଟେ ଯେତେବେଳେ ପୃଥିବୀ ସିଧାସଳଖ ସୂର୍ଯ୍ୟ ଏବଂ ଚନ୍ଦ୍ର ମଧ୍ୟରେ ଗତି କରେ, ଚନ୍ଦ୍ର ଉପରେ ଏହାର ଛାୟା ପକାଇଥାଏ। ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସମୟରେ, ଚନ୍ଦ୍ର ପ୍ରାୟତଃ ଏକ ଗଭୀର ଲାଲ ରଙ୍ଗ ଗ୍ରହଣ କରେ - ଏକ ଘଟଣା ଯାହା ରକ୍ତ ଚନ୍ଦ୍ର ଶବ୍ଦକୁ ଜନ୍ମ ଦିଏ - ଯେତେବେଳେ ଏହା ସମ୍ପୂର୍ଣ୍ଣ ଭାବରେ ପୃଥିବୀର ଛାୟା ଛାୟାରେ ପ୍ରବେଶ କରେ।

### ସାରା ଭାରତରେ ଦୃଶ୍ୟମାନତା:

ଭୌଗୋଳିକ ସ୍ଥାନ ଉପରେ ନିର୍ଭର କରି ଚନ୍ଦ୍ରଗ୍ରହଣର ଦୃଶ୍ୟମାନତା ଭିନ୍ନ ହେବ। ଭାରତର ପୂର୍ବ ଏବଂ ଉତ୍ତର-ପୂର୍ବ ଅଂଶଗୁଡ଼ିକ ଏହି ଘଟଣାର ସର୍ବୋତ୍ତମ ଦୃଶ୍ୟ ଦେଖିପାରିବେ ବୋଲି ଆଶା କରାଯାଉଛି। କିଛି ଅଞ୍ଚଳ ଗ୍ରହଣର ସମ୍ପୂର୍ଣ୍ଣ କିମ୍ବା ଗଭୀର ଆଂଶିକ ପର୍ଯ୍ୟାୟ ଦେଖିପାରନ୍ତି।

## ବିନା ଆଦର୍ଶ ଜୀବନ... ଲକ୍ଷ୍ୟହୀନ



ଆପଣଙ୍କୁ ନିଜ ପାଇଁ ଗୋଟିଏ ଆଦର୍ଶ ଖୋଜିବାର ଆବଶ୍ୟକତା ଅଛି । ଏହି ଆଦର୍ଶ ହୋଇପାରେ ନିଜର ବୃତ୍ତିରେ ଉତ୍କୃଷ୍ଟତା ପ୍ରାପ୍ତ କରିବା, କୌଣସି ରାଜନୈତିକ ବିଚାର,କୌଣସି ଆର୍ଥିକ ପ୍ରଣାଳୀ ଯେମିତି ଆପଣ ଆଗକୁ ବଢିବାକୁ ଚାହାନ୍ତି କିମ୍ବା ସାମାଜିକ ମୂଲ୍ୟର ପାଳନ କରିବା କିମ୍ବା ନୈତିକତା ଏବଂ ଚରିତ୍ରରେ ଅଟଳ ରହିବା । ଏହି ଆଦର୍ଶ ପ୍ରତି ଆମେ ଅଟଳ ଆଉ ପ୍ରତିବଦ୍ଧ ରହିବା ଦରକାର । କୌଣସି ପରିସ୍ଥିତିରେ ନିଜର ସିଦ୍ଧାନ୍ତରେ ପଛକୁ ନ ହଟିବା । ଯଦି ଆବଶ୍ୟକ ପଡିବ ତା'ହେଲେ ତାହା ପାଇଁ ତ୍ୟାଗ କିମ୍ବା ବଳିଦାନ ଦେବା ପାଇଁ ମଧ୍ୟ ତତ୍ପର ରହିବା । ଥରେ ଯେତେବେଳେ ଆମେ ନିଜର ଆଦର୍ଶ ଖୋଜି ନେଇଥାଉ,ଆଉ ଆମ ଭିତରେ ଶ୍ରେଷ୍ଠତମ ଗୁଣ ପ୍ରକଟ ହେବାକୁ ଲାଗିଥାଏ । ଯେପର୍ଯ୍ୟନ୍ତ ଏହା ମିଳେ ନାହିଁ,ଆମେ କେବଳ ଉପରସ୍ତର ଦକ୍ଷତା ହିଁ ପ୍ରାପ୍ତ କରିଥାନ୍ତି କିନ୍ତୁ ଆମେ ନିଜର ପ୍ରକୃତ ଶ୍ରେଷ୍ଠ ସ୍ୱରୂପର ଅନୁଭବ କରିପାରନ୍ତି ନାହିଁ । ବିନା ଆଦର୍ଶରେ ଆମର ଜୀବନ ଲକ୍ଷ୍ୟହୀନ ପ୍ରତୀତ ହୋଇଥାଏ । ବେଳେବେଳେ ଏମିତି ବି ଅଭ୍ୟାସ ହୋଇଥାଏ କି ଜୀବନ ବ୍ୟର୍ଥ ଅଟେ । ସ୍ୱାମୀ ଚିନ୍ମୟାନନ୍ଦ ଜୋର୍ ଦେଇଥାନ୍ତି କି ଆମକୁ ଉଚ୍ଚତମ ଆଦର୍ଶ ଖୋଜିବା ଦରକାର ।ଏହା ସେବା,ନ୍ୟାୟ,ଆତ୍ମ-ବିଶ୍ୱାସ ଅଥବା ଆତ୍ମାନୁଭୂତି କିଛି ବି ହୋଇପାରେ । କିନ୍ତୁ ଆମର ପାଖରେ କୌଣସି ପ୍ରେରଣା ସ୍ରୋତ ହେବା ଦରକାର,ଯିଏ ଆମକୁ ଆମର ସର୍ବୋତ୍ତମ ସ୍ୱରୂପ ଆଡକୁ ନେଇଯିବ । ଆମର ପୂର୍ଣ୍ଣ ପ୍ରକାରର ପ୍ରାପ୍ତିରେ ସହାୟକ ହେବ ତଥା ମାନବ ସେବାର ଦିଶାରେ ପ୍ରେରିତ କରିବ । ଭାବନ୍ତୁ ,ଖେଳକୁଦ ଦଳର ଗୋଟିଏ ଖେଳାଳୀ,ଯଦି ତାହାର ଉଦ୍ଦେଶ୍ୟ କେବଳ ମିତ୍ରଙ୍କ ସହିତ ସମୟ ବିତେଇବା ତଥା ମନୋରଞ୍ଜନ କରିବାକୁ ହେବ,ତା'ହେଲେ ସେ ନିଜର ପୂର୍ଣ୍ଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚି ପାରିବନି । ସ୍ୱାମୀ ଚିନ୍ମୟାନନ୍ଦ କୁହନ୍ତି,ସମସ୍ତଙ୍କର ଅସ୍ତିତ୍ୱ ଅଛି,ମାତ୍ର କିଛି ଜଣ ଅଛନ୍ତି,ଯିଏ ଜୀଅଁନ୍ତି । ଜୀଇଁବା ପାଇଁ ଆପଣଙ୍କର ଗୋଟିଏ ଆଦର୍ଶ ହେବା ଜରୁରୀ ।

*-ମନୋଜ କୁମାର ବେହେରା*
*ଭୁବନେଶ୍ୱର-୨୨, ମୋ-୭୯୭୮୮୩୦୬୧୧*

## ବସିବା ବେଳେ ଗୋଡ଼ ହଲେଇଲେ କାହିଁକି କୁହନ୍ତି ଅଶୁଭ



ବସିବା ସମୟରେ ଗୋଡ ହଲେଇବା ଏକ ଖରାପ ଅଭ୍ୟାସ ଭାବରେ ବିବେଚନା କରାଯାଏ। ଜ୍ୟୋତିଷ ଶାସ୍ତ୍ର ଏବଂ ବୈଜ୍ଞାନିକଙ୍କ ଦୃଷ୍ଟିକୋଣରୁ, ଗୋଡ ହଲେଇବାକୁ ଅଶୁଭ ବୋଲି ବିବେଚନା କରାଯାଏ, ଏହା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ଧନ ସହିତ ସିଧାସଳଖ ଜଡିତ । ଆସନ୍ତୁ ଜାଣିବା ଏହାର ଅସୁବିଧା । ବସିବା କିମ୍ବା ଶୋଇବା ସମୟରେ ଗୋଡ ହଲାଇବା କେବଳ ଭୁଲ ଅଭ୍ୟାସ ନୁହେଁ ବରଂ ଜ୍ୟୋତିଷ ଶାସ୍ତ୍ର ସହିତ ଏହାର ଗଭୀର ସମ୍ପର୍କ ଅଛି । ଶାସ୍ତ୍ର ଅନୁଯାୟୀ, ଉଚ୍ଚ ସ୍ଥାନରେ ଖଟ, ଚେୟାର, ବେଡ୍ ଇତ୍ୟାଦି ଉପରେ ବସି କିମ୍ବା ଶୋଇବା ସମୟରେ ଗୋଡ ଚଳାଇବା ଚନ୍ଦ୍ରକୁ ରାଶିରେ ଦୁର୍ବଳ କରିଥାଏ। ଏପରି ପରିସ୍ଥିତିରେ, ଚନ୍ଦ୍ରର ଅପ୍ରାକୃତିକ ପ୍ରଭାବ ଯୋଗୁଁ ଜଣେ ବ୍ୟକ୍ତିଙ୍କୁ ମାନସିକ ଚାପ ଦେଇ ଗତି କରିବାକୁ ପଡ଼େ । ଚନ୍ଦ୍ରର ପୁରୁଷୋତ୍ତମ ପ୍ରଭାବ ହେତୁ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟରେ ଶାନ୍ତି ପାଆନ୍ତି ନାହିଁ, ସେ ଆଗାମୀ ଦିନରେ ସ୍ୱାସ୍ଥ୍ୟ କିମ୍ବା ଆର୍ଥିକ ସଙ୍କଟ ଦେଇ ଅସୁବିଧାରେ ପଡ଼ନ୍ତି। ଟଙ୍କା ଖର୍ଚ୍ଚ ବଢିବା ଆରମ୍ଭ ହୁଏ । ବସିଥିବା ସମୟରେ ପାଦ ହଲାଇବା ଦେବୀ ଲକ୍ଷ୍ମୀଙ୍କ ଅସନ୍ତୋଷର କାରଣ ହୋଇଥାଏ। ବିଶ୍ୱାସ କରାଯାଏ ଯେ ଘରର ଆଶୀର୍ବାଦ ଦୂର ହୋଇଯାଏ ଏବଂ ଦାରିଦ୍ର୍ୟ ବାସ କରିବାକୁ ଲାଗେ । କେବଳ ଏତିକି ନୁହେଁ ମା ଅନ୍ନପୂର୍ଣ୍ଣାଙ୍କୁ ଅସମ୍ମାନ ମା ଲକ୍ଷ୍ମୀଙ୍କୁ ଅପମାନ ବୋଲି ବିବେଚନା କରାଯାଏ, ସେଥିପାଇଁ ଖାଦ୍ୟ ଖାଇବା ସମୟରେ ଗୁରୁଜନ ମାନେ ପାଦ ହଲାଇବାକୁ ମନା କରନ୍ତି। ଏହି ମାତା ଲକ୍ଷ୍ମୀ କ୍ରୋଧିତ ହୁଅନ୍ତି ଏବଂ ଅର୍ଥ ଏବଂ ଶସ୍ୟ ଅଭାବରୁ ସମଗ୍ର ପରିବାରକୁ କଷ୍ଟ ସହିବାକୁ ପଡେ। କୁହାଯାଏ ପୂଜାପାଠରେ ବସି ପାଦ ହଲେଇବା ଦ୍ୱାରା ଉପାସନା ଏବଂ ଉପବାସ ପ୍ରଭାବହୀନ ହୋଇଯାଏ। ଯେହେତୁ ଏହି ଅଭ୍ୟାସ ଜଣେ ବ୍ୟକ୍ତିର ମାନସିକ କ୍ଷମତା ହ୍ରାସ କରେ । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି କୌଣସି ଜିନିଷରେ ନିଷ୍ପତ୍ତି ନେବାକୁ ସକ୍ଷମ ହୁଅନ୍ତି ନାହିଁ । ବିଜ୍ଞାନରେ ମଧ ଗୋଡ ହଲାଇବା ସ୍ୱାସ୍ଥ୍ୟ ପାଇଁ ଏକ ଖରାପ ଅଭ୍ୟାସ ବୋଲି ବିବେଚନା କରାଯାଏ। ଡାକ୍ତରୀ ବିଜ୍ଞାନରେ ଗୋଡ ହଲେଇବା ଅଭ୍ୟାସକୁ ରେଷ୍ଟଲେସ ଲେଗ ସିଣ୍ଡ୍ରମ ବୋଲି ବର୍ଣ୍ଣନା କରନ୍ତି । ଏହା ଏକ ଗୁରୁତର ରୋଗ। ଏହି ରୋଗ ହେତୁ ହୃଦୟ, କିଡନୀ, ପାର୍କିନ୍ସନ୍ ବୃଦ୍ଧି ସହିତ ସମସ୍ୟାଗୁଡିକ ବଢେ।

**ସ୍ୱାସ୍ଥ୍ୟ କିମ୍ବା ଆର୍ଥିକ ସଙ୍କଟ ଦେଇ ଅସୁବିଧାରେ ପଡ଼ନ୍ତି**

## କାହିଁକି ହୋଇନଥିଲା ରାଧା-କୃଷ୍ଣଙ୍କର ବିବାହ

ଶ୍ରୀକୃଷ୍ଣଙ୍କୁ ପ୍ରେମର ଦେବତା କୁହାଯାଏ । ରାଧା ବିନା କୃଷ୍ଣ ଅଧା । ବୟସର ୧୦ ବର୍ଷ ସେମାନଙ୍କ ଜୀବନ ପ୍ରେମର ରଙ୍ଗରେ ରଙ୍ଗିତ ହୋଇଥିଲା । ରାଧା-କୃଷ୍ଣଙ୍କ ଲୀଳା ଓ ପାଗଳାମୀ କାହାକୁ ଲୁଚା ନାହିଁ । ଆଜି ବି ତାଙ୍କର ଅମର ପ୍ରେମର ଉଦାହରଣ ଲୋକେ ଦେଉଛନ୍ତି । ଯଦିଓ ସେମାନେ ପରସ୍ପରର ହୋଇପାରିଲେ ନାହିଁ, କିନ୍ତୁ ଆଜି ବି ସେମାନଙ୍କ ନାଁ ଏକାଠି ନିଆଯାଉଛି । ଏପରି କ'ଣ କାରଣ ଥିଲା, ଯେଉଁ କାରଣରୁ ରାଧା-କୃଷ୍ଣଙ୍କ ପ୍ରେମ କାହାଣୀ ଅଧା ରହିଗଲା ? ଏହା କେହି ଜାଣନ୍ତି ନାହିଁ । ଏହାର କାରଣ ଗର୍ଗ ସଂହିତା ଏବଂ ପୁରାଣରେ କୁହାଯାଇଛି । ଆସନ୍ତୁ ଜାଣିବା ରାଧା-କୃଷ୍ଣଙ୍କ ବିବାହ କାହିଁକି ହୋଇପାରିଲା ନାହିଁ... ପ୍ରେମ କାହାଣୀ କାହିଁକି ଅଧା ରହିଲା ?



– ଗର୍ଗ ସଂହିତା ଅନୁସାରେ, ଯେତେବେଳେ କୃଷ୍ଣ ତାଙ୍କ ପିଲାଦିନରେ ନନ୍ଦ ବାବାଙ୍କ କୋଳରେ ଖେଳୁଥିଲେ, ସେତିକିବେଳେ ତାଙ୍କୁ ଏକ ଅଦ୍ଭୁତ ଶକ୍ତି ଅନୁଭବ ହୋଇଥିଲା, ଯାହା ରାଧା ବ୍ୟତୀତ ଅନ୍ୟ କେହି ନୁହେଁ । ସେ ସଙ୍ଗେ ସଙ୍ଗେ ବାଲ୍ୟ ଅବସ୍ଥା ଛାଡି ଯୌନାବସ୍ଥାରେ ପ୍ରବେଶ କଲେ । କୁହାଯାଏ ଯେ ଏହି ସମୟରେ ବ୍ରହ୍ମା ଜୀ ରାଧା-କୃଷ୍ଣଙ୍କୁ ବିବାହ କରିଥିଲେ । ବିବାହ ପରେ ସବୁକିଛି ସ୍ୱାଭାବିକ ହୋଇଗଲା । ବିବାହ ପରେ ହିଁ ବ୍ରହ୍ମା ଜୀ ଏବଂ ରାଧା ଜୀ ଅନ୍ତର୍ଧାନ ହୋଇଥିଲେ ଏବଂ କୃଷ୍ଣ ତାଙ୍କ ପିଲାଦିନକୁ ଫେରି ଆସିଥିଲେ ।

– ପୁରାଣ ଅନୁଯାୟୀ, ଯେତେବେଳେ କୃଷ୍ଣ ବୃନ୍ଦାବନ ଛାଡ଼ି ଯାଉଥିଲେ, ସେବେ ସେ ଫେରିବେ ବୋଲି ରାଧାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସେ ରୁକ୍ମିଣୀଙ୍କୁ ଭେଟିଥିଲେ, ଯିଏ ତାଙ୍କୁ ନିଜ ମନରେ ସ୍ୱାମୀ ଭାବରେ ଗ୍ରହଣ କରିଥିଲେ । ଯେତେବେଳେ ରୁକ୍ମିଣୀ ଅନ୍ୟ କାହା ସହିତ ବିବାହ କରୁଥିଲେ, ସେତେବେଳେ କୃଷ୍ଣ ସେଠାରେ ପହଞ୍ଚି ତାଙ୍କୁ ବିବାହ କରିଥିଲେ ।

– ପୁରାଣ ଅନୁସାରେ, ଯେତେବେଳେ ରାଧା-କୃଷ୍ଣ ପିଲାଦିନେ ଭେଟ ହୋଇଥିଲେ, ସେତେବେଳେ ହିଁ ସେମାନେ ପ୍ରେମକୁ ଅନୁଭବ କରିଥିଲେ । ରାଧା କୃଷ୍ଣଙ୍କ ଠାରୁ ୧୧ ମାସ ବଡ ଥିଲେ ଏବଂ ଉଭୟଙ୍କ ପ୍ରେମ ଆଧ୍ୟାତ୍ମିକ ଥିଲା, ତେଣୁ ସେମାନେ କେବେ ବିବାହ ବନ୍ଧନରେ ବାନ୍ଧି ହୋଇନଥିଲେ ।

– ପୌରାଣିକ କଥା ଅନୁସାରେ, ରାଧାଙ୍କୁ ରୁକ୍ମିଣୀଙ୍କ ଆଧ୍ୟାତ୍ମିକ ଅବତାର ବୋଲି ବିବେଚନା କରାଯାଏ । ବର୍ତ୍ତମାନ ଯଦି ଏହି କାହାଣୀଗୁଡିକ ବିଶ୍ୱାସ କରାଯାଏ, ତେବେ ରାଧା-କୃଷ୍ଣଙ୍କ ବିବାହ ସିଧାସଳଖ ହୋଇନଥିଲା, କିନ୍ତୁ ଉଭୟ ଜୀବନସାରା ପରସ୍ପରକୁ ଭଲ ପାଉଥିଲେ ।

– ବ୍ରହ୍ମବୈବର୍ତ୍ତ ପୁରାଣଙ୍କ ଅନୁଯାୟୀ, ରାଧାଙ୍କ ବିବାହ ଯଶୋଦାଙ୍କ ଭାଇ ରାୟାନ ଗୋପାଙ୍କ ସହ ହୋଇଥିଲା । ଏହି କାରଣରୁ ରାଧା ସମ୍ପର୍କରେ କୃଷ୍ଣଙ୍କ ମାଇଁ ହୋଇଥିଲେ, ଯେଉଁକାରଣରୁ ତାଙ୍କର ବିବାହ ହୋଇନଥିବା କୁହାଯାଉଛି । – କୃଷ୍ଣ ମଧ ରୁକ୍ମିଣୀଙ୍କୁ ବିବାହ କରିଥିଲେ, କାରଣ ସେ ଜାଣିଥିଲେ ଯେ ରୁକ୍ମିଣୀ ହେଉଛନ୍ତି ରାଧା । ବାସ୍ତବରେ ରାଧାଙ୍କର ଏକ ରୂପ ଥିଲେ ରୁକ୍ମିଣୀ ।



## ନମ୍ରତା ବିଷୟରେ ପ୍ରେରଣା ଦେଇଥାଏ ରାମାୟଣ

ଆମର ଅତି ପ୍ରିୟ ତଥା ଅତି ସାମାଜିକ ଶିକ୍ଷଣୀୟ ମହାନ୍ ଶାସ୍ତ୍ର ରାମାୟଣରୁ ନମ୍ରତା ବିଷୟରେ ପ୍ରେରଣା ଦେଇଥାଏ। ଭଗବାନ ଶ୍ରୀରାମ ନମ୍ରତାର ଅବତାର ଥିଲେ। ରାଜା ହେବା ସତ୍ତ୍ୱେ, ସେ ନିଷାଦରାଜ କୈବର୍ତ୍ତଙ୍କ ପାଦ ଧୋଇବାକୁ ରାଜି ହୋଇଥିଲେ। ସେ ବୃଦ୍ଧା ଶବରୀଙ୍କ ଦ୍ୱାରା ଚଖାଯାଇଥିବା କୋଳିକୁ ପ୍ରେମର ସହିତ ଗ୍ରହଣ କରିଥିଲେ। ହନୁମାନଜୀଙ୍କ ପରି ଜଣେ ମହାନ ଯୋଦ୍ଧା ଏବଂ ବିଦ୍ୱାନ ମଧ ତାଙ୍କ ନମ୍ରତାରେ ଆକର୍ଷିତ ହୋଇଥିଲେ। ରାମଙ୍କ ସମଗ୍ର ଜୀବନ ଶିକ୍ଷା ଦିଏ ଯେ ଶକ୍ତି ଏବଂ ପଦବୀ ନମ୍ରତାକୁ ବାଧା ଦେବା ଉଚିତ ନୁହେଁ, ବରଂ ଏହାକୁ ବୃଦ୍ଧି କରିବା ଉଚିତ। ସେହିପରି ମହାନ ଶାସ୍ତ୍ର ମହାଭାରତରୁ ମଧ ଶିକ୍ଷା ମିଳିଥାଏ। ମହାଭାରତରେ, ଭୀଷ୍ମ ପିତାମହ, ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ସମୟରେ କହିଥିଲେ ଯେ ନମ୍ରତା ହେଉଛି ରାଜାଙ୍କର ସର୍ବଶ୍ରେଷ୍ଠ ଅଳଙ୍କାର। ଦୁର୍ଯୋଧନର ପତନ ତାଙ୍କ ଅହଂକାର, ଯେତେବେଳେ ପାଣ୍ଡବମାନଙ୍କର ବିଜୟ ସେମାନଙ୍କର ନମ୍ରତା ଏବଂ ଧର୍ମ ପ୍ରତି ସମର୍ପଣ ଯୋଗୁଁ ହୋଇଥିଲା। ସ୍ୱୟଂ ଈଶ୍ୱର ହେବା ସତ୍ତ୍ୱେ, ଶ୍ରୀକୃଷ୍ଣ ଅର୍ଜୁନଙ୍କ ସାରଥି ହୋଇଥିଲେ - ଏହା ନମ୍ରତାର ଏକ ଜ୍ୱଳନ୍ତ ଉଦାହରଣ।

## ନମ୍ର ବ୍ୟକ୍ତି ଈଶ୍ୱରଙ୍କ ସହିତ ମିଶିଯାଏ

ପ୍ରତ୍ୟେକ ମଣିଷ ଜୀବନରେ ନମ୍ରତାର ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ। ନମ୍ରତା କେବଳ ଶବ୍ଦରେ ନୁହେଁ ବରଂ କାର୍ଯ୍ୟରେ ମଧ ପ୍ରକାଶିତ ହେବା ଉଚିତ। ଛୋଟ ଏବଂ ବୃଦ୍ଧ ସମସ୍ତଙ୍କ ପାଇଁ ସମ୍ମାନ, ନିଜ କୃତିତ୍ୱର ଗର୍ବ ନ କରିବା, ଅନ୍ୟମାନଙ୍କ କଥା ଧ୍ୟାନ ଦେଇ ଶୁଣିବା ଏବଂ ନିଜର ଭୁଲ ସ୍ୱୀକାର କରିବା - ଏସବୁ ନମ୍ରତାର ଲକ୍ଷଣ। ଧ୍ୟାନ ଏବଂ ଆତ୍ମ-ପ୍ରତିଫଳନ ମାଧ୍ୟମରେ ନମ୍ରତା ବିକଶିତ ହୁଏ। ସନାତନ ଧର୍ମର ମୂଳ ବାର୍ତ୍ତା ହେଉଛି ଯେ ପ୍ରକୃତ ମହାନତା ନମ୍ରତାରେ ରହିଛି। ଯେପରି ଏକ ନଦୀ ସମୁଦ୍ରରେ ମିଶିବା ପାଇଁ ନିମ୍ନଗାମୀ ପ୍ରବାହିତ ହୁଏ, ସେହିପରି ଜଣେ ନମ୍ର ବ୍ୟକ୍ତି ଈଶ୍ୱରଙ୍କ ସହିତ ମିଶିଯାଏ। ଫଳବାନ ବୃକ୍ଷ ଏବଂ ଜଣେ ସଦ୍ଗୁଣ ବ୍ୟକ୍ତିଙ୍କୁ ପ୍ରଣାମ କରିବା ଦୁର୍ବଳତାର ଲକ୍ଷଣ ନୁହେଁ, ବରଂ ସେମାନଙ୍କର ପରିପକ୍ୱତା ଏବଂ ସମୃଦ୍ଧିର ପ୍ରତୀକ। ତେଣୁ, ଆମକୁ ଅହଂକାର ପରିତ୍ୟାଗ କରି ନମ୍ରତାର ପଥରେ ଚାଲିବାକୁ ପଡିବ, ଯାହା ଜୀବନର ପ୍ରକୃତ ଅର୍ଥ। ଯେପରି ବେଦରେ କୁହାଯାଇଛି, 'ସର୍ବେ 'ଭବନ୍ତୁ ସୁଖିନଃ' - ସମସ୍ତଙ୍କ ଖୁସିରେ ଆମର ଖୁସି ନିହିତ - ଏବଂ ଏହି ଭାବନା କେବଳ ନମ୍ରତାରୁ ଆସେ।



-ଡକ୍ଟର ଅମୂଲ୍ୟ କୁମାର ପଣ୍ଡା, ଯାଜପୁର,ମୋ-୮୨୪୯୫୦୨୭୭୬

## ସଚ୍ଚୋଟତା ସାଜୁଛି ସମସ୍ୟା

ଇତିହାସ ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ ସତ୍ୟ ପଥରେ ଚାଲୁଥିବା ବ୍ୟକ୍ତିମାନେ ସବୁବେଳେ କଷ୍ଟ ପାଇଛନ୍ତି, କିନ୍ତୁ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଜଟିଳ। ଆଜି ଯଦି ଜଣେ ବ୍ୟକ୍ତି ସରଳ ଜୀବନ ଯାପନ କରେ, ନୀତି-ଆଦର୍ଶକୁ ପାଳନ କରେ କିମ୍ବା ଈଶ୍ୱରଙ୍କ ଭକ୍ତିରେ ମଜ୍ଜି ରହେ, ତେବେ ଲୋକେ ତାଙ୍କୁ 'ପଛୁଆ' କିମ୍ବା 'ଦୁର୍ବଳ' ବୋଲି ଆଖ୍ୟା ଦିଅନ୍ତି। ଏହି ନିରନ୍ତର ଉପହାସ ଓ କଟାକ୍ଷ ବ୍ୟକ୍ତିକୁ ମାନସିକ ସ୍ତରରେ ଦୁର୍ବଳ କରିଦିଏ। ଏକ ସରଳ ହୃଦୟର ବ୍ୟକ୍ତି ଯେତେବେଳେ ଦେଖେ ଯେ ତା'ର ସଚ୍ଚୋଟତା ତା' ପାଇଁ ସମସ୍ୟା ସାଜୁଛି, ସେତେବେଳେ ସେ ନିଜର ଅସ୍ତିତ୍ୱ ଉପରେ ସନ୍ଦେହ କରିବା ଆରମ୍ଭ କରେ। କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ପ୍ରକୃତ ଶକ୍ତିଶାଳୀ ବ୍ୟକ୍ତି ସିଏ ନୁହେଁ ଯିଏ ଅନ୍ୟକୁ ଦବାଇ ରଖେ ବରଂ ସିଏ ଯିଏ ସାରା ଦୁନିଆ ବିରୋଧ କଲେ ମଧ ନିଜର ଆଦର୍ଶରୁ ତିଳେ ହେଲେ ବିଚ୍ୟୁତ ହୁଏନାହିଁ। *ଅଖିଳ ତରାଇ ,ଗଞ୍ଜାମ, ମୋ: ୭୭୮୭୦୦୧୦୦୧*

## ମୁନିଗୁଡା ପୋଲିସକୁ ବଡ଼ ସଫଳତା

ରାୟଗଡ଼ା,(ନିପ୍ର): ମୁନିଗୁଡା ପୋଲିସ ଏକ ଚୋରି ଘଟଣାର ତଦନ୍ତ ଚଳାଇ ମାତ୍ର ୨୪ ଘଣ୍ଟା ମଧ୍ୟରେ ଗୋଟିଏ ଚୋରି ଘଟଣାର ପର୍ଦାଫାସ କରି ତିନିଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି । ସେମାନଙ୍କ ନିକଟରୁ କେତେକ ଜିନିଷ ଜବତ କରିଛି । ସେଥି ମଧ୍ୟରେ ରହିଛି ୧୪ଟି ସାନ ରୁପା ମୁଦି, ୧୪ ଗୋଟି ରୁପାମୁଦି, ୫ଗୋଟି ରୁପା ମାଳି, ୨ଗୋଟି ମୋଟର ସାଇକଲ ଏବଂ ନଗଦ ୪ହଜାର ୪୦୦ ଟଙ୍କା ଉଦ୍ଧାର କରିଛି । ମୁନିଗୁଡା ପୋଲିସ ଏହି ଚୋରି ଘଟଣାରେ ପୋଲିସ ଏକ ମାମଲା ରଜୁ କରି ଅଧିକ ତଦନ୍ତ ଚଳାଇଛି । ଏଥି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ଧରିବା ପାଇଁ ତଦନ୍ତକୁ ଜୋରଦାର କରିଛି ।

## ବିଗ୍ରହ ପ୍ରାଣ ପ୍ରତିଷ୍ଠା ମହୋତ୍ସବ

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମାଁ ସର୍ବମଙ୍ଗଳା ମନ୍ଦିରରେ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଅବସରରେ ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବଧାରା ପରିଲକ୍ଷିତ ହୋଇଥିଲା ।

ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ,ଚପୁରିଆ ସରପଞ୍ଚ୍ଵିଷ୍ଣୁ ପ୍ରିୟା ବାଗ,ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ ସମେତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ପୂଜାପାଠ ଓ ହୋମ ଯଜ୍ଞ ସହିତ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । କର୍ତ୍ତା ଭାବରେ ଡଃ ଅସିତ କୁମାର ସାହୁ,ପ୍ରିୟଙ୍କା ନାୟକ,ସୁଶାନ୍ତ କୁମାର ସାହୁ,କନକ ମଞ୍ଜରୀ ସାହୁ,ଜଙ୍ଗସେନ ବାଗ,ମେନକା ବାଗ ଦାୟିତ୍ୱ ତୁଲାଇ ଥିବା ବେଳେ ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ କାର୍ଯ୍ୟ ସମ୍ପାଦନା କରିଥିଲେ । ପ୍ରାଣ ପ୍ରତିଷ୍ଠା ହେଉଛି ଏକ ବିଶେଷ ରୀତିନୀତି, ଯାହା ମାଧ୍ୟମରେ ଦେବତାଙ୍କ ପ୍ରତିମୂର୍ତ୍ତିରେ ଦିବ୍ୟ ଶକ୍ତି ସଂଚାର କରାଯାଏ ।

## ଦଶିପୁର ବିଦ୍ୟାଳୟରେ ମାତୃଭାଷା ଦିବସ

ମାର୍ଶାଘାଇ,(ନି.ପ୍ର) ଭାଷା ହେଉଛି ଏକ ମାତ୍ର ମାଧ୍ୟମ ଯାହା, ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ନିଜର ମନ କଥା ହେଉ କିମ୍ବା ନିଜର କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବାର ମାଧ୍ୟମ ମଧ୍ୟ ପାଲଟିଥାଏ ଭାଷା । ତେଣୁ ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୧ ଫେବୃୟାରୀକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଦଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ପତିତପାବନ ସାମଲ, ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ବେହେରା, ଅତିଥି ଭାବରେ ଯୋଗ ଦେଇଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ମାଝୀ ସଭାପତିତ୍ୱ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଅନ୍ତର୍ଜାତୀୟ ମାତୃଭାଷା ଦିବସ ମାତୃଭାଷାର ସୁରକ୍ଷା ଏବଂ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳଲକ୍ଷ୍ୟ । ୧୭ ନଭେମ୍ବର ୧୯୯୯ ମସିହାରେ ୟୁନେସ୍କୋ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲା । ଏହାପରେ ୨୦୦୦ ମସିହା ୨୧ ଫେବୃୟାରୀରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା । ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଥିଲେ । ମାତୃଭାଷାର ମହତ୍ୱକୁ



ପ୍ରତିପାଦିତ କରିବା ପାଇଁ ଛାତ୍ରଛାତ୍ରୀମାନେ ବକ୍ତୃତା, କବିତା ଓ ସଙ୍ଗୀତ ମାଧ୍ୟମରେ ମାତୃଭାଷା ଦିବସ ପାଳନ କରାଯିବାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ।ଏଥି ସହିତ ଛାତ୍ରଛାତ୍ରୀମାନେ ନିଜ ମାତୃଭାଷାକୁ କିପରି ଆଗକୁ ଆହୁରି ଅଧିକ ଲୋକପ୍ରିୟ କରିପାରିବେ ସେ ନେଇ ନିଜ ନିଜର ମତ ରଖିଥିଲେ ।

## ଯାତ୍ରୀ ପ୍ରତୀକ୍ଷାଳୟ ପାଲଟିଛି କବାଡିଆ ଗୋଦାମ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ୧୬ ନଂ ଜାତୀୟ ରାଜପଥ ରାମେଶ୍ୱର ଛକ ଯାତ୍ରୀ ପ୍ରତୀକ୍ଷାଳୟ ଏବେ ପାଲଟିଛି କବାଡିଆ ଗୋଦାମ । ଦୀର୍ଘ ଦିନ ହେବ ଜଣେ ବ୍ୟକ୍ତି ଏହି ସ୍ଥାନଟିକୁ କବଜା କରି ରହୁ ଥିବାବେଳେ ପରେ ଏହାକୁ କବାଡିଆ ଗୋଦାମ କରିଦେଇଛନ୍ତି । ଏଣେ ଖରା ବର୍ଷାରେ ଯାତ୍ରୀମାନେ ବସ୍‌କୁ ଖୋଲା




ଆକାଶ ତଳେ ଅପେକ୍ଷା କରୁଥିବା ଦେଖାଯାଉଛି । ପ୍ରକାଶ ଥାଉ କି ୧୬ ନଂ ଜାତୀୟ ରାଜପଥ ୬ ଲାଇନ ବିଶିଷ୍ଟ ହେବା ସମୟରେ ଏହି ଛକରେ ଓଭର ବ୍ରିଜ ହେବ ସହିତ ଛକର ଦୁଇ ପଟେ ଦୁଇଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା । କିନ୍ତୁ ଏହାକୁ ଜରି ପାଲ ଘୋଡା ଯାଇ ରଖାଯାଇ ଥିବାରୁ ଏହା ଯାତ୍ରୀଙ୍କ ସୁବିଧାରେ ଲାଗିପାରୁ ନାହିଁ । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଯାତ୍ରୀଙ୍କ ବ୍ୟବହାର ପାଇଁ କିପରି ବ୍ୟବହାର ହୋଇ ପାରିବ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

# ବିକାଶର ବହୁ ଦୂରରେ ମିନିଗାଁଗୁଡା ଗ୍ରାମ



କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ କେ.ସୀତାପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ମିନିଗାଁ ଗୁଡା ଗ୍ରାମ ଯେଉଁଠାରେ ଦୀର୍ଘ ଦିନ ହେବ ପ୍ରାୟ ଷାଠିଏ ପରିବାର ବସତି ସ୍ଥାପନ କରି ଆସୁଛନ୍ତି । କିନ୍ତୁ ଦେଶ ସ୍ୱାଧୀନତା ପାଇ ୭୯ ବର୍ଷ ବିତି ଗଲେ ମଧ ଏହି ଗ୍ରାମ ବିକାଶ ଠାରୁ ବହୁ ଦୂରରେ । ଗ୍ରାମରେ ପାନୀୟ ଜଳ ବ୍ୟବହାର ପାଇଁ ଏକ ପାଣି ଟେଙ୍କର ନିର୍ମାଣ ହୋଇଛି କିନ୍ତୁ କାର୍ଯ୍ୟ କ୍ଷମ ହୋଇନି, ସେହିପରି ଗ୍ରାମରେ ପକ୍କା ରାସ୍ତା ନାହିଁ ଯେଉଁ ମାଟି ରାସ୍ତା ଅଛି ମୁଖ୍ୟ ରାସ୍ତା ସହିତ ସଂଯୋଗୀକରଣ ହୋଇ ନ ଥିବା ରୁ ଗମନାଗମନ ସମସ୍ୟା ନ କହିଲେ ଭଲ । ଏହି ପରି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ବହୁ ସମସ୍ୟାର ସମ୍ମୁଖୀନ ହୋଇ ସରପଞ୍ଚ କେ. ତେଜେଶ୍ୱର ରାଓଙ୍କୁ ଅଭିଯୋଗ ଆଣିବା ପରେ ସରପଞ୍ଚ ଶ୍ରୀ ରାଓ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଥିବା ଦର୍ଶାଇଥିଲେ । ଗ୍ରାମବାସୀ ମାନେ ସେମାନଙ୍କ ସମସ୍ୟାକୁ ନେଇ ବହୁ ଥର ସରକାରଙ୍କର ଦ୍ୱାରସ୍ତ ହେଇ ତାଙ୍କ ସମସ୍ୟାର ସମାଧାନ ପାଇଁ ଗୁହାରୀ କଲେ ସୁଦ୍ଧା ସରକାର କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ମାନଙ୍କ ସରକାରଙ୍କ ପ୍ରତି ବିଶ୍ୱସ ତୁଟି ଯାଇଛି । ସରକାରଙ୍କ ଏହି ଟାଳଟୁଳ ନୀତିରେ ଅତିଷ୍ଠ ହୋଇ ଗ୍ରାମବାସୀ ଏକ ଜୁଟ ହୋଇ ଅଖିଳ ଭାରତ କିସାନ ମଜଦୁର ସଭାର ଜିଲ୍ଲା ସମ୍ପାଦକ କେଦାର ଶବରଙ୍କ ଉପସ୍ଥିତିରେ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ସଂଗଠନରେ ସାମିଲ ହୋଇଥିବା ସୂଚନା ମିଳିଛି । ଅଖିଳ ଭାରତ କିସାନ ମଜଦୁର ସଭାର ଜିଲ୍ଲା ସମ୍ପାଦକ ଓ ସରପଞ୍ଚ କେ.ତେଜେଶ୍ୱର ରାଓ ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ଯାହାକି ମୁଖ୍ୟ ରାସ୍ତା ସହ ଗ୍ରାମ ରାସ୍ତାକୁ ସଂଯୋଗୀ କରଣ କରି ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଖୁବ ଶୀଘ୍ର ନିର୍ମାଣ ସହ ପାନୀୟ ଜଳ ଯୋଗାଣ ଖୁବ ଶୀଘ୍ର ହେବ ବୋଲି ପ୍ରତିଶୃତି ଦେଇଛନ୍ତି ବୋଲି ସାଧାରଣରେ କୁହାଯାଇଛି ।

# ରାୟଗଡ଼ାରେ ମେଡିକାଲ କଲେଜ ପାଇଁ ଫିଟିଲା ବାଟ

ରାୟଗଡ଼ା,(ନିପ୍ର): ରାୟଗଡ଼ାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଫିଟିଲା ବାଟ । ରାଜ୍ୟର ୩ ଜିଲ୍ଲାରେ ଆୟୁର୍ବେଦ ମେଡିକାଲ କଲେଜ ଖୋଲିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥି ମଧ୍ୟରୁ ରାୟଗଡ଼ର ସ୍ଥାନ ରହିଥିବା ଜଣାପଡିଛି । ଶୁକ୍ରବାର ବିଧାନ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତରେ । ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ପ୍ରକ୍ରିୟା କାମ ଯଥାଶୀଘ୍ର ସାରି ସଂରକ୍ଷିତ ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ବାରିଝୋଲା ମୌଜାରେ ପାଖାପାଖି ୧୧୯ ଏକର ସରକାରି ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ସଂରକ୍ଷଣ କରାଯାଇଅଛି । ପୂର୍ବତନ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା । ବର୍ତ୍ତମାନ ଡ଼ବଲ ଇଞ୍ଜିନ ସରକାର ଆଶୁ ପଦକ୍ଷେପ ଗ୍ରହଣ କରିଛନ୍ତି । ନିର୍ଦ୍ଦେଶ ମିଳିବା ପରେ ଜିଲ୍ଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସାରି ସଂରକ୍ଷିତ କରାଯାଇଛି , ପୁଣି ନିର୍ଦ୍ଦେଶ ପାଇବା ପରେ ମେଡିକାଲ କଲେଜ ପାଇଁ ପ୍ରଦାନ କରାଯିବ । ବାରିଝୋଲା ମୌଜାର ଖାତା ନମ୍ବର ୫୩ ର ପ୍ଲଟ ନମ୍ବର ୨୮୭ରେ ୨.୫୨ ଏକର,୨୮୮ ରେ ୭.୭୯ ଏକର,୨୮୯ ରେ ୮.୬୭ ଏକର,୨୯୧ ରେ ୪.୬୪,୨୯୭ ରେ ୦.୬୦ ୨୯୮/୫୮୩୨ରେ ୮.୦୦, ୨୯୯ରେ ୫.୪୭,୩୦୦ ରେ ୪.୦୦,୩୦୪ ରେ ୩୭.୯୪,୩୦୭ ରେ ୨.୫୧ ,୩୦୮ରେ,୧୨.୭୫,୩୦୯ ରେ ୦.୪୧, ଏକର ଏବଂ ପ୍ଲଟ ନମ୍ବର ୩୧୦ରେ ୨୩.୬୫ ଏକର ଜମି ଚିହ୍ନଟ କରାଯାଇଛି । ଏହି ଚିହ୍ନଟ ହୋଇଥିବା ଜମିରେ ମେଡିକାଲ କଲେଜ ଓ ନୂଆ ହସ୍ପିଟାଲ ନିର୍ମାଣ କରାଯିବ ବୋଲି ଜଣାପଡିଛି । ଏହି ଜମି ରାୟଗଡ଼ା ସହରର ଉପକଣ୍ଠରେ ରହିଛି ପୂର୍ବରୁ ଆଦାନୀ ଗ୍ରୁପ୍ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଇଚ୍ଛା କରିଥିଲେ । ଏହି କମ୍ପାନୀ ରାୟଗଡ଼ାରେ ୪୧ ହଜାର ୬୫୩ କୋଟି ଟଙ୍କା ଖର୍ଚ୍ଚରେ ୪ ନିୟୁତ କ୍ଷମତା ବିଶିଷ୍ଟ ଆଲୁମିନା କାରଖାନା ପାଇଁ ଘୋଷଣା କରିଛି ।

ସେଥିପାଇଁ ନିଜର ସିଏସଆର ପାଣ୍ଠିରେ ପରିଚାଳନା କରି ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏହାପରେ ଏହି ବିଷୟରେ ଆଉ କିଛି ତଥ୍ୟ ଜଣା ପଡିନି । ଗତ ୨ ତାରିଖରେ ରାୟଗଡ଼ା ଗସ୍ତ ବେଳେ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏ ସମ୍ପର୍କରେ ରାୟଗଡ଼ା ଉପଜିଲ୍ଲାପାଳ ରମେଶ କୁମାର୍ ଜେନା କହଛନ୍ତି ଯେ, ଜିଲ୍ଲା ପ୍ରଶାସନ ନିକଟରେ ଜମି ଅଛି । ଉଚ୍ଚ ସ୍ତରୀୟ କମିଟି ବୈଠକରେ ଯାହା ନିର୍ଣ୍ଣୟ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯିବ ତଦନୁସାରେ ପଦକ୍ଷେପ ଗ୍ରହଣ କରାଯିବ ।

## ଋଷିପୀଠ ଯୋଗୀମଠ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ନୂଆପଡ଼ା, ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା କଲେଜ୍ ପଡ଼ିଆରେ ଆସନ୍ତା ଏପ୍ରିଲ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଋଷିପୀଠ ଯୋଗୀମଠ ମହୋତ୍ସବ । ଏନେଇ ଆଜି ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି ।

ଏଥିରେ କର୍ତ୍ତା ଭାବରେ ଉଗ୍ର ମାଧବ ମାଝୀ ଓ ବୁଦାଙ୍ଗ ଜାନି ରହିଥିବା ବେଳେ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ କମଳ ଲୋଚନ ଜାନି, ଗୁଜରାତି ଝାଙ୍କର , ଭଗବାନ ଦାଶ ଓ ନରେଶ ମାଝୀ । ମାଆ ରିସିପିଟେନ ଓ ଗଡିଏନଙ୍କ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏଥିରେ ଋଷିପୀଠ ଯୋଗୀମଠ ମହୋତ୍ସବ ପାଳନ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଖଡ଼ିଆଳ ବ୍ଲକର ତୁକଲା, ରିଷିଗାଁ, ଖାସବାହାଲ, ବଡଦୋହେଲ, ଦୋହେଲପଡ଼ା ଓ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବୋଲଧା ଗ୍ରାମ ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ ।ଉଲ୍ଲେଖଯୋଗ୍ୟ ଯେ, ଖଡ଼ିଆଳ ବ୍ଲକ ରିଷିଗାଁ ଗ୍ରାମରେ ଥିବା ଯୋଗୀମଠ ପାହାଡ଼ର ଏକ ଗୁମ୍ଫାରେ ଆଦିମ ମାନବ ମାନଙ୍କ ସାଙ୍କେତିକ ଚିହ୍ନ ଆବିଷ୍କୃତ ହୋଇଛି, ଯାହାକି ଖ୍ରୀଷ୍ଟ ପୂର୍ବ ଦଶ ହଜାର ବର୍ଷର ବୋଲି ଖଡ଼ିଆଳର ଭୂତପୂର୍ବ ରାଜା ଡଃ. ଜିତାମିତ୍ର ସିଂ ଦେଓ ଦାବି କରିଥିଲେ । ସେହିପରି ରିଷିପିଟି ପାହାଡ଼ରେ ମାଆ ରିସିପିଟିଏନ୍ ପୂଜା ପାଉଥିବା ବେଳେ ରାଜ୍ୟ ସରକାର ଏହି ଦୁଇ ପାହାଡକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପୂର୍ବକ ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଦୁଇ ଐତିହାସିକ ପାହାଡର ପ୍ରଚାର ପ୍ରସାର ସହ ଏ ଅଞ୍ଚଳର କଳା ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ପାଇଁ ମହୋତ୍ସବ ଆୟୋଜନ କରାଯାଇଛି ବୋଲି ଆୟୋଜକ କମିଟି କହିଛି । ଆଜିର କାର୍ଯ୍ୟକ୍ରମରେ ଅୟୋଜନ କମିଟିର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

## କଂଗ୍ରେସ ବିଧାୟକ ମାନେ ଆମ ସଂସ୍ପର୍ଶରେ ଅଛନ୍ତି: ସରୋଜ ପାଢ଼ୀ

ଭୁବନେଶ୍ୱର, ରାଜ୍ୟସଭାନିର୍ବାଚନ ପ୍ରସଙ୍ଗରେ ତାରାଙ୍କୁ କାଉଣ୍ଟର କଲେ ସରୋଜ । ବିଜେପି ବିଧାୟକ ସରୋଜ ପାଢୀକହିଛନ୍ତି ଯେ, ତାରା ବାହିନିପତି ବାହାର ଦୁନିଆ ବିଷୟରେ ଜାଣିନାହାନ୍ତି । ଆମ ବିଧାୟକ ମାନେକଂଗ୍ରେସ ସହ ନୁହେଁ, କଂଗ୍ରେସ ବିଧାୟକ ମାନେ ଆମ ସଂସ୍ପର୍ଶରେ ଅଛନ୍ତି । ୪ର୍ଥ ପ୍ରାର୍ଥୀ ଦେଲେ କଂଗ୍ରେସର କିଛି ବିଧାୟକ ଆମକୁସମର୍ଥନ ଦେବେ । ପିସିସି ସଭାପତି ଯେତେ କବାଟ କିଳି ନିଜ ବିଧାୟକଙ୍କୁ ଶପଥ କରାନ୍ତୁ, କିନ୍ତୁ ଫଳ ଓଲଟା ହେବ ।

## ଶ୍ରୀରାମ ନବମୀ ମହୋତ୍ସବ : ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା

ଭଦ୍ରକ,(ନିପ୍ର): ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରିସାରିଥିବା ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଚଳିତ ବର୍ଷ ଶ୍ରୀରାମ ନବମୀ ଅତି ଆକର୍ଷଣ ପାଲଟି ଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ଉଦ୍ଦେଶ୍ୟରେ ସମସ୍ତ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା ଏକ ପ୍ରେସ ବିବୃତିରେ ଜାରି କରିଛି । ନିର୍ଦ୍ଦେଶନାମା ଅନୁସାରେ ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିର ଭାଇବ୍ରେଟର ଲାଗିବ ନାହିଁ । ଯାହାକୁ ମାନ୍ୟବର ସୁପ୍ରିମକୋର୍ଟ ବ୍ୟାନ କରିଛନ୍ତି । ଉଭୟ ମେଢ଼ ଓ ସାଉଣ୍ଡ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେବୁଲରୁ ୧୪ ଫୁଟରୁ କମ ଏବଂ ଓସାର ୧୦ ଫୁଟରୁ କମ୍ ରହିବ । ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ଶ୍ରୀରାମ ଭକ୍ତ ସାତ୍ତ୍ୱିକ ଭୋଜନ ଗ୍ରହଣ କରିବାକୁ ଆଗ୍ରହ କରାଯାଇଛି । ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକରରୁ ବାହାରୁଥିବା ସମସ୍ତ ମେଢ଼ ନେହେରୁ ଷ୍ଟାଡିୟମରେ ଏବଂ ଅନ୍ୟାନ୍ୟ ବ୍ଲକ ଯଥାକ୍ରମେ ଖଇରା, ଚାନ୍ଦବାଲି, ଧାମନଗର, ତିହିଡ଼ି, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରୁ ବାହାରୁଥିବା ମେଢ଼ ଗୁଡ଼ିକ ନୂଆ ବସଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ନ ୩ ଟାରେ ପହଞ୍ଚିବେ । ପୁରୁଣାବଜାର ଆଡୁ ଆସୁଥିବା ମେଢ଼ ଗୁଡ଼ିକ ମୋଟୀ ଛକରେ ଅପରାହ୍ନରେ ୩ ଟାରେ ମିଶିବେ । ଭଦ୍ରକ କଲେଜ୍ ଛକ ଆଡୁ ଆସୁଥିବା ସମସ୍ତ ମେଢ଼ ବନ୍ତ ଛକରେ ଅପରାହ୍ନ ୩ ଟାରେ ମିଶିବେ । ଅସ୍ଥଳ ମେଢ଼ ଟାଉନ ହଲ ଛକରେ ଅପରାହ୍ନ ୪ ଟା ଏବଂ କୁଆଁଶ ମେଢ଼ ଅପରାହ୍ନ ୪.୩୦ ମିନିଟରେ ଟାଉନ ଥାନା ଛକରେ ମିଶିବେ । ମଠସାହି ରାସ୍ତାରେ ଆସୁଥିବା ମେଢ଼ ଗୁଡ଼ିକ ଗୋଶାଳା ଛକରେ ଅପରାହ୍ନ ୪ ଟାରେ ମିଶିବେ । ସମସ୍ତ ସୂଚନା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ମେଢ଼ କମିଟିକୁ ଅବଗତ କରି ଦିଆଯାଉଛି । ଯଦି କୌଣସି ମେଢ଼ ନିର୍ଦ୍ଧାରିତ ନିର୍ଦ୍ଦେଶନାମାକୁ ଅବମାନନା କିମ୍ବା ଅବଜ୍ଞା କଲେ ଉକ୍ତ ମେଢ଼ କମିଟି କ୍ଷେତ୍ରରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୭୫ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତି ସରକାରୀ ସହାୟତାରୁ ବଞ୍ଚିତ

ଭାପୁର,(ନିପ୍ର): ଭାପୁର ବ୍ଲକରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଜରିଆରେ ଅନେକ ଭିନ୍ନକ୍ଷମ ଭତ୍ତା ହାତେଇଥିବା ଅଭିଯୋଗ ହୋଇ ଆସୁଥିବାବେଳେ ଏଠାରେ ପ୍ରକୃତ ହିତାଧିକାରୀ ବଳି ପଡୁଛି । ଏହିଭଳି ଘଟଣା ଗୋଳାପୋଖରୀ ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପ୍ରସାଦ ଗ୍ରାମର ମନୋଜ କୁମାର ମଲ୍ଲିକ(୬୦)ଙ୍କ କ୍ଷେତ୍ରରେ ଦେଖାଦେଇଛି । ସେ ୭୫ ପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀ ହୋଇ ପ୍ରମାଣପତ୍ର ପାଇଥିଲେ ମଧ



ତାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳିପାରିନଥିବା ଭଳି କରୁଣଚିତ୍ର ଭାପୁର ବ୍ଲକରେ ଦେଖିବାକୁ ମିଳିଛି । ମନୋଜଙ୍କ ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ପାଖରେ ରହୁଛନ୍ତି ଦୁଇ ପୁଅ ଏବଂ ଏକମାତ୍ର ଝିଅର ଦୁଇ ବର୍ଷ ହେଲା ବିବାହ ହୋଇଯାଇଛି । ମନୋଜ ପାରାଲିସିସ ରୋଗରେ ଆକ୍ରନ୍ତ ହୋଇ ସର୍ବଦା ଘରେ ପଡି ରହିଛନ୍ତି । ପୁଅମାନେ ରୋଜଗାର କରିଲେ ମଧ ବାପାଙ୍କର କୌଣସି ଦାୟିତ୍ୱ ନେଉ ନ ଥିବାରୁ ସେ ଭିନ୍ନକ୍ଷମ ପ୍ରମାଣପତ୍ର ଧରି ବେସାହାରା ହୋଇପଡିଛନ୍ତି । ଜନସେବା କେନ୍ଦ୍ରରେ ଦୁଇ ବର୍ଷ ହେଲା ଭତ୍ତା ପାଇଁ ଆବେଦନ କରି ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ପ୍ରମାଣପତ୍ରକୁ ଧରି ଭତ୍ତାଟିଏ କରିବା ନିମନ୍ତେ ଧଳା ପୋଷକ ପିନ୍ଧା ସରକାରୀ ବାବୁଙ୍କୁ ଯେତେ କାକୁତିମିନତୀ କରି କହିଲେ ମଧ କେହି ଶୁଣୁ ନ ଥିବା ମନୋଜ କୋହଭରା କଣ୍ଠରେ କହିଛନ୍ତି । ଯାହାଙ୍କୁ ଭୋଟ ଦେଇ ଜିତେଇଥିଲେ ସ୍ଥାନୀୟ ପଂଚାୟତର ଜନପ୍ରତିନିଧିଙ୍କୁ ପକେଟ ଗୁଞ୍ଜା ଦେଇ ପାରୁ ନ ଥିବାରୁ ତାଙ୍କର କୌଣସି କଥା ଶୁଣୁ ନ ଥିବା ଲୋକେ କହିଛନ୍ତି । ଫଳରେ,ଆଜି ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇ ନ ଥିବାରୁ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ଅନଶନ କରିବେ ବୋଲି ପ୍ରକାଶ କରିଛନ୍ତି । କେବଳ ଭତ୍ତା ନୁହେଁ ସେ ଆଜି ପର୍ଯ୍ୟନ୍ତ ୭୫ ପ୍ରତିଶତ ଭିନ୍ନକ୍ଷମ ହୋଇ ମଧ କୌଣସି ସରକାରୀ ସହାୟତା ପାଉ ନ ଥିବା ସେ ଅଭିଯୋଗ କରିଛନ୍ତି ।

## 'ମାତୃଭାଷା ସଂସ୍କୃତି ଓ ପରିଚୟର ମୂଳାଧାର'

ରମ୍ଭା,(ନିପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଆନୁଷ୍ଠାନିକ ରୀତିରେ ପାଳିତ ହୋଇଯାଇଛି । ଏହି ଅବସରରେ 'ବହୁଭାଷୀ ଶିକ୍ଷାରେ ଯୁବ ସ୍ୱର' ପ୍ରସଙ୍ଗ ଆଧାରରେ ଏକ ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାତୃଭାଷାର ମହତ୍ତ୍ୱ, ବହୁଭାଷା ଶିକ୍ଷାର ପ୍ରାସଙ୍ଗିକତା, ଆବୃତି, ସ୍ୱତନ୍ତ୍ରତା ଏବଂ ଯୁବକମାନଙ୍କର ଭୂମିକା ଉପରେ ସାରଗର୍ଭକ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଅନୁଷ୍ଠିତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅଧକ୍ଷ ଡକ୍ଟର ପରିଡା ଉଦବୋଧନରେ ମତବ୍ୟକ୍ତ କରିଥିଲେ ଯେ ମାତୃଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହା ଆମ ଚିନ୍ତା-ଚେତନା, ଭାବ ଆଦାନ ପ୍ରଦାନ, ସଂସ୍କୃତି ଓ ପରିଚୟର ମୂଳାଧାର । ବହୁଭାଷୀ ଶିକ୍ଷା ମାଧ୍ୟମରେ ଯୁବକମାନେ ବିଶ୍ୱମଞ୍ଚରେ ନିଜ ସ୍ଥିତିକୁ ସୁଦୃଢ଼ୀକରଣ କରିପାରିବେ ବୋଲି ସେ ଅଭିହିତ କରିଥିଲେ । ପ୍ରସଙ୍ଗର ଉଦ୍ଦେଶ୍ୟ ବ୍ୟାଖ୍ୟା କରି କହିଥିଲେ ଯେ ଯୁବ ସମାଜ ମଧ୍ୟରେ ମାତୃଭାଷା ପ୍ରତି ଗର୍ବବୋଧ ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ଆଭିମୁଖ୍ୟ । ମୁଖ୍ୟ ଅତିଥି ଭାବରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଜିତ କୁମାର ମୁନି ତାଙ୍କ ଉଦବୋଧନରେ ବହୁଭାଷା ଶିକ୍ଷା ଯୁବକମାନଙ୍କ ବୁଦ୍ଧିମତା, ସୃଜନଶୀଳତା ଓ ସାମାଜିକ ସମନ୍ୱୟକୁ ମଜବୁତ କରେ ବୋଲି କହିଥିଲେ । ସେ କହିଥିଲେ ଯେ ଯୁବ ସ୍ୱରକୁ ଗୁରୁତ୍ୱ ଦେବା ମାନେ ଭବିଷ୍ୟତ ଶିକ୍ଷାକୁ ଦୃଢ଼ୀଭୂତ କରିବା ।

ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ଉତ୍ସବର ସଂଯୋଜନା କରିଥିବା ବେଳେ ଅନୁପମା ଦାସ ମଞ୍ଚ ପରିଚାଳନା କରିଥିଲେ । ଉତ୍ସବ ଆରମ୍ଭରୁ ଶିକ୍ଷକ ପ୍ରଶିକ୍ଷକ ମୁକ୍ତି କାନ୍ତ ବେହେରା ଏକ ଭକ୍ତିମୟ ବିଷ୍ଣୁ ବନ୍ଦନା କରିଥିଲେ ଏବଂ ଅନୁଷ୍ଠାନର ଗୁରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅନୁଷ୍ଠାନ ତରଫରୁ ଦୁଇଦିନ ଧରି ଭାଷଣ ପ୍ରତିଯୋଗିତା ଏବଂ ସୃଜନାତ୍ମକ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଆଜି ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଡ. ନିହାରିକା ସମନ୍ତରାୟ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରଜ୍ଞା ପରିମିତା, ଶିକ୍ଷକ ପ୍ରଶିକ୍ଷିକା ଲିପିଶ୍ରୀ ଦେବୀ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଶିକ୍ଷକ ପ୍ରଶିକ୍ଷକ ମୁକ୍ତି କାନ୍ତ ବେହେରା, ନବୀନ କୁମାର ପ୍ରମାଣିକ, ସୁକୁମାର ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ବବିତା ସିଂ ନାୟକ, ସେବ୍ୱନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, ଲକ୍ଷ୍ମୀଶଙ୍କର ଗୌଡ଼ ଏବଂ ଅନୁଷ୍ଠାନର ସମସ୍ତ ଗୁରୁ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।




# ପଣ୍ୟ ପରିବହନ କରି ପୂର୍ବତଟ ରେଳପଥର ସଫଳତା

ଭୁବନେଶ୍ୱର,(ନିପ୍ର): ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ (ଗଞ୍ଜ) ମୂଳ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ସଫଳତା ସହିତ, ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି । ପୂର୍ବ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜିକୃତ କରିଛି ।

ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି । କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ



ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଏହି ମାଇଲଖୁଣ୍ଟ ଭାରତୀୟ ରେଳବାଇ ଅଧୀନରେ ଏକ ପ୍ରମୁଖ ପଣ୍ୟ ପରିବହନ କ୍ଷେତ୍ର ଭାବରେ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶରେ ସମର୍ଥନ ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ ପଣ୍ୟ ପରିବହନ କାର୍ଯ୍ୟକଳାପରେ ଏହାର ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସର୍ବଦା ପ୍ରତିବଦ୍ଧ ।

## କ୍ଷେତ୍ରବାସୀ ଡି.ଏ.ଭି ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ନିରାକାରପୁର,(ନିପ୍ର): କ୍ଷେତ୍ରବାସୀ ଡି.ଏ.ଭି ମହାବିଦ୍ୟାଳୟର ୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁ ମିଳନ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଇଣ୍ଟରମିଡିଏଟ ଇନ୍ ସାଇନ୍ସ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କ ୫୦ ବର୍ଷ ପୂର୍ତ୍ତି ଅବସରରେ ବନ୍ଧୁ ୭୫ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଭୁଷଣ୍ଡପୁର ମୁଳିଝରଗଡ ସ୍ଥିତ ମା ଉଗ୍ରତାରାଙ୍କ ପୀଠରେ ସମାପନ ହୋଇଯାଇଛି । ଉତ୍ସବ ପ୍ରାରମ୍ଭରୁ ମହାବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କୁ ସ୍ମରଣ କରାଯିବା ସହିତ ଦିବଙ୍ଗତ ଅଧ୍ୟାପକ-ଅଧ୍ୟାପିକା ଏବଂ ବନ୍ଧୁମାନଙ୍କ ଉଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।ପରେ ପରେ ଗୁରୁପୁଜନ ମହାସମାରୋହ କରାଯାଇ ସୁବର୍ଣ୍ଣ ଜୟନ୍ତି ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଅବସରପ୍ରାପ୍ତ ପୁଜ୍ୟ ଗୁରୁ ପ୍ରଫେସର ଗୌଷ୍ଠରହରି ପ୍ରଧାନ ଇଂରାଜୀ ବିଭାଗ,ପ୍ରଫେସର ହର ପ୍ରସାଦ ମହାପାତ୍ର ଉଦ୍ଭିଦ ବିଜ୍ଞାନ ବିଭାଗ, ବାଇଧର ପ୍ରଧାନ,ବଡ଼ବାବୁ ଉତ୍ସବ ରେ ଯୋଗଦେଇ ପୁରାତନ



ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ପ୍ରତ୍ୟେକ ବନ୍ଧୁମାନଙ୍କ ବିଶଦ ପରିଚୟ ପ୍ରଦାନ ପୁର୍ବକ ଭାବର ଆଦାନ ପ୍ରଦାନ ସମୟରେ ଭ୍ଵାବିହ୍ଵଳ ହୋଇପଡୁଥିଲେ ୫୦ ବର୍ଷ ତଳର ଛାତ୍ର ଜୀବନ , ମହାବିଦ୍ୟାଳୟର ପ୍ରତିଛବି ଶ୍ରେଣୀ ଗୃହରେ ପାଠପଢ଼ା ଅଧ୍ୟାପକ ଅଧ୍ୟାପିକା କର୍ମଚାରୀମାନଙ୍କ କର୍ମତତ୍ପରତା ଭଲପାଇବା ଓ ଭଲ ମଣିଷ ହୋଇ ପାରିବାର ସ୍ୱପ୍ନ ସ୍ମୃତି ସବୁକୁ ମନେପକାଇ ଭାବ ବିହ୍ୱଳ ହୋଇପଡୁଥିଲେ । ଉଭୟ ଗୁରୁ ଓ ପୁରାତନ ବିଦ୍ୟାର୍ଥୀ ମାନେ ଆନନ୍ଦ ଉଲ୍ଲାସରେ ମଜିଯାଇଥିଲେ ।

## ଓଡ଼ିଶା ଚାଷୀଙ୍କୁ ପ୍ରଶଂସା କରିଥିବାରୁ ମୋଦିଙ୍କୁ ଧନ୍ୟବାଦ ଜଣାଇଲେ ମନ୍ତ୍ରୀ

ଭୁବନେଶ୍ୱର, : ଭଦ୍ରକ ଠାରେ ଏକାମ୍ରବିଧାୟକ ବାବୁ ସିଂ, ମାନ୍ୟବର ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭଦ୍ରକ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଓ ସ୍ଥାନୀୟଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କି ବାତ' କାର୍ଯ୍ୟକ୍ରମର ୧୩୧ ତମ ସଂସ୍କରଣ ଶୁଣିଛନ୍ତି ଆଇନ ମନ୍ତ୍ରୀପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ସେ କହିଛନ୍ତି ଯେ, ଏହି ସଂସ୍କରଣରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓଡ଼ିଶାର ଯୁବ ଚାଷୀ ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ବ୍ଲକ ରତନପୁର ଗାଁରହିରୋଦ ପଟେଲଙ୍କୁ ପ୍ରଶଂସା କରିଛନ୍ତି ।ଏହା କେବଳ ଏକ ସଂଳାପନୁହେଁ,ବରଂ ଏକ ସାଧନା । ପ୍ରଧାନମନ୍ତ୍ରୀଙ୍କ ଶବ୍ଦରେ ଦେଶବାସୀଙ୍କ ଭାବନା, ସମସ୍ୟା ଏବଂ ପ୍ରେରଣାକୁ ଅନୁଭବ କରିବା ଏକ ସୁନ୍ଦର ଅନୁଭୂତି ।ପ୍ରତିଥର ପରି, ଆଜିମଧ ତାଙ୍କର ଚିନ୍ତାଧାରା ଆମ ହୃଦୟକୁ ସ୍ପର୍ଶ କରିଛି ଏବଂ ରାଷ୍ଟ୍ର ପ୍ରତି ଆମର ନିଷ୍ଠାକୁ ସୁଦୃଢ଼ କରିଛି ବୋଲି ସେ କହିଛନ୍ତି ।

## ଚିଲିକା ଉପରେ ସେତୁ ନିର୍ମାଣ: ଖୁବଶୀଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ

ଭୁବନେଶ୍ୱର,: ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ ଶିଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ । ୮ଗୋଟି ଗ୍ରାମର ଜମି ଅଧିଗ୍ରହଣ କରିବେ ସରକାର । ଗୋପାଳପୁରରୁ ସାତପଡ଼ା ମଧ୍ୟରେ ଏନଏଚ ହେବ ସଂଯୋଗ ।ଜହ୍ନିକୁଦାରୁ ସାତପଡାରେ ଚିଲିକା ଉପରେ ଦୁଇ ଲେନ୍ ବିଶିଷ୍ଟ ବୃହତ ଅତ୍ୟାଧୁନିକ ସେତୁ ହେବ ନିର୍ମାଣ । ଏନଏଚ ସଂଯୋଗୀକରଣ ନିର୍ମାଣ ମଧ୍ୟରେ ଆସୁଥିବା ଆଠଟି ଗ୍ରାମ ଅର୍ଥାତ୍ ବ୍ରହ୍ମଗିରି ତହସିଲର ତିନୋଟି ଗ୍ରାମ ଏବଂ କୃଷ୍ଣପ୍ରସାଦ ତହସିଲର ପାଞ୍ଚଟି ଗ୍ରାମକୁ ନେଇ ଚିଲିକା ହ୍ରଦ ଉପରେମିସିଙ୍ଗ୍ ଲିଙ୍କ୍ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଖୁବ୍ ଶିଘ୍ର ଆରମ୍ଭ ହେବା ନେଇ ଏନଏଚଏଆଇକୁ ଚିଠି ଲେଖିଲେ ପୁରୀ ଜିଲ୍ଲାପାଳ । ବ୍ରହ୍ମଗିରି ତହସିଲର ସାତପଡ଼ା, ଆଲୁପାଟଣା, ଗୋପୀନାଥପୁରପାଟଣାଏବଂ କୃଷ୍ଣପ୍ରସାଦ ତହସିଲର ବ୍ରହ୍ମପୁର, ଭବାନୀପୁର, ମାଁସା, ପାରଳା, ଜାନହିକୁଡା ଗ୍ରାମପାଇଁ ଜମି ଅଧିଗ୍ରହଣ କରାଯିବ । ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆବଶ୍ୟକ ବିଜ୍ଞପ୍ତି ଯଥାଶୀଘ୍ର ପ୍ରକାଶ କରାଯାଇପାରେ ।

ତିଥି : (ଷଷ୍ଠୀ) : (ଦ୍ୱିଜା ମେଷ)

ଅମୃତବେଳା: ଦିବା ଘ.୭ ।୫୧ ମଧ୍ୟେ ୧୧ ।୩ ଗତେ

## ଆଜିର ଅନୁଚିନ୍ତନ

ହେ ଭରତଶ୍ରେଷ୍ଠ ଅର୍ଜୁନ ! ପବିତ୍ର କର୍ମ କରୁଥିବା ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ ବା ପ୍ରେମୀ- ଏହି ଚାରିପ୍ରକାର ମନୁଷ୍ୟ ମୋର ଭଜନ କରନ୍ତି ଅର୍ଥାତ୍ ମୋର ଶରଣାପନ୍ନ ହୁଅନ୍ତି ।।। - ଶ୍ରୀମଦ୍ ଭଗବଦ୍ ଗୀତା

# ଟ୍ରମ୍ପଙ୍କ ସ୍ୱେଚ୍ଛାଚାରିତା

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବିଭିନ୍ନ ରାଷ୍ଟ୍ର ଉପରେ ମନଇଚ୍ଛା ଶୁଳ୍କ ଲାଗୁ କରି ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି । ଇଣ୍ଟରନ୍ୟାସନାଲ ଏମରଜେନସି ଇକୋନୋମିକ ପାୱାର୍ସ ଆକ୍ଟ- ୧୯୬୭ ମୁତାବକ ଶୁଳ୍କ ଲାଗୁ କରିବା କ୍ଷମତା କେବଳ ଆମେରିକା କଂଗ୍ରେସ ବା ପାର୍ଲାମେଣ୍ଟ ନିକଟରେ ହିଁ ରହିଛି । ନିକଟରେ ଆମେରିକା ସୁପ୍ରିମକୋର୍ଟ ଏପରି ରାୟ ଦେଇ ଟ୍ରମ୍ପଙ୍କ ମୁହଁତୋଡ ଅହେତୁକ ଜବାବ ଉପରେ ତୁଣ୍ଡି ବାନ୍ଧିଛନ୍ତି । ଏହି ରାୟ ପରେ ଆମେରିକାରୁ ରପ୍ତାନି କରାଯାଉଥିବା ସାମଗ୍ରୀ ନିମନ୍ତେ ବିଦେଶ ରାଷ୍ଟ୍ରଗୁଡ଼ିକ ଉପରେ ଟ୍ରମ୍ପ ୧୫ ପ୍ରତିଶତ ଶୁଳ୍କ ଲାଗୁ କରିବା ମଧ୍ୟ ନିଜ କ୍ଷମତାର ଏହା ଅପବ୍ୟବହାର ଭାବରେ ପୁନଃ ସାବ୍ୟସ୍ତ ହୋଇଛି କହିଲେ ଅସଙ୍ଗତ ହେବ ନାହିଁ । ଅର୍ଥାତ୍ ୧୫ ପ୍ରତିଶତ ଶୁଳକ ବା ଟାରିଫ ଆମେରିକା କଂଗ୍ରେସ ଲାଗୁ କରିନାହିଁ, ଲାଗୁ କରିଛନ୍ତି ଟ୍ରମ୍ପ ।

ନିଜକୁ ଠିକ୍ ଦର୍ଶାଇବା ଅନ୍ୟ ମତକୁ ଗୁରୁତ୍ୱ ନଦେବା ବା ଉପେକ୍ଷା କରିବାକୁ କୁହାଯାଏ ସ୍ୱେଚ୍ଛାଚାରିତା । ସର୍ବଦା ଆମେରିକାକୁ ବିଶ୍ୱରେ ଶ୍ରେଷ୍ଠ କରାଇବା ଓ ନିଜର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରାଇବା ନେଇ ଟ୍ରମ୍ପ ପାଗଳପଣ ଭାବରେ ଦାବି କରିଆସୁଥିଲେ ବି ଏକଛତ୍ରବାଦୀ କାର୍ଯ୍ୟକଳାପ କାରଣରୁ ଗତବର୍ଷ ଅକଟୋବରରେ ଆମେରିକାରେ 'ନୋ କିଙ୍ଗ'ଆନ୍ଦୋଳନ ଆରମ୍ଭ ହୋଇଥିଲା । ଟ୍ରମ୍ପଙ୍କ ଅହେତୁକ ଟାଣପଣକୁ ଭାରତ ମାନୁ, ଏପରି ଭାବରେ ଟ୍ରମ୍ପ ଭାରତକୁ ଏକଦା ଚାପଗ୍ରସ୍ତ ରଖିଥିଲେ । ଏସସିଓ ସମ୍ମିଳନୀରେ ରୁଷିଆ, ଚୀନ ସହ ସଂପର୍କ ବଢ଼ାଇ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ପ୍ରତି ମୁକାବିଲାମୂଳକ ମନବୃତ୍ତି ପ୍ରକଟ କରିଥିଲେ, ଏହାକୁ ବିଶ୍ୱବାସୀ ଭଲ ଭାବରେ ଲକ୍ଷ୍ୟ କରିଛନ୍ତି । ଏହାକୁ ଅଧିକ ପରିପୁଷ୍ଟ କରିଥିଲା ପରବର୍ତ୍ତୀ ସମୟରେ ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି ।

ତେବେ ଗତ ଫେବୃୟାରୀରେ ଭାରତ-ଆମେରିକା ଚୁକ୍ତି କାରଣରୁ ଯେଉଁ ବାଣିଜ୍ୟିକ ତିକ୍ତତା ବେଶ୍ କିଛି ମାସ ଧରି ସୃଷ୍ଟି ହୋଇଥିଲା ତହିଁରେ ସୁଧାର ଆସିଥିଲା । ଏବେ ଶୁଳ୍କ ୧୫ ପ୍ରତିଶତକୁ ଖସି ଥିବାରୁ ଭାରତ ଯେଉଁ ସଂଯମତା ପୂର୍ବକ ଆଚରଣ ଚଳାଇ ଅର୍ଥନୈତିକ ଯୁଦ୍ଧ ଜାରି ରଖିଥିଲା ସେଥିରେ ବିଜୟ ଘଟିଛି ବୋଲି କହିବାକୁ ହେବ ।

ଏଣିକି ଆମେରିକା ବଜାରରେ ଭାରତୀୟ ଔଷଧ, ଖାଦ୍ୟଶସ୍ୟ, ବିଭିନ୍ନ ଯନ୍ତ୍ରପାତି, ରାସାୟନିକ ସାମଗ୍ରୀ, ଅଳଙ୍କାର, ପୋଷାକ, ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ, ଡିଜିଟାଲ ସେବା ପ୍ରଭୃତିର ବିକ୍ରିବଟା ଭଲ ହେବ । କାରଣ ଟାରିଫ୍‌ରେ ସୁଧାର ଆମେରିକୀୟ ଗ୍ରାହକଙ୍କୁ ଆକର୍ଷିତ କରିବ । ଉଲ୍ଲେଖ କରାଯାଇପାରେ ଯେ ଯେବେ ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଲା ସେଠାକୁ ରପ୍ତାନି କରାଯାଉଥିବା ସାମଗ୍ରୀଗୁଡ଼ିକ ସହ ସଂପୃକ୍ତ ବ୍ୟବସାୟୀମାନେ ପ୍ରଭାବିତ ହୋଇଥିଲେ । ଏଣିକି ସେମାନେ ଆଶ୍ୱସ୍ତ ହେବେ ।

ଉଲ୍ଲେଖ କରାଯାଇପାରେ ଯେ ଦେଶକୁ ସୁରକ୍ଷିତ ରଖିବାକୁ ହେଲେ ଜଣେ ରାଷ୍ଟ୍ରପତି ଅଧିକ ଶୁଳ୍କ ଲାଗୁ କରିପାରିବେ ବୋଲି ଟ୍ରମ୍ପ ଯେଉଁ ଯୁକ୍ତି ବାଢୁଛନ୍ତି ତାହା ବିତଣ୍ଡା ବୋଲି କୁହାଯାଇପାରେ । ଆଲୋଚ୍ୟ ୧୫ ପ୍ରତିଶତ ଟାରିଫ ଲଗାଇ ପରୋକ୍ଷରେ ସେ ଆମେରିକା କଂଗ୍ରେସ ବିରୋଧରେ ହିଁ ଯାଇଛନ୍ତି । ଯଦି ଆମେରିକାର କଂଗ୍ରେସ କଥାକୁ ସ୍ୱୀକାର କରି ଶୁଳ୍କ ପଛରେ ନ ଗୋଡ଼ାଇ ତାହାକୁ ଆମେରିକା କଂଗ୍ରେସ ଉପରେ ଦାୟିତ୍ୱ ଛାଡ଼ିବେ ତାହା ବରଂ ଶ୍ରେୟସ୍କର ହେବ । ଯେପର୍ଯ୍ୟନ୍ତ ନିଜ ସ୍ୱେଚ୍ଛାଚାରିତା ନେଇ ପ୍ରଦର୍ଶନ କରୁଥିବା ଦମ୍ଭରୁ ଟ୍ରମ୍ପ ହଟିନାହାନ୍ତି ସେ ପର୍ଯ୍ୟନ୍ତ ଆମେରିକାରେ ପୁଣି ନୋ କିଙ୍ଗ୍ ଆନ୍ଦୋଳନର ସୂତ୍ରପାତ ହେବା କିଛି ଅସମ୍ଭବ ନୁହେଁ । ଲକ୍ଷ୍ୟ କରାଯାଉଛି ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ୍ୟ ଟ୍ରମ୍ପ ସେହି ରାୟ ପ୍ରତି ସମ୍ମାନ ପ୍ରଦର୍ଶନ କରୁନଥିବା କାରଣରୁ ତାଙ୍କ ବିପକ୍ଷରେ ଆଶଙ୍କା ଆଗକୁ ବଢିବା ଏକ ପ୍ରକାର ନିଶ୍ଚିତ ।

# ଓଡ଼ିଶା ବଜେଟ : ଦ୍ରୁତ ବିକାଶ ଅଭିବୃଦ୍ଧି ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

## ମନସିଜ ଦାସ

୨୦୨୬ ଜାନୁଆରୀ ୩୧ ସୁଦ୍ଧା ଓଡ଼ିଶାରେ ୨୩.୫ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି । ସେଥିରୁ ୯୯.୫ ପ୍ରତିଶତ ହେଉଛି ଅଣୁ ଓ ଅଣ ସଂଗଠିତ ଅଣୁ ଉଦ୍ୟୋଗ । ଏହି ଉଦ୍ୟୋଗ ଗୁଡ଼ିକୁ କ୍ଷୁଦ୍ର ଶିଳ୍ପରେ ପରିଣତ କରିବାପାଇଁ ସହାୟତାର ଆବଶ୍ୟକତା ରହିଛି । ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଏମଏସଏମଇ ପାର୍କ ସ୍ଥାପନ କରୁଛନ୍ତି । ଦ୍ରୁତ ବିକାଶ ଓ ଅଭିବୃଦ୍ଧି ଲକ୍ଷ୍ୟ ରହି ସମୃଦ୍ଧ ଓଡ଼ିଶା ୨୦୩୬ ମହାଯାତ୍ରା ଆରମ୍ଭ କରିଛନ୍ତି ଚଳିତ ଆର୍ଥିକ ବର୍ଷ ବଜେଟ ମାଧ୍ୟମରେ ରାଜ୍ୟ ସରକାର । ଓଡ଼ିଶା ସରକାର ପ୍ରସ୍ତୁତି କରିଥିବା ୩.୧୦ ଲକ୍ଷ କୋଟିର ବଜେଟ ରାଜ୍ୟର ଆର୍ଥିକ ଇତିହାସରେ ସର୍ବବୃହତ୍ । ରାଜ୍ୟବାସୀଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶ ଗତିପଥରେ ତ୍ୱରିତ୍ ବେଗରେ ଆଗେଇ ନେବା ପାଇଁ ସମତୁଲ ଓ ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ରଣନୀତି ପ୍ରସ୍ତୁତ ହୋଇଛି । ତେବେ ମୂଳକଥା ହେଉଛି ବଜେଟର ଅର୍ଥ କେମିତି ଓ କିପରି ବ୍ୟୟ ହେବ ? ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ପୁଞ୍ଜିବ୍ୟୟ ପାଇଁ ପୂର୍ବ ବର୍ଷ ଗୁଡ଼ିକରେ ୬୫,୦୦ କୋଟିରୁ ଅଧିକ ବ୍ୟୟ କରାଯାଇଛି ଯାହା ରାଜ୍ୟ ଆର୍ଥିକତାର ପ୍ରାୟ ୬ ପ୍ରତିଶତ । ରାସ୍ତା, ଶିଳ୍ପ, ପାର୍କ, ଯୋଗାଯୋଗ ଓ ଲଜିଷ୍ଟିକ ସୁବିଧାରେ ଏହି ବ୍ୟୟ ଭବିଷ୍ୟତରେ ଶିଳ୍ପବିକାଶ ଓ କର୍ମ ସଂସ୍ଥାନ ସୃଷ୍ଟି କରିପାରିବ । ତେବେ ଅନୁଭବ ଯାହା ରହିଛି ଘୋଷଣା ଓ କାର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ।

ଲୋକଙ୍କ ଉନ୍ନତି, ରାଜ୍ୟର ପ୍ରଗତି, ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ସରକାର ଛଅଟି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି । ନାଗରିକଙ୍କୁ ପ୍ରାଥମିକତା, ସମସ୍ତଙ୍କ ସମୃଦ୍ଧି, ଗ୍ରାମୀଣ ସଶକ୍ତିକରଣ, ଆମ ପରମ୍ପରା ଆମ ସ୍ୱାଭିମାନ, ପଥପ୍ରଦର୍ଶନକାରୀ ପ୍ରଯୁକ୍ତି ଓ ଲୋକ କୈନ୍ଦ୍ରିକ ଶାସନ ବଜେଟର ମୂଳ ଆଧାର । ଆସନ୍ତା ବର୍ଷ ରାଜ୍ୟର ଅର୍ଥନୀତି ବର୍ତ୍ତମାନ ମୂଲ୍ୟ (ନୋମିନାଲ)ରେ ପାଖାପାଖି ୧୨ ପ୍ରତିଶତ ବଢ଼ିବ । ରାଜ୍ୟର ମୋଟ ଘରୋଇ ଉତ୍ପାଦ ୧୧ ଲକ୍ଷ କୋଟି ଡେଇଁ ଯିବ । ମୋଟ ୩ଲକ୍ଷ ୧୦ ହଜାର କୋଟି ବ୍ୟୟ ବରାଦ ରହିଥିବାବେଳେ ରାଜସ୍ୱ ଆୟ ୨ଲକ୍ଷ ୪୮ ହଜାର ୫୦୦ କୋଟି ହେବ ବୋଲି ସରକାର ଆକଳନ କରିଛନ୍ତି । ବର୍ଷ ଶେଷକୁ ଋଣ ବୋଝ ୧ଲକ୍ଷ ୫୫ ହଜାର କୋଟିକୁ ବୃଦ୍ଧି ପାଇବ । ତେବେ ଏହା ବିତ୍ତୀୟ ଶୃଙ୍ଖଳାର ସୀମାରେଖା (ଜିଏସଡିପିର ୨୫%) ଭିତରେ ରହିବ । ମୋଟ ଋଣ ଜିଏସଡ଼ିପିର ୧୪.୧% ହେବ ବୋଲି ବଜେଟରେ ଦର୍ଶାଯାଇଛି । ଓଡ଼ିଶା ଅର୍ଥନୀତି ଦ୍ରୁତବେଗରେ ଆଗକୁ ବଢୁଛି । ଗତ ଦୁଇ ଦଶନ୍ଧିରେ ଦଶ ଗୁଣା ବଢ଼ି ୧୦ ଲକ୍ଷ କୋଟି ନିକଟତର ହୋଇଛି । ୨୦୦୫-୦୬ରେ ରାଜ୍ୟ ଅର୍ଥନୀତିର ଆକାର ୦.୯୫ ଲକ୍ଷ କୋଟି ଥିଲା । ୨୦୨୫-୨୬ରେ ଏହା ୯.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୧,୮୬, ୭୬୧ ଟଙ୍କା ବୃଦ୍ଧିପାଇଛି ।

ଅର୍ଥ ବିନିଯୋଗ ସମ୍ଭାବନା ସୃଷ୍ଟି କରେ କିନ୍ତୁ ସଠିକ ଓ ଯଥାର୍ଥ କାର୍ଯ୍ୟାନ୍ୱୟନ ହିଁ ପରିବର୍ତ୍ତନ ଆଣିଥାଏ । ଆତ୍ମନିର୍ଭରଶୀଳତା ମୁଖ୍ୟ ହେବା ସହ ଖୁସିର କଥା ଓଡ଼ିଶା ସରକାର ସାମାଜିକ ଖାତାରେ ୧.୧୯ ଲକ୍ଷ କୋଟିରୁ ଅଧିକ ବ୍ୟୟ କରିଛନ୍ତି ଯାହା ମୋଟ ବଜେଟର ପ୍ରାୟ ୪୧ ପ୍ରତିଶତ । କୃଷି ଖାତା ପାଇଁ ୩୭,୦୦୦ କୋଟି ଓ ସ୍ୱାସ୍ଥ୍ୟ ପାଇଁ ପ୍ରାୟ ୧୯,୭୦୦ କୋଟି ବ୍ୟୟ ହେଉଛି । ଆଜି ବି ଅଧିକାଂଶ ଓଡ଼ିଶାବାସୀ କୃଷି ଉପରେ ନିର୍ଭରଶୀଳ । ଦୀର୍ଘ ମିଆଦୀର ପ୍ରକୃତ ସଫଳତା ହେବ ଚାକିରୀ ସୁବିଧା ନୁହେଁ ବରଂ ଆତ୍ମ ନିର୍ଭରତା । ଆମେ ସମସ୍ତେ ମନେରଖିବା ଉଚିତ ଯେ ଓଡ଼ିଶାର ସବୁଠାରୁ ବଡ଼ ଶକ୍ତି ହେଉଛି ଆର୍ଥିକ ଶୃଙ୍ଖଳା ଯାହାକି ଚଳିତ ବଜେଟରେ ପ୍ରତିଫଳିତ ହୋଇଛି । ରାଜ୍ୟ ପ୍ରାୟ ୩୧,୮୦୦ କୋଟିର ରେଭିନ୍ୟୁ ସର୍ପ୍ଲସ ରଖିପାରିଛି । ଓଡ଼ିଶା ବଜେଟ ୨୦୨୬ ନିଶ୍ଚିନ୍ତ ଭାବେ ଆଶା, ସଫଳତା, ଯୋଜନା, ସାମାଜିକ ସୁରକ୍ଷା ଓ ଆର୍ଥିକ ଶୃଙ୍ଖଳାକୁ ମାନଦଣ୍ଡ କରିଛି । କିନ୍ତୁ ଅସଲ କଥା ହେଉଛି ବଜେଟ ନୁହେଁ, କାର୍ଯ୍ୟାନ୍ୱୟନ ହିଁ ରାଜ୍ୟର ଅଭିବୃଦ୍ଧି କୁହନ୍ତୁ ବା ପ୍ରଗତି ଏ ସବୁର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ମାଗଣା ଯୋଜନା ଗଣତନ୍ତ୍ର ପ୍ରତି ଉପହାସ

## ସୌଭାଗ୍ୟ ରଂଜନ ମହାନ୍ତି

**ମାଗଣା ଯୋଜନା ଦ୍ୱାରା ରାଜ୍ୟଗୁଡିକର ଋଣ ଭାର ବଢିବା ସହ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏପରିକି ବହୁ ଜନହିତକର ଯୋଜନାରେ ଅଚଳାବସ୍ଥା ଦେଖାଦେଇଥିବାବେଳେ କର୍ମଚାରୀଙ୍କୁ ବେତନ ଦେବା ପାଇଁ ସକ୍ଷମ ନ ଥିବା ଜଣାଯାଏ । ଅର୍ଥ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରେ ବିଭିନ୍ନ ସବସିଡ୍ ବ୍ୟୟରେ ନଗଦ ସହାୟତା ଅଂଶ ମାତ୍ର ୩ ପ୍ରତିଶତ ଥିବାବେଳେ ଏବେ ତାହା ୨୦ ପ୍ରତିଶତକୁ ବୃଦ୍ଧି ପାଇଛି ।**

ନିର୍ବାଚନ ବର୍ଷରେ ମାଗଣା ଯୋଜନା, ଜନକଲ୍ୟାଣ ଯୋଜନା ଏବେ ରାଜନୈତିକ ଦଳ ଏବଂ କ୍ଷମତାସୀନ ଦଳ ପାଇଁ ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ହୋଇଛି ବୋଲି କୁହାଯାଇପାରିବ । ସାଧାରଣତଃ ନିର୍ବାଚନ ଇସ୍ତାହାରରେ ଜନକଲ୍ୟାଣ ମାଗଣା ଯୋଜନା ନେଇ ରାଜନୈତିକ ଦଳଗୁଡିକ ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଶ୍ରୁତି ଦେବା ପରମ୍ପରା ରହିଥିବାବେଳେ ଏବେ ଏହି ତରିକା ବଦଳି ଯାଇଛି । ନିର୍ବାଚନର ଅବ୍ୟବହିତ ପୂର୍ବରୁ ଭୋଟଦାତା ବିଶେଷ କରି ମହିଳା ଭୋଟରଙ୍କ ସମର୍ଥନ ପାଇଁ କ୍ଷମତାରେ ଥିବା ଦଳଗୁଡିକ ମାଗଣା ବଣ୍ଟନ ଏକ ପରମ୍ପରାରେ ପରିଣତ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କ୍ଷମତାସୀନ ଡିଏମକେର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ଏକ ସର୍ଜକାଲ ପଦକ୍ଷେପ ସ୍ୱରୂପ 'କାଲାଇଙ୍ଗାର ମାଗଲିର ଉରିମାଇ ଥିତାମ' (କେଏମୟୁଟି) ଯୋଜନାର ହିତାଧିକାରୀ ୧କୋଟି ୩୧ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଂଟକୁ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି । ଅବଶ୍ୟ ଏହି ଯୋଜନା ନୂଆ ନୁହେଁ । ୨୦୨୩ରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ହିତାଧିକାରୀ ମହିଳାଙ୍କୁ ମାସିକ ୧୦୦୦ଟଙ୍କା ଲେଖାଏଁ ସେମାନଙ୍କ ବ୍ୟାଙ୍କ ଖାତା ପ୍ରତ୍ୟକ୍ଷ ହସ୍ତାନ୍ତର କରାଯାଉଛି । ଯୋଜନା ଉପରେ ନିର୍ବାଚନ କମିଶନ ଅଙ୍କୁଶ ଲଗାଇବା ଆଶଙ୍କାର ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଆଗୁଆ ଅର୍ଥାତ୍ ଫେବୃୟାରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସ ଏକକାଳୀନ ୩ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିବାବେଳେ ଆଉ ଏକ ନୂତନ ଯୋଜନା ତଥା 'ଗ୍ରୀଷ୍ମ ସହାୟତା' ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯାଇଛି । କେଏମୟୁଟି ଏବଂ ଗ୍ରୀଷ୍ମ ସହାୟତା ଯୋଜନାରେ ରାଜକୋଷରୁ ଗୋଟିଏ ଦିନରେ ମୋଟ ୯୧୭୦ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତର କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କ ଅଙ୍କୁଶ ଆଶଙ୍କା କରିବା ସ୍ୱାଭାବିକ । ଅତୀତରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଦର୍ଶାଇ ୨୦୦୯ରେ କୃଷକ ଯୋଜନା ଏବଂ ୨୦୧୧ରେ ମାଗଣା ରଙ୍ଗିନ ଟିଭି ବଣ୍ଟନ ଯୋଜନାକୁ ନିର୍ବାଚନ କମିଶନ ବନ୍ଦ କରିଦେଇଥିଲେ । କିନ୍ତୁ ବିହାର ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜେଡିୟୁ-ବିଜେପି ସରକାର ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ହଜାର ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ହସ୍ତାନ୍ତର କରିଥିଲେ । ଯାହା ବିହାର ନିର୍ବାଚନରେ ଜେଡିୟୁ ମେଣ୍ଟର ଐତିହାସିକ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କେବଳ ଏତିକି ନୁହେଁ, ଖୋଦ ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ମାତ୍ର ନିର୍ବାଚନ କମିଶନ ଏହି ଯୋଜନା ନେଇ ସମ୍ପୂର୍ଣ୍ଣ ନୀରବ ରହିବା ସହ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଦେଶରେ ଭୋଟରଙ୍କୁ ମାଗଣା ଟଙ୍କା ବଣ୍ଟନ ଓ ମାଗଣା ଯୋଜନା ନେଇ ଖ୍ୟାତନାମା ଅର୍ଥନୀତିଜ୍ଞଙ୍କ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟଙ୍କ ପର୍ଯ୍ୟନ୍ତ ସମସ୍ତେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଖୋଦ୍ ପ୍ରଧାନମନ୍ତ୍ରୀ ଏଭଳି ମାଗଣା ଯୋଜନାକୁ 'ରିଭଡି' ବୋଲି ବର୍ଣ୍ଣନା କରି ନାପସନ୍ଦ କରିଥିଲେ ମଧ୍ୟ ନିର୍ବାଚନ ବୈତରଣୀ ପାର ହେବା ଲାଗି ବିଜେପି ଏହାକୁ ଆବୋରି ନେବା ସହ ଅଗ୍ରାଧିକାର ଦେଇ ଆସିଛି ।



ନିକଟରେ ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କ ମାଗଣା ବିଦ୍ୟୁତ ଯୋଜନା ସମ୍ପର୍କିତ ଏକ ମାମଲାର ଶୁଣାଣି କରିବା ଅବସରରେ ମାଗଣା ଯୋଜନା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଟୁ ଭର୍ତ୍ସନା କରିବା ସହ ଏଇଥିପାଇଁ ଏହାର ବ୍ୟୟଭାର କେଉଁଠୁ ଆସିବ ବୋଲି ପ୍ରଶ୍ନ କରିଛନ୍ତି । ଏହି ମାଗଣା ଯୋଜନା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ସମେତ ବିଭିନ୍ନ ମୌଳିକ ଆବଶ୍ୟକତା ବ୍ୟାହତ ହେଉଛି । ଦେଶର ଋଣଭାର ବୃଦ୍ଧି ପାଇବାରେ ଲାଗିଛି । ଏଭଳି ମାଗଣା ଯୋଜନାକୁ ତୁରନ୍ତ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

କହିବା ବାହୁଲ୍ୟ ଯେ, ମାଗଣା ଯୋଜନା ଦ୍ୱାରା ରାଜ୍ୟଗୁଡିକର ଋଣ ଭାର ବଢିବା ସହ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏପରିକି ବହୁ ଜନହିତକର ଯୋଜନାରେ ଅଚଳାବସ୍ଥା ଦେଖାଦେଇଥିବାବେଳେ କର୍ମଚାରୀଙ୍କୁ ବେତନ ଦେବା ପାଇଁ ସକ୍ଷମ ନ ଥିବା ଜଣାଯାଏ । ଅର୍ଥ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୧୩-୧୪ ବିଭିନ୍ନ ସବସିଡ୍ ବ୍ୟୟରେ ନଗଦ ସହାୟତା ଅଂଶ ମାତ୍ର ୩ ପ୍ରତିଶତ ଥିବାବେଳେ ଏବେ ତାହା ୨୦ ପ୍ରତିଶତକୁ ବୃଦ୍ଧି ପାଇଛି ।

ସେହିପରି ମାଗଣା ଯୋଜନାରେ ବ୍ୟୟ ଭାର ୧.୯୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ନିଃସନ୍ଦେହ ଯେ, ନିର୍ବାଚନ ପରିପ୍ରେକ୍ଷୀରେ ନଗଦ ଟଙ୍କା ବଣ୍ଟନ ଯୋଜନା ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ କୌଣସି ଗ୍ୟାରେଣ୍ଟି ନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ୨୦୨୪ ନିର୍ବାଚନରେ ବିଜେଡି ସରକାର ଛାତ୍ରମାନଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ହସ୍ତାନ୍ତର କରିଥିବା ସତ୍ତ୍ୱେ ୨୪ବର୍ଷର ସରକାର ଗାଦିଚ୍ୟୁତ ହୋଇଥିଲା । ମାଗଣା ଯୋଜନା ବା ଟଙ୍କା ବଣ୍ଟନ କେବଳ ଦେଶର ଅର୍ଥନୀତି ପ୍ରତି ବିପଦଜନକ ନୁହେଁ, ଦୀର୍ଘକାଳୀନ ଅଭିବୃଦ୍ଧି ପ୍ରତି କ୍ଷତିକାରକ ବୋଲି ଆର୍‌ବିଆଇ ପୂର୍ବତନ ଗଭର୍ଣ୍ଣର ଡି. ସୁବାରାଓଙ୍କ ମନ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ରାଜନୈତିକ ଦଳ ଏବଂ ରାଜ୍ୟ ଓ କେନ୍ଦ୍ର ସରକାର ଲଗାମହୀନ ଭାବେ ଯେଭଳି ଏଭଳି ଯୋଜନା ପଛରେ ପଡିଛନ୍ତି । ଏହା ନିର୍ବାଚନ ପ୍ରକ୍ରିୟାକୁ କେବଳ ବିକୃତିକରଣ କରୁନାହିଁ, ଦେଶର ଗଣତନ୍ତ୍ର ପ୍ରତି ଉପହାସ ସଦୃଶ ହୋଇଛି । ନିର୍ବାଚନ କମିଶନ କେବଳ ମୂକ ସାଜିଛି ବୋଲି କୁହାଯାଇପାରେ ।

ମୋ-୯୪୩୭୯୯୪୩୭୯

# ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲ୍ୟାଣ୍ଡ

## ଡାକ୍ତର ରାଜକିଶୋର ପଣ୍ଡା

**ଭୂତତ୍ତ୍ୱ ଏବଂ ଖଣିଜ ବିଜ୍ଞାନ ଦୃଷ୍ଟିରୁ ମଧ ଗ୍ରୀନ୍‌ଲ୍ୟାଣ୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଠାରେ ରେଆର୍ ଆର୍ଥ ଏଲିମେଣ୍ଟ (ବିରଳ ମୃତ୍ତିକା)ର ଏକ ବୃହତ୍ ଭଣ୍ଡାର ଥିବାର ସୂଚନା ମିଳୁଛି, ଯାହାକି ବୈଦ୍ୟୁତିକ ଯାନବାହନ ଓ ଅକ୍ଷୟ ଶକ୍ତିର ଉତ୍ପାଦନରେ ବ୍ୟବହୃତ ହୋଇଥାଏ । ବୈଜ୍ଞାନିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଠାରେ ୟୁରାନିୟମ୍, ଜିଙ୍କ୍, ନିକେଲ୍ ଓ ତମ୍ବା ମଧ ଯଥେଷ୍ଟ ପରିମାଣରେ ଅଛି କିନ୍ତୁ ଏଗୁଡ଼ିକ ମୋଟା ବରଫର ଆସ୍ତରଣ ତଳେ ରହିଛି । ଉପରୋକ୍ତ ଖଣିଜ ଦ୍ରବ୍ୟକୁ ଉତ୍ତୋଳନ କରିବାରେ କିଛି ସମସ୍ୟାମାନ ରହିଛି ଯେପରିକି ଭିତ୍ତିଭୂମିର ଅଭାବ, ବ୍ୟୟବହୁଳତା, ଜଳବାୟୁର ଅନିଶ୍ଚିତତା ଓ ପାରିବେଶିକ ଦୁର୍ଘଟଣା (ଭୂସ୍ଖଳନ ଇତ୍ୟାଦି) । ତେଣୁ ଏହି କାରଣରୁ ବ୍ୟାବସାୟିକ ଦୃଷ୍ଟିକୋଣରୁ ଏଠାରେ ଏପର୍ଯ୍ୟନ୍ତ ଖଣିଜଦ୍ରବ୍ୟର ଉତ୍ତୋଳନ କରାଯାଇପାରିନାହିଁ ।**

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡକୁ ଆମେରିକାର ଅଂଶ ଏବଂ ଏହାକୁ କଳେବଳେ କୌଶଳେ ଅଧିକାର କରିବା ପାଇଁ ଯେବେଠାରୁ ଘୋଷଣା କଲେଣି, ସେହି ସମୟରୁ ବିଶ୍ୱରାଜନୀତିର ଦୃଶ୍ୟପଟରେ ଗ୍ରୀନଲ୍ୟାଣ୍ଡକୁ ନେଇ ବ୍ୟାପକ ବିତର୍କ ହୋଇଆସୁଛି । ଆମେରିକାର ଉଦ୍ୟମକୁ ପ୍ରତିହତ କରିବା ପାଇଁ ବିଗତ କିଛି ଦିନ ଧରି ୟୁରୋପୀୟ ସଂଘର ବିଭିନ୍ନ ଦେଶ ଗ୍ରୀନ୍‌ଲ୍ୟାଣ୍ଡକୁ କ୍ଷୁଦ୍ର କ୍ଷୁଦ୍ର ସୈନ୍ୟବାହିନୀ ମଧ ପଠାଉଛନ୍ତି । ଏହା ମଧରେ ଟ୍ରମ୍ପ ଆମେରିକାର ଏକ ନୂଆ ମାନଚିତ୍ର ପ୍ରକାଶ କରି କାନାଡ଼ାକୁ ଏବଂ ଗ୍ରୀନ୍‌ଲ୍ୟାଣ୍ଡକୁ ଆମେରିକାର ଅଂଶ ବିଶେଷ ବୋଲି ମତବ୍ୟକ୍ତ କରିଛନ୍ତି ଓ ଏହା ମଧ କହିଛନ୍ତି ଯେ, ଗ୍ରୀନ୍‌ଲ୍ୟାଣ୍ଡକୁ ଅଧିକାର କରିବା, ଆମେରିକା ପକ୍ଷରେ ବର୍ତ୍ତମାନ ଅବଶ୍ୟମ୍ଭାବୀ ହୋଇପଡ଼ିଛି । କାରଣ ଏହାଦ୍ୱାରା ଏସୀୟ ମହାଶକ୍ତି ରୁଷ୍ ଏବଂ ଚାଇନାକୁ ମୁକାବିଲା କରାଯାଇପାରିବ । ରୁଷିଆ, ଯିଏ କି ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ନୀରବ ରହିଆସୁଥିଲା, ବର୍ତ୍ତମାନ ସେ ମଧ ନିଜର ପ୍ରତିକ୍ରିୟା ରଖିଛି । ଗଣମାଧ୍ୟମରେ ବିବୃତି ରଖି ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ୍ କହିଛନ୍ତି କି, "ଗ୍ରୀନ୍‌ଲ୍ୟାଣ୍ଡ ବିଷୟ ଆମେରିକା ଓ ଡେନ୍‌ମାର୍କର ଅନ୍ତରୀଣ ମାମଲା । ଦୁଇଦେଶ ଏହାକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରନ୍ତୁ, କିନ୍ତୁ ଭବିଷ୍ୟତରେ ଯଦି ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ ଭୂମିରେ କୌଣସି ସାମରିକ କାର୍ଯ୍ୟକଳାପ ରୁଷ୍ ବିରୋଧରେ କରେ ତେବେ ରୁଷ୍ ମଧ ଏହାର ପ୍ରତିଜବାବ୍ ଦେବାକୁ ପଛାଇବ ନାହିଁ ।" ତେଣୁ ଗ୍ରୀନ୍‌ଲ୍ୟାଣ୍ଡକୁ ନେଇ କୌଣସି ସମୟରେ ମଧ ପୃଥିବୀରେ ଏକ ମହାସମର ସଂଘଟିତ ହୋଇଯାଇପାରେ । ତେବେ ଆମେ ଏହି ପ୍ରବନ୍ଧରେ ଆଲୋଚନା କରିବା ଗ୍ରୀନ୍‌ଲ୍ୟାଣ୍ଡକୁ ଭୌଗୋଳିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ । ଉତ୍ତର ଆଟ୍‌ଲାଣ୍ଟିକ ଏବଂ ଆର୍କଟିକ ମହାସାଗର ମଧରେ ଅବସ୍ଥିତ ଏହି ଦ୍ୱୀପର କ୍ଷେତ୍ରଫଳ ପ୍ରାୟ ଏକୋଇଶି ଲକ୍ଷ ବର୍ଗ କି.ମି. ଅଟେ ଯାହାକି ଭାରତର ଦୁଇ-ତୃତୀୟାଂଶ । କିନ୍ତୁ ଜନସଂଖ୍ୟା ଏହାର କେବଳ ମାତ୍ର ଅଠାବନ ହଜାର । ଗୋଟିଏ ପଟେ ବୃହତ୍ ଭୂଭାଗ ଓ ଅନ୍ୟପଟେ ଜନବିରଳତା ଏହାକୁ ବିଭିନ୍ନ ବୈଜ୍ଞାନିକ ଗବେଷଣା ପ୍ରକ୍ରିୟା ନିମନ୍ତେ ଏକ ପ୍ରକୃଷ୍ଟ କ୍ଷେତ୍ରରେ ପରିଣତ କରିଛି କାରଣ ଏଠାରେ ମାନବୀୟ ହସ୍ତକ୍ଷେପ କମ୍ ସାଙ୍ଗକୁ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ମଧ ନିରବଚ୍ଛିନ୍ନ ଭାବରେ ଅଧ୍ୟୟନ କରିହୁଏ । ଏଠାରେ ଥିବା ବରଫର କ୍ଷେତ୍ରଫଳ ପ୍ରାୟ ସତରଲକ୍ଷ ବର୍ଗ କି.ମି. ଏବଂ ଏହାର ମୋଟେଇ ହାରାହାରି ଦୁଇ କି.ମି. । ବୈଜ୍ଞାନିକମାନେ ହିସାବ କରି ଜଣାଇଛନ୍ତି କି ଯଦି ସମଗ୍ର ଗ୍ରୀନ୍‌ଲ୍ୟାଣ୍ଡର ବରଫକୁ ତରଳାଇ ଦିଆଯାଏ ତାହାହେଲେ ବିଶ୍ୱର ସମୁଦ୍ରର ସ୍ତରରେ ହାରାହାରି ସାତ ମିଟର ପର୍ଯ୍ୟନ୍ତ ବୃଦ୍ଧି ହେବ । ତେଣୁ ଏହି କାରଣ ହେତୁ ଜଳବାୟୁ ପରିବର୍ତ୍ତନର ଅଧ୍ୟୟନ ଓ ଗବେଷଣାରେ ଗ୍ରୀନ୍‌ଲ୍ୟାଣ୍ଡ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ନବେ ଦଶକରୁ ପ୍ରତିବର୍ଷ ହାରାହାରି ଏଠାରେ ତିନିଶହ ବିଲିଅନ ଟନ୍ ବରଫ ତରଳୁଛି । କେବଳ ୨୦୧୯ ରେ ହିଁ ଏଠାରେ ପାଞ୍ଚଶହ ବିଲିଅନ ଟନ୍ ବରଫ ତରଳିଛି ଯାହାକି, ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବାଧିକ । ଏହି ତରଳୀକରଣ ପ୍ରକ୍ରିୟାଦ୍ୱାରା ସମଗ୍ର ବିଶ୍ୱବ୍ୟାପୀ ସମୁଦ୍ରକୂଳୀୟ ସହର, ଦ୍ୱୀପ ଏବଂ ସାମୁଦ୍ରିକ ପରିବେଶ ଆଦି ବିପଜ୍ଜନକ ହେଉଅଛି ।

ଅନ୍ୟ ଗୋଟିଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମେ ଏଠାରେ ଆଲୋଚନା କରିବା ତାହା ହେଉଛି "ଆଇସ୍ କୋର୍ ଡ୍ରିଲିଙ୍ଗ୍" । ଗ୍ରୀନ୍‌ଲ୍ୟାଣ୍ଡରେ କରାଯାଉଥିବା ଏହି ବିଶେଷ ପ୍ରକ୍ରିୟାଟିର ପୃଥିବୀର ଜଳବାୟୁର ଇତିହାସ ଅନୁସନ୍ଧାନ କାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଅଛି । ଲକ୍ଷ ଲକ୍ଷ ବର୍ଷ ତଳେ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଓ ମିଥେନ୍‌ର ପରିମାଣ କେତେ ଥିଲା ଏବଂ ତତ୍କାଳୀନ ସମୟରେ ତାପମାତ୍ରାର ପରିବର୍ତ୍ତନର ହାର ପ୍ରଭୃତି ଏହି ପ୍ରକ୍ରିୟାରୁ ଜାଣିହେଉଛି । କେତୋଟି ଆଇସ୍ କୋର୍‌ର ରେକର୍ଡ଼ ଏକଲକ୍ଷ କୋଡ଼ିଏ ହଜାର ବର୍ଷ ତଳର ମଧ ଅଟେ ।

ଭୂତତ୍ତ୍ୱ ଏବଂ ଖଣିଜ ବିଜ୍ଞାନ ଦୃଷ୍ଟିରୁ ମଧ ଗ୍ରୀନ୍‌ଲ୍ୟାଣ୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଠାରେ ରେଆର୍ ଆର୍ଥ ଏଲିମେଣ୍ଟ (ବିରଳ ମୃତ୍ତିକା)ର ଏକ ବୃହତ୍ ଭଣ୍ଡାର ଥିବାର ସୂଚନା ମିଳୁଛି, ଯାହାକି ବୈଦ୍ୟୁତିକ ଯାନବାହନ ଓ ଅକ୍ଷୟ ଶକ୍ତିର ଉତ୍ପାଦନରେ ବ୍ୟବହୃତ ହୋଇଥାଏ । ବୈଜ୍ଞାନିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଠାରେ ୟୁରାନିୟମ୍, ଜିଙ୍କ୍, ନିକେଲ୍ ଓ ତମ୍ବା ମଧ ଯଥେଷ୍ଟ ପରିମାଣରେ ଅଛି । କିନ୍ତୁ ଏଗୁଡ଼ିକ ମୋଟା ବରଫର ଆସ୍ତରଣ ତଳେ ରହିଛି । ଉପରୋକ୍ତ ଖଣିଜ ଦ୍ରବ୍ୟକୁ ଉତ୍ତୋଳନ କରିବାରେ କିଛି ସମସ୍ୟାମାନ ରହିଛି ଯେପରିକି ଭିତ୍ତିଭୂମିର ଅଭାବ, ବ୍ୟୟବହୁଳତା, ଜଳବାୟୁର ଅନିଶ୍ଚିତତା ଓ ପାରିବେଶିକ ଦୁର୍ଘଟଣା (ଭୂସ୍ଖଳନ ଇତ୍ୟାଦି) । ତେଣୁ ଏହି କାରଣରୁ ବ୍ୟାବସାୟିକ ଦୃଷ୍ଟିକୋଣରୁ ଏଠାରେ ଏପର୍ଯ୍ୟନ୍ତ ଖଣିଜଦ୍ରବ୍ୟର ଉତ୍ତୋଳନ କରାଯାଇପାରିନାହିଁ ।



ଏବେ ଆସିବା ସାମୁଦ୍ରିକ ବିଜ୍ଞାନକୁ । ଗ୍ରୀନ୍‌ଲ୍ୟାଣ୍ଡରୁ ବାହାରୁଥିବା ଥଣ୍ଡା, ମିଠା ପାଣି ଆଟ୍‌ଲାଣ୍ଟିକ୍ ମହାସାଗରରେ ଥର୍ମୋହାଲାଇନ୍ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଥର୍ମୋ ଅର୍ଥ ଉତ୍ତାପ, ହାଲାଇନ ଅର୍ଥ ଲବଣ ଅଂଶ ତେଣୁ ଉତ୍ତାପ ଏବଂ ଲବଣ ଯୋଗୁଁ ବିଶ୍ୱବ୍ୟାପୀ ସାମୁଦ୍ରିକ ଜଳର ଗତି ଓ ସାନ୍ଦ୍ରତା ନିର୍ଣ୍ଣୟକୁ କୁହାଯାଇଥାଏ ଥର୍ମୋହାଲାଇନ୍ । ଏହାକୁ ମହାସାଗରୀୟ କନ୍‌ଭେୟର ବେଲ୍ଟ ମଧ କୁହାଯାଇଥାଏ । ଏହି ପ୍ରକ୍ରିୟାଟି ୟୁରୋପ ଏବଂ ଉତ୍ତର ଆମେରିକାର ଜଳବାୟୁକୁ ସନ୍ତୁଳିତ କରି ରଖିବାରେ ମଧ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଥିରେ ବିଷୁବ ଅଞ୍ଚଳରୁ ତାପମାତ୍ରା ଜଳ ଯୋଗେ ଯାଇ ଆର୍କଟିକ୍ ଅଞ୍ଚଳରେ ଶୀତଳୀକରଣ ହୋଇଥାଏ ଏବଂ ବରଫରେ ପରିଣତ ହୋଇଥାଏ କିନ୍ତୁ ବିଶ୍ୱର ବର୍ଦ୍ଧିଷ୍ଣୁ ତାପମାତ୍ରା ହେତୁ ଗ୍ରୀନ୍‌ଲ୍ୟାଣ୍ଡରେ ନିରନ୍ତର ଭାବରେ ବରଫର ତରଳୀକରଣ ପ୍ରକ୍ରିୟା ଜାରି ରହିଛି ଓ ଏହାଦ୍ୱାରା ଥର୍ମୋହାଲାଇନ୍ ପ୍ରଣାଳୀ ବାଧାପ୍ରାପ୍ତ ହେଉଛି । ଯଦି ଏହିପରି ଭାବରେ ବରଫ ତରଳିବା ପ୍ରକ୍ରିୟା ଜାରି ରହେ ତେବେ ଥର୍ମୋହାଲାଇନ୍ ପ୍ରଣାଳୀ ୨୧୦୦ ମସିହା ସୁଦ୍ଧା ତିରିଶ ପ୍ରତିଶତ ଦୁର୍ବଳ ହୋଇ ପଡ଼ିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇଛନ୍ତି ।

ଜୀବଜଗତ ଦୃଷ୍ଟିରୁ ଦେଖିଲେ ଗ୍ରୀନ୍‌ଲ୍ୟାଣ୍ଡରେ ଧଳା ଭାଲୁ, ସିଲ୍ ମାଛ, ୱାଲ୍‌ରସ୍ ଏବଂ ପେଙ୍ଗୁଇନ୍ ଆଦି ଦେଖିବାକୁ ମିଳନ୍ତି । ସାମୁଦ୍ରିକ ଶୈବାଳ ମଧ ଏଠାରେ ପ୍ରଚୁର ପରିମାଣରେ ଅଛନ୍ତି । ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ଓ ବରଫ ତରଳିବାଦ୍ୱାରା ସାମୁଦ୍ରିକ ଶୈବାଳ ଓ ଉପରୋକ୍ତ ଜନ୍ତୁମାନଙ୍କର ଜୀବନଚକ୍ର ଓ ଖାଦ୍ୟଶୃଙ୍ଖଳ ମଧ ପ୍ରଭାବିତ ହେଉଛି ।

ସର୍ବ ଶେଷରେ ଆସିବା ଗ୍ରୀନ୍‌ଲ୍ୟାଣ୍ଡର ମାନବ ସମ୍ବଳକୁ । ଶତାବ୍ଦୀ ଶତାବ୍ଦୀ ଧରି ଏଠାରେ ବାସ କରୁଛନ୍ତି ଇନୁଇଟ୍ ଜନଜାତି । ବରଫ, ଜଳବାୟୁ ଏବଂ ସମୁଦ୍ରରେ ଦେଖାଦେଉଥିବା ସୂକ୍ଷ୍ମ ପରିବର୍ତ୍ତନକୁ ଆଧାର କରି ଏମାନେ ଏଠାରେ ଜୀବନ ନିର୍ବାହ କରି ଆସୁଛନ୍ତି । ତେଣୁ ସାମ୍ପ୍ରତିକ ସମୟରେ ଗ୍ରୀନ୍‌ଲ୍ୟାଣ୍ଡରେ ହେଉଥିବା ବୈଜ୍ଞାନିକ ଗବେଷଣାର ଅବିଚ୍ଛେଦ୍ୟ ଅଂଶ ପାଲଟିଛନ୍ତି ଏହି ଇନୁଇଟ୍ ଜନଜାତି । କାରଣ ଏମାନଙ୍କର ସହଯୋଗଦ୍ୱାରା ହିଁ ଆମେ ସେଠାକାର ପ୍ରାକୃତିକ ରହସ୍ୟ ଉପରୁ ପରଦା ଉଠାଇ ପାରିବା ।

ପରିଶେଷରେ ଭୌଗୋଳିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲ୍ୟାଣ୍ଡକୁ ଧରାପୃଷ୍ଠର ପରୀକ୍ଷାଗାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ବରଫରେ ହିଁ ଲେଖାଅଛି ଆମ ପୃଥିବୀର ଲକ୍ଷ ଲକ୍ଷ ବର୍ଷ ତଳର ଇତିହାସ । ତେଣୁ ଏହାର ସଂରକ୍ଷଣ ନିତାନ୍ତ ଜରୁରୀ ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର,
ମୋ- ୮୧୪୪୦୪୨୯୯୭

## ଦ୍ରୁତ ଗାଡି ଚାଳନା ପାଇଁ ପୋଲିସର ନାହିଁ ଅଙ୍କୁଶ ଅପରାଧିକ କାର୍ଯ୍ୟରେ ଲିପ୍ତ ସନ୍ଦିଗ୍ଧ ଯାଉଛନ୍ତି ଖସି

ଭାପୁର,୨୨।୨ (ନିପ୍ର); ଅପରାଧିକ କାର୍ଯ୍ୟରେ ଲିପ୍ତ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ବିଭିନ୍ନ ଅସାମାଜିକ କାର୍ଯ୍ୟ ତଥା ଚୋରା ନିଶା କାରବାର ପାଇଁ ଫତେଗଡ଼ ଥାନା ଅଞ୍ଚଳ ପ୍ରବେଶ ପଥ ହୋଇଥିବାବେଳେ ପୋଲିସର ନିଷ୍କ୍ରିୟତା ପାଇଁ ଅପରାଧୀମାନେ ଅପରାଧିକ ମାମଲା ଘଟେଇ ସହଜରେ ଖସି ଯାଉଛନ୍ତି ବୋଲି ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି।ଚଳିତ ମାସ ଗତ ୨୦ ତାରିଖ ବିଳମ୍ବିତ ରାତ୍ରିରେ ଫତେଗଡ଼ ଥାନା ସମ୍ମୁଖ ରାସ୍ତାରେ ଏକବୋଲେରୋ ଗାଡି ଦ୍ରୁତଗତି ସହିତ ବେପରୁଆ ଭାବରେ ଚାଳନା ଯୋଗୁଁ ଜଣେ ଲୁନା ଚାଳକ ଆହତ ହୋଇଥିଲା।ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ,ବୋଲେରୋ ଚାଳକ ସନ୍ଦେହଜନକ ପରିସ୍ଥିତିରେ ଦ୍ରୁତଗତିରେ ଥାନା ଅଞ୍ଚଳକୁ ଶୀଘ୍ର ଖସି ଯିବାପାଇଁ ଚେଷ୍ଟା କରିଥିଲା। ଏହି ବୋଲେରୋ ଦ୍ୱାରା କୌଣସି ମାଦକଦ୍ରବ୍ୟ ପରିବହନ କିମ୍ବା ଅପରାଧିକ ଘଟଣା ସଙ୍ଘଟିତ ହୋଇଥାଇପାରେ ବୋଲି ସନ୍ଦେହପ୍ରକଟ ହୋଇଥିବାରୁ ସମାଜସେବୀ ନିତୁରଞ୍ଜନ ଦାସ ଏସମ୍ପର୍କରେ ନୟାଗଡ଼ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏହି ବୋଲେରୋ କୁ ସିସିଟିଭି ଆଧାରରେ ଚାଳକକୁ ଧରି ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ରକ୍ତଦାନ : ୩୧ ୟୁନିଟ୍ ସଂଗ୍ରହ

ଭବାନୀପାଟଣା, ୨୧/୨ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଠାରେ ଏକ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଳାହାଣ୍ଡି ବ୍ଲଡ୍ ବ୍ୟାଙ୍କ ତରଫରୁ ଡା. ଡୋଳାମଣୀ ମାଝୀ ସମେତ ସଞ୍ଜିବ ମହାକୁଡ, ଗିରୀଶ ନାଏକ, ଜ୍ୟୋତ୍ସ୍ନା ସେନାପତୀ ଓ ମଧୁସ୍ମିତା ସେନାପତି ଯୋଗଦାନ କରି ରକ୍ତଦାନ ଶିବିରର କାର୍ଯ୍ୟ ସଂପାଦନ କରିବା ସହ ରଦାରଖ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରକ୍ତଦାତା ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଅଧାପକ ଶୁଭେନ୍ଦୁ କୁମାର ପାଢୀ, ସୁଶାନ୍ତ କୁମାର ଦାଶ, ଜାତୀୟ ସେବାଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ରେଡ୍‌କ୍ରସ କାର୍ଯ୍ୟକ୍ରମ ଅଧିକାରୀ ପୁରୀତ ରଣା, ମୀନକେତନ ସାହୁ, ଫାଲଗୁନି ପ୍ରଧାନୀ, ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଲ ସାହାଣି ଆଦି ଏହାର ସଫଳତା ପାଇଁ କାର୍ଯ୍ୟ କରିଥିବା ବେଳେ ସମୁଦାୟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧାପକ ପ୍ରତାପ ଚନ୍ଦ୍ର ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଧାମନଗର,୨୨।୨ (ନିପ୍ର): ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଅନ୍ତର୍ଗତ ଶୋଧ ଗ୍ରାମର ବିଶିଷ୍ଟ ଶିକ୍ଷାବିତ, ଧର୍ମପରାୟଣ ତଥା ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଧରଣୀଧର ପଣ୍ଡାଙ୍କର ୭୮ ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।ସ୍ୱର୍ଗତ ପଣ୍ଡାଙ୍କ ଶିକ୍ଷକତା ଜୀବନ ଅତ୍ୟନ୍ତ ନିଷ୍ଠା ପୂର୍ଣ୍ଣ ଥିଲା। ସେ ଦୋବଲ ମଧ ଇଂରାଜୀ ବିଦ୍ୟାଳୟରୁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ ଏବଂ ଦୀର୍ଘ ବର୍ଷର ସେବା ପରେ ସେହି ବିଦ୍ୟାଳୟରୁ ହିଁ ଅବସର ଗ୍ରହଣ କରିଥିଲେ। ତାଙ୍କ ଶିକ୍ଷାଦାନ ଶୈଳୀ ଓ ସ୍ନେହ ପୂର୍ଣ୍ଣ ବ୍ୟବହାର ଯୋଗୁଁ ସେ ଅଞ୍ଚଳରେ ଅନେକ ଆଦର୍ଶ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଡାକ୍ତରଖାନାରେ ପହଞ୍ଚି ସ୍ୱର୍ଗତ ପଣ୍ଡାଙ୍କ ମରଶରୀରର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା, ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ତଥା ଦୋବଲ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ପଣ୍ଡା ମୁଖାଗ୍ନି ଦେଇଛନ୍ତି।

## ନାବାଳିକାକୁ ଦେଖାକରିବାକୁ ଆସି ଯୁବକ ହଟହଟା

ପିପିଲି,୨୨।୨ (ନିପ୍ର); ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ନାବାଳିକା ପ୍ରେମିକାକୁକୁ ଭେଟିବାକୁ ଆସିଥିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ହୋଇଛି। ଯୁବକକୁ କାବୁ କରି ପରିବାର ଲୋକେ ନିସ୍ତୁକ ଛେଚି ପୁଲିସ ଜିମାଦେଇଛନ୍ତି । ସୂଚନା ମୁତାବକ ନୟାଗଡ ଜିଲ୍ଲାର ଜଣେ ଯୁବକ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ମଧ୍ୟରେ ରଙ୍ଗ ନମ୍ବରକୁ ନେଇ ପ୍ରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ନାବାଳିକା ଜଣକ ଯୁବକଙ୍କୁ ତାଙ୍କ ଘର ଲୋକେସନ ପଠାଇ ଡକାଇବାରେ ଯୁବକ ଜଣକ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକ ଯୋଗେ ନାବାଳିକାକୁ ଦେଖା କରିବାକୁ ଆସିଥିଲେ । ଯୁବକଙ୍କ ଜଣକ ନାବାଳିକା ଘର ବାରିପଟେ ଲୁଚିଥିବା ବେଳେ ନାବାଳିକା ବାପାଙ୍କ ହାବୁଡରେ ପଡିଯାଇଥିଲେ । ଫଳରେ ଯୁବକକୁ ନିସ୍ତୁକ ଛେଚିବା ସହ ଯୁବକ ଓ ତାଙ୍କ ସାଙ୍ଗକୁ ଅଟକ ରଖି ବଳଙ୍ଗା ପୁଲିସକୁ ଖବର ଦେଇ ଦେଇଥିଲେ । ଖବର ପାଇ ବଳଙ୍ଗା ପୁଲିସ ଘଟଣା ସ୍ଥଳରେ ପହଂଚି ଅଟକ ଥିବା ୨ଜଣଙ୍କୁ ଥାନାକୁ ଆଣିଥିଲା । ଶନିବାର ପୂର୍ବାହ୍ନରେ ଉଭୟ ପରିବାର ମଧ୍ୟରେ ସମାଧାନ ହେବା ପରେ ଯୁବକକୁ ପୁଲିସ ଛାଡିଦେଇଥିବା ଜଣାପଡିଛି ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ 'ଭାଷା ହିଁ ଜାତିର ପରିଚୟ'

ବୁଗୁଡ଼ା,୨୨।୨ (ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ନିଜ ଭାଷା ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ସମ୍ମାନ ଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଟି . ସୁଦର୍ଶନ ପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବଳଦେବ ଜୀଉ ମହିଳା ଉଚ୍ଚ ବିଦ୍ୟାଳୟର ଅଧାପକ ବିଭୂତି ଭୂଷଣ ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ଅଭିଭାଷଣରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ମାତୃଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। 'ଭାଷା ହିଁ ଜାତିର ପରିଚୟ, ତେଣୁ ମାତୃଭାଷାକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ଶିଶୁର କର୍ତ୍ତବ୍ୟ' ବୋଲି ମତବ୍ୟକ୍ତ କରିଥିଲେ।

ରିଆମାଳ, ରିଆମାଳରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ରିଆମାଳ ମହାବିଦ୍ୟାଳୟର ଓଡ଼ିଆ ଅଧାପିକା ରଶ୍ମିତା ପ୍ରଧାନ ଯୋଗ ଦେଇ ଥିଲେ।ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯକ୍ରମ ରେ ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।କାର୍ଯ୍ୟକ୍ରମ ଟି କବିତା ଗୁରୁମାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମ ଅବସରରେ ଶିଶୁ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ପସୁନ୍ଦର ହସ୍ତାକ୍ଷର,ଭାଷା ଦୌଡ଼,ଗଳ୍ପ କଥନ,କବି ଲେଖକଙ୍କ ଫଟୋ ପ୍ରଦର୍ଶନ,ଜୀବନୀ ,ପ୍ରବନ୍ଧ ଲିଖନ, ବକ୍ତୃତା ଆଦି କରାଯାଇଥିଲା।କୃତୀ ଶିଶୁ ଭାଇ ଭଉଣୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଦାମନଯୋଡି,ଫେବୃଆରୀ ୨୧ ତାରିଖକୁ ବିଶ୍ୱ ମାତୃଭାଷା ଦିବସ ଭାବରେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଦାମନଯୋଡିର ଶିଶୁ ସାହିତ୍ୟ ପତ୍ରିକା 'ଆମ ପ୍ରତିଭା' ପକ୍ଷରୁ ନଳିନୀକାନ୍ତ ସେନାପତିଙ୍କ ଅଧକ୍ଷତାରେ ହନୁମାନ ବାଟିକା ପରିସରରେ ଏକ ଆଲୋଚନା ଆୟୋଜିତ ହୋଇଥିଲା । ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମାଜରେ ମାତୃଭାଷାର ଆବଶ୍ୟକତା ଏବଂ ପରିବାରରେ ଏହାର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ । ଅନ୍ୟ ପକ୍ଷରେ ୯୦ ବର୍ଷ ପୂର୍ବେ ଆମ ରାଜ୍ୟ ଓଡ଼ିଶା ଭାଷା ଭିତ୍ତିରେ ସ୍ୱାଧୀନତା ଲାଭ କରିଥିବା ବେଳେ ଓଡ଼ିଆ ଭାଷା ଆଜି ବହୁ ନିମ୍ନସ୍ତରରେ ରହିଯାଇଛି ବୋଲି ମତ ପ୍ରକାଶ ପାଇଛି । ଏହାର ମୁଖ୍ୟ କାରଣ, ପରିବାର ମଧ୍ୟରେ ନିଜ ମାତୃଭାଷା କୁ ପାଥେୟ କରି ପାଶ୍ଚାତ୍ୟ ଭାଷାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ନାମଫଳକ ବାର୍ତ୍ତା ଆଦାନ ପ୍ରଦାନ ଆଦି ଅନେକ କ୍ଷେତ୍ରରେ ଓଡ଼ିଆ ଭାଷା କୁ ଉପେକ୍ଷା କରାଯାଉଛି ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

ତେବେ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଆସନ୍ତା ୨୦୩୬ ମସିହାରେ ୧୦୦ ବର୍ଷ ପୂର୍ତ୍ତି ପାଳନ ପୂର୍ବରୁ ଓଡ଼ିଆ ଭାଷା ଅସ୍ମିତାକୁ ସୁଦୃଢ଼ କରିବାର ସମୟ ଆସିଛି, ଏହାକୁ ନିଜ ଆଜିର ଯୁବପିଢି ହିଁ ଯୁଗାନ୍ତକାରୀ ପରିବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦିଆଯାଇଛି।

### ବେଆଇନ ଭାବେ ନଦୀରୁ ବାଲି ଚୋରାଚାଲାଣ !

# ବାଲି ମାଫିଆ ମାଲେମାଲ: ବିଭାଗ ଚୁପ୍

ନବରଙ୍ଗପୁର,୨୨।୨(ନିପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକରେ ଦୁଇଟି ପ୍ରମୁଖ ନଦୀ ରହିଛି । ଗୋଟିଏ ହେଲା ଇନ୍ଦ୍ରାବତୀ ନଦୀ ଆଉ ଗୋଟିଏ ହେଲା ଭାସ୍କେଲ ନଦୀ । ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଏହି ଦୁଇଟି ନଦୀର ବାଲି ଉଠାଣ ପାଇଁ ବାଲି ଟେଣ୍ଡେର ଦେଇଛନ୍ତି । ଆଉ କିଛି ଘାଟରେ ଟେଣ୍ଡେର ହୋଇନାହିଁ । ସରକାରଙ୍କ ନିର୍ଦ୍ଦେଶ ରହିଛି କି ବାଲି ଟେଣ୍ଡେର ହୋଇଥିବା ସ୍ଥାନରେ କେବଳ ଶ୍ରମିକ ଲଗାଇ ବାଲି ଉଠାଣ କରାଯିବ ବୋଲି, କିନ୍ତୁ ବାଲି ଟେଣ୍ଡେର ନେଇଥିବା ଲିଜଧାରୀମାନେ ଶ୍ରମିକ ବଦଳରେ ଜେସିବି ମେସିନ ଦ୍ୱାରା ବାଲି ବିଭିନ୍ନ ଗାଡ଼ିରେ ଲୋଡ୍ କରାଯାଉଛି । ସେହିଭଳି ବାଲି ଟେଣ୍ଡର ହୋଇନଥିବା ଘାଟରୁ ବାଲି ଚୋରାରେ ଚାଲାଣ କରାଯାଉଛି । ଏଭଳି ଘଟଣା ସନ୍ତୋଷପୁର ଗାଁ ଭାସ୍କେଲ ନଦୀ ଘାଟ ନିକଟରେ ଚୋରା ବାଲି ଚାଲାଣ କରି ମାଲେ ମାଲ ହେଉଛନ୍ତି ସ୍ଥାନୀୟ କିଛି ଟ୍ରାକ୍ଟର ଥିବା ଲୋକେ। ଟ୍ରାକ୍ଟରରେ ବାଲି ବୋଝେଇ କରି ବେନିୟମରେ ଦିନରେ ବେଫିକର ଭାବେ ବାଲି ସଇରାତରୁ ଚୋରି କରିବା ସାଧାରଣରେ ନଜରକୁ ଆସିବା ଯୋଗୁଁ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ପାଖରେ ଏହି ଖବର ଥିଲେ ମଧ ବାଲି ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ସାଧାରଣ ଅଭିଯୋଗ ହୋଇଛି । ଯଦିବା ଅଭିଯୋଗ କରାଗଲେ ନାମକୁମାତ୍ର କିଛି ଜରିମାନା ଆଦାୟ କରି ପ୍ରଶାସନ ଚୁପ ହୋଇ ଯାଉଥିବା ଅଭିଯୋଗ ହୋଇଛି । ସେହିପରି ବାଲି ଲିଜ୍ ନେଇଥିବା ଲିଜଧାରୀମାନେ ଯେଉଁ ସ୍ଥାନରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଥିଲା ତାହା ପାଳନ ନକରି ମନଇଚ୍ଛା ବାଲି ଉଠାଉଥିବା ଅଭିଯୋଗ ହୋଇଛି । ଗୋଟିଏ ରୟାଲଟି କାଟି ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଖରା ଦିନ, ନଦୀରେ ପାଣି କମ ରହିଥିବାର ସୁଯୋଗ ନେଇ କିଛି ବାଲି ମାଫିଆମାନେ ବିଭିନ୍ନ ସ୍ଥାନରେ ବାଲି ସବୁ ଗଛିତ ରଖିଥିବା ବେଳେ ଏହା ସମ୍ପୂର୍ଣ୍ଣ ବେନିୟମ କାର୍ଯ୍ୟ, ଏଥିପ୍ରତି କାହାର ଦୃଷ୍ଟି ପଡୁ ନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଷାଗୁମୁଡ଼ା ବ୍ଲକବାସୀ ଦାବି କରିଛନ୍ତି।



# ଶିଶୁକନ୍ୟା ଦୁଷ୍କର୍ମ ମାମଲା, ଅଭିଯୁକ୍ତକୁ ଆଜୀବନ ଜେଲ୍

ରାଉରକେଲା,୨୨।୨: ଶିଶୁକନ୍ୟା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ରାଉରକେଲା ପୋକ୍‌ସୋ କୋର୍ଟର ବିଚାରପତି ପି. ସୂର୍ଯ୍ୟା ରାଓ ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ ଜେଲ୍ ଶୁଣାଇଛନ୍ତି। ୧୫ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ, ୧୮ଟି ଦସ୍ତାବିଜ୍ ଓ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ଆଧାରରେ ବିଚାରପତି ଏହି ରାୟ ଶୁଣାଇଛନ୍ତି। ଶିଶୁକନ୍ୟାଙ୍କୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା କିଶୋର ଗିରଫ ଅଭିଯୁକ୍ତ ହେଲେ କୁଆରମୁଣ୍ଡାର କିଶୋର ତିର୍କି (୫୧)। ଏହି ଅଭାବନୀୟ ଘଟଣା ଗତ ୨୦୨୦ ମାର୍ଚ୍ଚ ୯ ତାରିଖରେ ଘଟିଥିଲା। ସାଢ଼େ ୬ ବର୍ଷର ଶିଶୁକନ୍ୟା ଘରେ ଏକାକୀ ଖେଳୁଥିଲେ। ଅଭିଯୁକ୍ତ କିଶୋର ଶିଶୁକନ୍ୟାକୁ ଏକାକୀ ଦେଖି ଘରକୁ ପଶିଥିଲା। ଶିଶୁକନ୍ୟାଙ୍କୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା। ପରେ ପରିବାର ଲୋକ ଏ ସଂକ୍ରାନ୍ତରେ ବୀରମିତ୍ରପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ଲିଖିତ ଅଭିଯୋଗ ଆଧାରରେ ବୀରମିତ୍ରପୁର ପୁଲିସ ଫେରାର ଅଭିଯୁକ୍ତ କିଶୋରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରମୋଦ କୁମାର ଦେବତା ମାମଲା ପରିଚାଳନା କରୁଥିଲେ।

## ଭାଇ ବାହାଘର ସାରି ଫେରୁଥିବା ବାଟରେ ଅଘଟଣ ସଡ଼କ ଦୁର୍ଘଟଣାରେ ଚାଲିଗଲା ବଡ଼ଭାଇ ଜୀବନ

ରେଢ଼ାଖୋଲ,୨୨।୨ (ନିପ୍ର): ବାହାଘର କେତେ ଖୁସିତ କେତେବେଳେ ଏମିତି ଦୁଃଖ ଦେଇଯାଏ ଯାହା ମନରୁ ଅଦୃଶ୍ୟ ହୁଏନାହିଁ । ସାନଭାଇ ବାହାଘର ବରାତି ସାରି ମନ ଖୁସିରେ ଫେରିବା ବାଟରେ ସଡ଼କ ଦୁର୍ଘଟଣାରେ ବଡ଼ଭାଇର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ ଗ୍ରାମ ପଞ୍ଚାୟତ ଅଧୀନ ସୁଦମୁଣ୍ଡା ଗ୍ରାମ ଛକ ନିକଟରେ ଶନିବାର ସାନ ଭାଇର ବାହାଘର ବରାତି ସାରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ବାଇକ ଦୁର୍ଘଟଣାରେ ବଡ଼ଭାଇର ମୃତ , ଜଣେ ଗୁରୁତର ଆହତ ହୋଇଛି । ମୃତ ବଡ଼ ଭାଇ ହେଲେ ଚାରମାଳ ଥାନା ଅଧୀନ ଭରତାପୁର ଗ୍ରାମର ବାସିନ୍ଦା ପ୍ରଦୀପ ସାହୁ ଏବଂ ଗୁରୁତର ଆହତ ଜଣଙ୍କ ସେହି ଗ୍ରାମର ସୁଶାନ୍ତ ପ୍ରଧାନ। ସୂଚନା ଯୋଗ୍ୟ ଯେ ଭାଇ ବାହାଘର ରୋଶଣି ସାରି ପ୍ରଦୀପ ଏକ ବାଇକ ଯୋଗେ ଘରକୁ ଫେରିବା ବାଟରେ ସୁଦମୁଣ୍ଡା ଗ୍ରାମ ଛକ ନିକଟ ରାସ୍ତା କଡ ଏକ ବିଜୁଳି ଖୁଣ୍ଟରେ ବାଇକ ଭାରସାମ୍ୟ ହରାଇ ପିଟି ହୋଇଥିଲେ । ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଶାନ୍ତ ଅଧିକ ଗୁରୁତର ଆହତ ଥିବାରୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ସେପଟେ ଘଟଣା ସ୍ଥଳରେ ରେଢ଼ାଖୋଲ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ଶବକୁ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏପଟେ ସାନ ଭାଇର ବାହାଘର ଭୋଜି ବ୍ୟବସ୍ଥା କରିବା ଜାଗାରେ ବଡ଼ ଭାଇର କୋକେଇ ଉଠିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଓ ପରିବାର ବର୍ଗଙ୍କ ମଧ୍ୟରେ ଶୋକରେ ଛାୟା ଖେଳିଯାଇଛି ।

## ସଂସ୍କାରଯୁକ୍ତ ଶୃଙ୍ଖଳିତ ଆଚରଣ କଲେ ଆଚାର୍ଯ୍ୟ ହରିହରଙ୍କ ପ୍ରତି ହେବ ଉପଯୁକ୍ତ ସମ୍ମାନ

ସତ୍ୟବାଦୀ/ପୁରୀ,୨୨।୨ (ନିପ୍ର); ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ।ସମ୍ପ୍ରତି ଆଜିର ସମାଜରେ ସଂସ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି। ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ସାକ୍ଷୀ ଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ ତମ ପ୍ରତିଷ୍ଠା ଓ ବାର୍ଷିକ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ଭଲ ମଣିଷ ହେବାର କାଳଜୟୀ ବାଣୀ ସଭିଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ।ବିଭିନ୍ନ ଅନୁଷ୍ଠାନରେ ଶିକ୍ଷା ଲାଭ କରୁଥିବା ପିଲା ମାନେ ବଡ ମଣିଷ ହେବାର ସ୍ୱପ୍ନ ଦେଖିଥାନ୍ତି ।କିନ୍ତୁ ବଡ ମଣିଷ ହୋଇ ଅଧିକ ରୋଜଗାର ଅପେକ୍ଷା ଯଦି ସମାଜ ପାଇଁ ସମ୍ବଳ ପାଲଟି, ସଂସ୍କାର ଯୁକ୍ତ ହୋଇ ଶୃଙ୍ଖଳିତ ଆଚରଣ କରିଥାନ୍ତି ତେବେ ତାହାହିଁ ହେବ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ବୋଲି କହିଥିଲେ।ଏହି ଅନୁଷ୍ଠାନ ର ପିଲାମାନେ ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି ସେମାନଙ୍କୁ ଆମନ୍ତ୍ରଣ କରି ବର୍ତ୍ତମାନ ପିଲାମାନଙ୍କୁ ପ୍ରେରଣା ପାଇଁ ସେମାନଙ୍କ ସହ ମିଶିବାର ସୁଯୋଗ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ହରିହର ଶିଶୁ ଭବନର ଉପ ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ,ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କଳାକାର ନଟବର ଆଚାର୍ଯ୍ୟ, ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯନ୍ତ୍ର ଅଧିକାରୀ ଶୁଭ ନାରାୟଣ ଶତପଥୀ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିଥିଲେ।ପ୍ରାରମ୍ଭରେ ଅନଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ର ପ୍ରଗତି ଓ ଇତିବୃତି ବଣ୍ଟନ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅନ୍ତେବାସୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।ଏହି ଅବସରରେ ଅନୁଷ୍ଠାନ ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା।ଏହାକୁ ବିଡ଼ିଓ ସତ୍ୟବାଦୀ ଦେବାଶିଷ ନାୟକ ଉଦ୍‌ଘାଟନ କରିଥିଲେ।

# ପଖାଳ ସାଙ୍ଗକୁ ଖୋଜାପଡୁଛି ଶାଗ ଭଜା

ଭାପୁର,୨୨।୨ (ନିପ୍ର); ଭାପୁର ବ୍ଲକ ଏକ ଗ୍ରାମାଞ୍ଚଳ। ଏଠାକାର ସାଧାରଣ ଲୋକ ନାନା ପ୍ରକାର ଖାଦ୍ୟ ଖାଉଥିବା ବେଳେ ବିଶେଷ କରି ଗରିବଙ୍କ ମୁଖ୍ୟ ଖାଦ୍ୟ ପଖାଳକୁ ଶାଗ ଭଜା ଆଗ। ଅବଶ୍ୟ ଗରିବ ହେଉ କି ଧନୀ ବହୁ ଓଡ଼ିଆ ପରିବାରରେ ପଖାଳ ଭାତରେ ଶାଗ ହେଉଛି ମୁଖ୍ୟ ତରକାରି। କେବଳ ଓଡ଼ିଆ ନୁହେଁ ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଷାଠିଏ ପଉଟିରେ ଓଡ଼ିଆ ବ୍ୟଞ୍ଜନ ଶାଗ ମଧ ସ୍ଥାନିତ କରାଯାଇଥାଏ। ଷାଠିଏ ପଉଟି ବ୍ୟତୀତ ଅନ୍ୟାନ୍ୟ ଦେବସ୍ଥଳୀର ପ୍ରସାଦରେ ଶାଗ ଠାକୁରଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ।ଶାଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ଯାହା ଶରୀରକୁ ଆବଶ୍ୟକୀୟ ପୋଷକତତ୍ତ୍ୱ ଭିଟାମିନ ଏବଂ ଆଇରନ ପ୍ରଦାନ କରିଥାଏ। ଭାପୁର ବ୍ଲକ ର ଗ୍ରାମାଞ୍ଚଳରେ ଅନେକ ପ୍ରକାର ଶାଗ ମିଳିଥାଏ ଅର୍ଥାତ, ସଜନା,ଚଣା, ପାଳଙ୍ଗ, ସୁନୁସୁନିଆ, ଖଡା,ମଦରଙ୍ଗା, ନେଉଟିଆ, ମୁଠି,କୋସଳା ଶାଗ ଆଦି ପ୍ରଧାନ



ଏବଂ ଏହି ଶାଗରେ ଔଷଧୀୟ ଗୁଣ ଉପଲବ୍ଧ ରହିଛି ଯାହା ଶରୀର ପାଇଁ ମହୌଷଧି ଭଳି କାର୍ଯ୍ୟ କରିଥାଏ। ପ୍ରତିଟି ଓଡ଼ିଆଙ୍କ ବାଡ଼ିପଟ ରେ ଶାଗ ପଟାଳି ସହିତ ସଜନା ଗଛ ଟିଏ ଦେଖିବାକୁ ମିଳିଥାଏ। ଗରିବ ପରିବାର ବାଡିରୁ ଶାଗ ତୋଳିଆଣି ଭାଜି ଦେଲେ ସେହିଦିନର ପଖାଳ ଭାତ ସହିତ ତରକାରୀ ମିଳିଯାଇଥାଏ। ସଜନାଶାଗ ରୁ କ୍ୟାଲସିୟମ, ଭିଟାମିନ ଏ ,ସି ଏବଂ କେ, ମ୍ୟାଗନେସିୟମ ଏବଂ ଆଇରନର ଉତ୍ତମ ଉତ୍ସ ମିଳିଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢେଇବା ସହିତ ହାଡକୁ ମଜଭୁତ କରି ରକ୍ତ ସର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ପାଳଙ୍ଗ ଶାଗ ହେଉଛି ଆଇରନ ଏକ ଉତ୍ତମ ଉତ୍ସ ଯାହା ରକ୍ତହୀନତା ଠାରୁ ଦୂରେଇବାକୁ ସାହାଯତା କରିଥାଏ। ସୁନୁସୁନିଆ ଶାଗ ଖାଇଲେ ଆଣ୍ଠୁଗଣ୍ଠି ବାତ,ପିତ୍ତ ଏବଂ କାଶକୁ ପ୍ରତିରୋଧ କରିଥାଏ।କଲରା ପତ୍ର କୁ ଅରୁଆ ଚାଉଳ ବାଟି ପିଠଉ ଭଜା କରି ଖାଇଲେ ମଧୁମେହ ରୋଗକୁ ନିୟନ୍ତ୍ରଣ କରିଥାଏ। ଏହିଭଳି ଭାବରେ ଅତୀତରେ ଶାଗକୁ ନିୟମିତ ସେବନ ଦ୍ୱାରା ଲୋକମାନେ ନିରୋଗୀ ରହୁଥିଲେ। ବର୍ତ୍ତମାନ ସହରାଞ୍ଚଳର ବିଭିନ୍ନ ଖାଦ୍ୟ ଗ୍ରାମାଞ୍ଚଳ ରେ ପ୍ରବେଶ ହେତୁ ଲୋକେ ବହୁ ରୋଗରେ ପୀଡିତ ହେଉଛନ୍ତି।

## ଓଡ଼ିଶୀ ଆସର ୨୬ରେ

ପୁରୀ,୨୨।୨ (ନିପ୍ର): ଚଳିତ ମାସ ୨୬ ତାରିଖରେ ପୁରୀ ଟାଉନ ହଲଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ଆସରର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ୨୬ ତାରିଖ ଅପରାହ୍ନ ୫ ଘଟିକା ଠାରୁ ଟାଉନ ହଲ ଠାରେ ଓଡ଼ିଶାର ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଏହା ଆୟୋଜିତ ହେବ।ଓଡିଶୀ ନୃତ୍ୟ ଓ ସଂଗୀତ ର ପ୍ରଚାର ପ୍ରସାର ଉଦ୍ଦେଶ୍ୟ ରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।ଚଳିତ ଥର ମହାପ୍ରଭୁଙ୍କ କ୍ଷେତ୍ରରେ ଏହା ଆୟୋଜନ କରାଯାଉଛି।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

- ଅଚଳ ନଳକୂପ ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା
- ପାନୀୟ ଜଳ ଯୋଗାଣ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା
- ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା
- ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା

ଭବାନୀପାଟଣା,୨୨।୨ (ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, କଳାହାଣ୍ଡିଙ୍କ ଦ୍ୱାରା ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ , ଡି ଏଫ୍ ଓ ଆର କଲାଇ ବାନନ , ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସୂଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଆନୁସଙ୍ଗିକ ବ୍ୟବସ୍ଥା ଓ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ ମାର୍ଚ୍ଚ ପ୍ରଥମ ସପ୍ତାହ ଠାରୁ କଣ୍ଟ୍ରୋଲ ରୁମ ଖୋଲିବା ସହ ଅଭିଯୋଗ ରେଜିଷ୍ଟରରେ ଅଭିଯୋଗ ଗୁଡିକ ଲିପିବଦ୍ଧ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଚଳ ହୋଇଥିବା ନଳକୂପ ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ସଙ୍କ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା , ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ, ପଞ୍ଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମସ୍ଥଳୀ ଓ ଯାତ୍ରୀବାହି ବସ ତଥା ଅନ୍ୟାନ୍ୟ ଯାନବାହନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ସହିତ ଓଆରଏସ ପ୍ୟାକେଟ ରଖିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସମ୍ପଦଙ୍କ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବିଶେଷ କରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକ ପାଇଁ ସୁନିଶ୍ଚିତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଜିଲ୍ଲାର ସମସ୍ତ ବିଡିଓ , ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ନିଜ ଅଞ୍ଚଳରେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ରୁ ଜଳଛତ୍ର ଖୋଲିବା ସହିତ ମାଇକ ଯୋଗେ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ।

CMYK
22 .02.2026.pmd 1 2/22/2026, 4:39 PM

## ମନ କି ବାତର ୧୩୧ତମ ସଂସ୍କରଣ

# ପ୍ରାଚୀନ ଗ୍ରନ୍ଥକୁ ଏଆଇ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଂରକ୍ଷଣ



ନୂଆଦିଲ୍ଲୀ,୨୨।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତର ୧୩୧ତମ ଏପିସୋଡରେ କହିଛନ୍ତି ଯେ, ସମ୍ପ୍ରତି ଏଆଇ ଶିଖର ସମ୍ମିଳନୀରେ ବିଶ୍ୱ ଏଆଇ କ୍ଷେତ୍ରରେ ଭାରତର ଅବିଶ୍ୱସନୀୟ କ୍ଷମତା ଦେଖିଛି। ଭାରତ ତିନୋଟି ମେଡ୍ ଇନ୍ ଇଣ୍ଡିଆ ଏଆଇ ମଡେଲ୍ ମଧ୍ୟ ଲଞ୍ଚ୍ କରିଛି। ଏହି ଶିଖର ସମ୍ମିଳନୀ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଏଆଇ ଶିଖର ସମ୍ମିଳନୀ ଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ,ଏଆଇ ସମ୍ମିଟରେ ଦୁଇଟି ଉତ୍ପାଦ ବିଶ୍ୱ ନେତାଙ୍କୁ ପ୍ରଭାବିତ କରିଥିଲା। ପ୍ରଥମ ଉତ୍ପାଦଟି ଅମୂଲର ବୁଥ୍‌ରେ ଥିଲା। ଏଥିରେ ବ୍ୟାଖ୍ୟା କରାଯାଇଥିଲା ଏଆଇ ଆମକୁ ପଶୁମାନଙ୍କ ଚିକିତ୍ସାରେ କିପରି ସାହାଯ୍ୟ କରୁଛି ଓ ଚାଷୀମାନେ କିପରି ସପ୍ତାହରେ ୨୪ ଘଣ୍ଟିଆ ଏଆଇ ସହାୟତାରେ ସେମାନଙ୍କର ଦୁଗ୍ଧ ଓ ପଶୁପାଳନ ଉପରେ ନଜର ରଖିପାରିବେ। ଦ୍ୱିତୀୟ ଉତ୍ପାଦଟି ଆମର ସଂସ୍କୃତି ସହିତ ଜଡିତ ଥିଲା। ଏହା ପ୍ରଦର୍ଶନ କରିଥିଲା ଯେ କିପରି ପ୍ରାଚୀନ ଗ୍ରନ୍ଥ, ପାଣ୍ଡୁଲିପି ଏବଂ ପାରମ୍ପରିକ ଜ୍ଞାନକୁ ଏଆଇ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଂରକ୍ଷଣ କରାଯାଉଛି। ଏବଂ ନୂତନ ପିଢ଼ି ପାଇଁ ଡିଜିଟାଲ୍ ଭାବରେ ଗ୍ରହଣ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ଅନେକ ଦେଶର ପ୍ରତିନିଧିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଏବଂ ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ତାହା ଦେଖି ବିଶ୍ୱ ନେତାମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱର ବିଭିନ୍ନ ଦଳରେ ଭାରତୀୟ ଖେଳାଳିଙ୍କ ଉପସ୍ଥିତି ଉପରେ ସମ୍ପର୍କରେ କହି ୨୦୨୬ ଟି-୨୦ ବିଶ୍ୱକପ୍ ବିଷୟରେ ଉଲ୍ଲେଖ କରିଛନ୍ତି । ଆମେରିକା ଦଳର ଅନେକ ଖେଳାଳି ଭାରତୀୟ ଘରୋଇ କ୍ରିକେଟରୁ ଯାଇଛନ୍ତି। ଦଳର ଅଧିନାୟକ ମୋନାଙ୍କ ପଟେଲ ମଧ୍ୟ ଗୁଜରାଟର ୧୬ ବର୍ଷରୁ କମ୍ ଏବଂ ୧୮ ବର୍ଷରୁ କମ୍ ଦଳ ପାଇଁ ଖେଳିଛନ୍ତି। ମୁମ୍ବାଇର ସୌରଭ, ହରମିତ୍ ସିଂହ ଓ ଦିଲ୍ଲୀର ମିଳିନ୍ଦ କୁମାର ସମସ୍ତେ ଆମେରିକା ଦଳର ଗର୍ବ । ଓମାନର ଦଳରେ ଅନେକ ଖେଳାଳି ଅଛନ୍ତି ଯେଉଁମାନେ ପୂର୍ବରୁ ବିଭିନ୍ନ ଭାରତୀୟ ରାଜ୍ୟରେ ଖେଳିଛନ୍ତି। ଜତିନ୍ଦର ସିଂହ, ବିନାୟକ ଶୁକ୍ଲା, କରଣ, ଜୟ ଏବଂ ଆଶିଷଙ୍କ ଭଳି ଖେଳାଳିମାନେ ଓମାନ କ୍ରିକେଟର ଜଣେ ଜଣେ ଦକ୍ଷ ଖେଳାଳି। ଏହା ବ୍ୟତୀତ, ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ନ୍ୟୁଜିଲାଣ୍ଡ, ୟୁଏଇ ଏବଂ ଇଟାଲୀର ଦଳରେ ମଧ୍ୟ ନିଜର ଛାପ ସୃଷ୍ଟି କରୁଛନ୍ତି। ଭାରତୀୟ ବଂଶୋଦ୍ଭବଙ୍କ ଅନେକ ଖେଳାଳି ଅଛନ୍ତି ଯେଉଁମାନେ ନିଜ ନିଜ ଦେଶ ପାଇଁ ଗୌରବ ଆଣୁଛନ୍ତି ଏବଂ ସେଠାକାର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଖେଳ କେବଳ ଜିତିବା ଅବା ହାରିବା ନୁହେଁ, ବରଂ ଏହା ସଂସ୍କୃତି ତଥା ଦେଶଗୁଡ଼ିକୁ ସଂଯୋଗ କରିବାର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ। ସେ ବିଶେଷ ଭାବରେ ଭାରତୀୟ ମୂଳ ଥିବା ଖେଳାଳିମାନଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ଯେଉଁମାନେ ବିଦେଶୀ ଜାତୀୟ ଦଳ ପାଇଁ ଖେଳୁଥିବା ବେଳେ, ଭାରତୀୟ ସଂସ୍କୃତି ଏବଂ ମୂଲ୍ୟବୋଧରୁ ପ୍ରେରଣା ପାଇ ଚାଲିଛନ୍ତି।

## ଔଷଧ ରପ୍ତାନିରେ ଭାରତ ତୃତୀୟ



ନୂଆଦିଲ୍ଲୀ,୨୨।୨: ଔଷଧ ରପ୍ତାନିରେ (ମୋଟ ରପ୍ତାନି ପରିମାଣ ଅନୁଯାୟୀ) ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ଏହି କ୍ଷେତ୍ରରେ ୨୦୨୫-୨୬ରେ ୯.୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଛି। ତେବେ ୨୦୨୬-୨୭ରେ ତାହା ୧୦ ପ୍ରତିଶତରୁ ଅଧିକ ହେବା ଆକଳନ କରାଯାଇଛି। ସଂପ୍ରତି ୨୦୦ରୁ ଅଧିକ ବଜାରକୁ ଭାରତରୁ ଔଷଧ ରପ୍ତାନି ହେଉଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଭାରତରୁ ୩୦.୪୭ ବିଲଅନ୍ ଡଲାର ମୂଲ୍ୟର ଔଷଧ ବିଭିନ୍ନ ଦେଶକୁ ରପ୍ତାନି ହୋଇଛି। ଏବେ ଦେଶରେ ୬୦ ବିଲିଅନ୍ ଡଲାରର ଔଷଧ ଶିଳ୍ପ ରହିଛି। ଏହାକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ୧୩୦ ବିଲିଅନ୍ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ୧୯ ପ୍ରତିଶତ ଔଷଧ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ରପ୍ତାନି ହେଉଛି। ଭାରତ ୩୦.୪୭ ବିଲଅନ୍ ଡଲାର ମୂଲ୍ୟର ଔଷଧ ବିଭିନ୍ନ ଦେଶକୁ ରପ୍ତାନି କରୁଥିବା ବେଳେ ଏହାର ଏକ ବଡ଼ ଅଂଶ ୩୪ ପ୍ରତିଶତ ଆମେରିକାକୁ ରପ୍ତାନି ହୋଇଥାଏ। ସେହିପରି ୧୯ ପ୍ରତିଶତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ରପ୍ତାନି ହେଉଛି।

## ବିଜେପିରେ ମିଶିଲେ ଭୂପେନ ବୋରା



ନୂଆଦିଲ୍ଲୀ,୨୨।୨: ଆସାମ କଂଗ୍ରେସ ବା ଆସାମ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଭୂପେନ କୁମାର ବୋରା ରବିବାର ବିଜେପିରେ ଯୋଗ ଦେଇଛନ୍ତି। ଆସାମ ବିଜେପିର ସଭାପତି ଦିଲ୍ଲୀପ ସାଇକିଆ ଓ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଗୁହାଟୀରେ ଆସାମ ବିଜେପିର ମୁଖ୍ୟ କାର୍ଯ୍ୟାଳୟ 'ବାଜପେୟୀ ଭବନ'ରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଭୂପେନ କୁମାର ବୋରାଙ୍କ ସହିତ ପୂର୍ବତନ କଂଗ୍ରେସ କର୍ମୀ ସଞ୍ଜୁ ବୋରା ମଧ୍ୟ ଦଳରେ ଯୋଗ ଦେଇଛନ୍ତି। ଫେବ୍ରୁଆରୀ ୧୬ ତାରିଖରେ ଭୂପେନ କୁମାର ବୋରା କଂଗ୍ରେସରୁ ଇସ୍ତଫା ଦେଇଥିଲେ। ତେବେ କଂଗ୍ରେସ ହାଇକମାଣ୍ଡ ଏହାକୁ ଗ୍ରହଣ କରି ନଥିଲେ। ଦଳର ବରିଷ୍ଠ ନେତାମାନେ ତାଙ୍କୁ ଭେଟିବାକୁ ତାଙ୍କ ବାସଭବନକୁ ଯାଇଥିଲେ। ରାହୁଲ ଗାନ୍ଧୀ ମଧ୍ୟ ତାଙ୍କ ସହିତ କଥା ହୋଇଥିଲେ। ସେ ତାଙ୍କ ନିଷ୍ପତ୍ତିରୁ ଓହରିଯିବା ନେଇ ଚିନ୍ତା କରିବାକୁ ସମୟ ମାଗିଥିଲେ। ତା'ପର ଦିନ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଭୂପେନ କୁମାର ବୋରାଙ୍କ ବାସଭବନକୁ ଯାଇଥିଲେ। ତା'ପରେ ସେ ଫେବ୍ରୁଆରୀ ୨୨ରେ ବିଜେପିରେ ମିଶିବେ ବୋଲି ଘୋଷଣା କରିଥିଲେ। ଦୁଇ ଦିନ ତଳେ ଗୁହାଟୀ ସ୍ଥିତ ରାଜ୍ୟ ଅତିଥି ଭବନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ଭୂପେନ କୁମାର ବୋରା।

## ଆଇଏସ୍ଆଇ ଇସାରାରେ ଆକ୍ରମଣ ଯୋଜନା କରୁଥିବା ୬ ସନ୍ଦିଗ୍ଧ ଗିରଫ

ଚେନ୍ନାଇ,୨୨।୨: ଭାରତରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇଛି। ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ଏକ ବାଂଲାଦେଶୀ ଆତଙ୍କବାଦୀ ନେଟୱାର୍କର ନିର୍ଦ୍ଦେଶରେ ଷଡ଼ଯନ୍ତ୍ର ରଚା ଯାଇଥିବା ଅଭିଯୋଗ ଆଧାରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଛଅ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ତାମିଲନାଡୁରୁ ଗିରଫ କରାଯାଇଛି। ସେମାନେ ଏକ ପୋଷାକ କାରଖାନାରେ କାମ କରିବାର ଆଳ ଦେଖାଇ ଲୁଚି ରହିଥିଲେ। ପ୍ରାଥମିକ ପଚରାଉଚରା ପାଇଁ ସେମାନଙ୍କୁ ଦିଲ୍ଲୀ ଅଣାଯାଉଛି। ଗିରଫ ଅଭିଯୁକ୍ତମାନଙ୍କୁ ମିଜାନୁର ରହମାନ, ମହମ୍ମଦ ଶବତ, ଉମର, ମହମ୍ମଦ ଲିଥାନ, ମହମ୍ମଦ ଶାହିଦ ଓ ମହମ୍ମଦ ଉଜ୍ଜଲ ଭାବରେ ଚିହ୍ନଟ କରାଯାଇଛି। ତିରୁପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ଉଥୁକୁଲି, ପାଲଲଡମ ଏବଂ ଥିରୁମୁରୁଗାନପୁଣ୍ଡି ରେ ଅବସ୍ଥିତ ପୋଷାକ ୟୁନିଟ୍ରୁ ସେମାନଙ୍କୁ ଗିରଫ କରାଯାଇଛି।

## ଜୈଶର ଟପ୍ କମାଣ୍ଡର ସମେତ ଦୁଇ ଆତଙ୍କୀ ନିହତ



ଶ୍ରୀନଗର,୨୨।୨: ଜାମ୍ମୁ-କାଶ୍ମୀରର କିସ୍ତୱାର ଜିଲ୍ଲାରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ସୁରକ୍ଷା ବାହିନୀ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର କମାଣ୍ଡର ସୈଫୁଲ୍ଲା ଓ ତାର ଅନ୍ୟଜଣେ ସହଯୋଗୀକୁ ନିହତ କରିବାରେ ସଫଳ ହୋଇଛି । କିସ୍ତୱାର ଅଞ୍ଚଳରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ଦୁଇ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଅପରେସନ୍ ତ୍ରାଶି-୧ ଅଧୀନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ସେନା, ପୁଲିସ ଓ ସିଆରପିଏଫର ମିଳିତ ବାହିନୀ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ଏବଂ ସକାଳ ପ୍ରାୟ ସାଢ଼େ ୧୦ଟାରେ ଚାତରୁ ବେଲ୍ଟର ପାସେରକୁଟ୍ ଅଞ୍ଚଳରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଦୁଇଟି ଅଧିକାରୀ କହିଛନ୍ତି, ଏକ ପାହାଡ଼ ଉପରେ ଏକ ମାଟି ଘର ଭିତରେ ଲୁଚି ରହିଥିବା ଆତଙ୍କବାଦୀମାନେ ଆସୁଥିବା ସୈନିକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ, ଯାହା ଫଳରେ ଏକ ଭୟଙ୍କର ଏନକାଉଣ୍ଟର ହୋଇଥିଲା। ଏହି ଅପରେସନରେ ଏପର୍ଯ୍ୟନ୍ତ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ଦୁଇଟି ଏକେ-୪୭ ରାଇଫଲ୍, ଗୁଳିଗୋଳା ଓ ଅନ୍ୟାନ୍ୟ ଆତଙ୍କବାଦୀ ସାମଗ୍ରୀ ଜବତ କରାଯାଇଛି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି ଏବଂ କୌଣସି ଲୁଚି ରହିଥିବା ଆତଙ୍କବାଦୀ ଯେପରି ସେମାନଙ୍କ ଦୃଷ୍ଟିରୁ ଖସି ନ ଯାଆନ୍ତି ତାହା ନିଶ୍ଚିତ କରିବା ପାଇଁ ନିରନ୍ତର ତଲାସୀ ଅଭିଯାନ ଚଳାଇଛନ୍ତି।

## ୱାଶିଂଟନ ଡିସିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଟ୍ରମ୍ପ



ୱାଶିଂଟନ,୨୨।୨: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ଡିସିରେ ଜରୁରୀକାଳୀନ ଘୋଷଣାକୁ ଅନୁମୋଦନ କରିଛନ୍ତି। ସ୍ୱେରେଜ ପାଇପ୍ ଫାଟିବା ପରେ ପୋଟୋମାକ୍ ନଦୀରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଏବଂ ପରିସ୍ଥିତି ଜଟିଳ ରହିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଫେଡେରାଲ୍ ଜରୁରୀକାଳୀନ ପରିଚାଳନା ଏଜେନ୍ସି (ଏଫଇଏମଏ) ଏକ ପ୍ରେସ୍ ରିଲିଜ୍‌ରେ କହିଛି ଯେ ଜାନୁଆରୀ ୧୯ ତାରିଖରୁ ସ୍ୱେରେଜ୍ ଲାଇନ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କୋଲମ୍ବିଆ ଜିଲ୍ଲାକୁ ଫେଡେରାଲ୍ ବିପର୍ଯ୍ୟୟ ସହାୟତା ଯୋଗାଇ ଦିଆଯିବ। ଏଫଇଏମଏ କହିଛି ଯେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପରେ ସମସ୍ତ ପ୍ରୟାସକୁ ସମନ୍ୱୟ କରିବା ପାଇଁ ଏଜେନ୍ସିକୁ ଅଧିକାର ମିଳିଛି। ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ କଷ୍ଟକୁ ଦୂର କରିବା, ଜୀବନ ରକ୍ଷା କରିବା, ସମ୍ପତ୍ତିର ସୁରକ୍ଷା କରିବା ଏବଂ ଜନସ୍ୱାସ୍ଥ୍ୟ ଓ ନିରାପତ୍ତା ସୁରକ୍ଷା କରିବା। ଏହି ସହାୟତା କୋଲମ୍ବିଆ ଜିଲ୍ଲା, ମେରିଲ୍ୟାଣ୍ଡ ଓ ଭର୍ଜିନିଆର ସେହି ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯିବ ଯେଉଁଠାରେ ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ଅଛି। ୱାଶିଂଟନ୍, ଡିସିର ମେୟର ମୁରିଏଲ୍ ବାଉସର୍ ଶୁକ୍ରବାର ଦିନ ପୁନରାବୃତ୍ତି କରି କହିଛନ୍ତି, ସ୍ୱେରେଜ୍ ଲାଇନ୍ ଫାଟିବା ପାନୀୟ ଜଳକୁ ପ୍ରଭାବିତ କରିନାହିଁ। ରିପୋର୍ଟ ଅନୁଯାୟୀ ଜାନୁଆରୀ ୧୯ ତାରିଖରେ, ଡିସି ୱାଟର ଦ୍ୱାରା ପରିଚାଳିତ ଏକ ପ୍ରମୁଖ ସ୍ୱେରେଜ୍ ପାଇପଲାଇନର ଏକ ଅଂଶ, ଯାହାକୁ ପୋଟୋମାକ୍ ଇଣ୍ଟରସେପ୍ଟର କୁହାଯାଏ, ତାହା ଫାଟି ଯାଇଥିଲା, ଯାହା ଫଳରେ ୨୦୦ ମିଲିୟନ୍ ଗ୍ୟାଲନରୁ ଅଧିକ ସ୍ୱେରେଜ୍ ପୋଟୋମାକ୍ ନଦୀରେ ନିର୍ଗତ ହୋଇଥିଲା। ଫେବୃଆରୀ ୧୮ ତାରିଖରେ, ମେୟର ବାଉସର୍ ଫେଡେରାଲ୍ ସହାୟତା ପାଇବା ପାଇଁ ଏକ ମାସ ଧରି ଚାଲିଥିବା ଘଟଣାକୁ ସ୍ଥାନୀୟ ସାଧାରଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ।

## ଆଇଆଇଟି ବମ୍ବେର ହଷ୍ଟେଲରୁ ୫ ଜୀବନ୍ତ କାର୍ଟ୍ରିଜ୍ ଜବତ

ନୂଆଦିଲ୍ଲୀ,୨୨।୨: ଦେଶର ପ୍ରତିଷ୍ଠିତ ପ୍ରତିଷ୍ଠାନ ଆଇଆଇଟି ବମ୍ବେରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏକ ହଷ୍ଟେଲ ପରିସରରେ ଜଣେ ଛାତ୍ରଙ୍କ ବ୍ୟାଗରୁ ପାଞ୍ଚଟି ଜୀବନ୍ତ ୭.୬୫ ଏମ୍ଏମ୍ କାର୍ଟ୍ରିଜ୍ ଜବତ କରାଯାଇଛି । ଏହି ଘଟଣା କ୍ୟାମ୍ପସ୍ ସୁରକ୍ଷା ଓ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକଳାପ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ମାମଲାର ଗମ୍ଭୀରତାକୁ ବିଚାର କରି, ପୱାଇ ପୁଲିସ ଅଭିଯୁକ୍ତ ଛାତ୍ର ସର୍ବୋତ୍ତମ ଆନନ୍ଦ ସତୀଶଚନ୍ଦ୍ର ଚୌଧୁରୀ (୨୩)ଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ କରି ତାଙ୍କୁ ନିଜ ହେପାଜତକୁ ନେଇଛି । ସମ୍ପୂର୍ଣ୍ଣ ଘଟଣା ଏକ ବ୍ୟକ୍ତିଗତ ବିବାଦରୁ ଆରମ୍ଭ ହୋଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ଆଇଆଇଟି ବମ୍ବେର ହଷ୍ଟେଲ ନମ୍ବର-୧ ର ଗ୍ରାଉଣ୍ଡ ଫ୍ଲୋରରେ ଦୁଇ ଛାତ୍ର ସୂରଜ ଦୁବେ ଓ ଅମନଙ୍କ ମଧ୍ୟରେ ଏକ ଟଙ୍କା କାରବାରକୁ ନେଇ ପ୍ରବଳ ଯୁକ୍ତିତର୍କ ହେଉଥିଲା।

## ଆଫଗାନିସ୍ତାନ ଉପରେ ପାକ୍‌ର ଏୟାରଷ୍ଟ୍ରାଇକ: ୧୭ ମୃତ

ପାକିସ୍ତାନ,୨୨।୨ : ପାକିସ୍ତାନ ଆଫଗାନିସ୍ତାନ ଉପରେ ଏକ ବଡ଼ ଏୟାରଷ୍ଟ୍ରାଇକ୍ କରିଛି। ପାକିସ୍ତାନ ପୁଣି ଥରେ ଆଫଗାନିସ୍ତାନରେ ପଶି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଆକ୍ରମଣଗୁଡ଼ିକ ଆଫଗାନିସ୍ତାନର ଘନି ଖେଲୋ ଏବଂ ଗରଦା ସାମିଆ ଜିଲ୍ଲାରେ ହୋଇଥିବା ଜଣାପଡିଛି । ଯେଉଁ ଆକ୍ରମଣରେ ସାଧାରଣ ନାଗରିକଙ୍କ ଆବାସିକ ଅଞ୍ଚଳକୁ ଟାର୍ଗେଟ କରାଯାଇଛି। ଫଳରେ ୧୭ ଜଣ ଆଫଗାନିସ୍ତାନ ନାଗରିକଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ପାକିସ୍ତାନୀ ସେନା ଏକ ବିମାନ ଆକ୍ରମଣ ସମୟରେ ପାକଟିକାର ବାରମଲ୍ ଜିଲ୍ଲାରେ ଏକ ମଦ୍ରାସାକୁ ଟାର୍ଗେଟ କରିଥିଲା। ଏହି ଆକ୍ରମଣରେ ମଦ୍ରାସା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା । ଉରଗୁନ୍ ଜିଲ୍ଲା ସହିତ ନଙ୍ଗରହାରର ଖୋଗିଆନି, ବେହସୁଦ୍ ଏବଂ ଘନି ଖେଲ ଜିଲ୍ଲାରେ ମଧ୍ୟ ଏୟାରଷ୍ଟ୍ରାଇକ୍ କରିଥିଲା । ଏହାରି ମଧ୍ୟରେ ଆଫଗାନିସ୍ତାନ ସୀମା ଆରପାରିରେ ୭ଟି ଆତଙ୍କବାଦୀ ଶିବିର ଏବଂ ଆଡ୍ଡାକୁ ଟାର୍ଗେଟ କରି ବିମାନ ଆକ୍ରମଣ କରିଛି ବୋଲି ପାକିସ୍ତାନ ଦାବି କରିଛି । ପାକିସ୍ତାନ କହିଛି ଯେ, ଏହି ଆଡ୍ଡାଗୁଡ଼ିକ ତେହରିକ-ଏ-ତାଲିବାନ ପାକିସ୍ତାନ ଏବଂ ଇସଲାମିକ୍ ଷ୍ଟେଟ୍-ଖୋରାସାନ ସହିତ ଜଡିତ ବ୍ୟକ୍ତିମାନଙ୍କର ଥିଲା । ଆହୁରି ମଧ୍ୟ ପାକିସ୍ତାନ କହିଛି ଯେ, ଇସଲାମାବାଦ, ବାଜୌର ଏବଂ ବାନୁର ଇମାମ ବାରଗାରେ ହୋଇଥିବା ବିସ୍ଫୋରଣ ସମେତ ସମ୍ପ୍ରତି ଆତ୍ମଘାତୀ ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅନ୍ୟପଟେ ପାକିସ୍ତାନ ଦୀର୍ଘ ସମୟ ଧରି ଅନ୍ତର୍ଜାତୀୟ ଯାଞ୍ଚର ସମ୍ମୁଖୀନ ହୋଇଆସୁଛି ।

## ଭୂକମ୍ପରେ ଥରିଉଠିଲା ନେପାଳ



ନୂଆଦିଲ୍ଲୀ,୨୨।୨: ରବିବାର ସକାଳେ ନେପାଳର କୋଶୀ ପ୍ରଦେଶରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ମନିଟରିଂ ଓ ଗବେଷଣା କେନ୍ଦ୍ର ଅନୁଯାୟୀ, ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୧ ଥିଲା ଏବଂ ଏହା ସକାଳ ୭:୩୧ ମିନିଟରେ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ନେପାଳର ରାଜଧାନୀ କାଠମାଣ୍ଡୁରୁ ୪୭୫ କିଲୋମିଟର ପୂର୍ବରେ ଥିବା ସଂଖୁବାସଭା ଜିଲ୍ଲାର ରିତାକ ଅଞ୍ଚଳରେ ଥିଲା। ନେପାଳର ପଡ଼ୋଶୀ ଜିଲ୍ଲା ତାପଲେଜଙ୍ଗ ଓ ଭୋଜପୁରରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ସ୍ଥାନୀୟ ଲୋକେ ଘର ଛାଡ଼ି ବାହାରକୁ ଦୌଡ଼ି ଆସିଥିଲେ। କିନ୍ତୁ ଏହି ବିପର୍ଯ୍ୟୟରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇନାହିଁ। ତେବେ ନେପାଳରେ ବାରମ୍ବାର ଭୂକମ୍ପ ହେବା କିଛି ନୂଆ କଥା ନୁହେଁ। ଏହି ଦେଶ ବିଶ୍ୱର ସର୍ବାଧିକ ଭୂକମ୍ପପ୍ରବଣ ଦେଶମାନଙ୍କ ମଧ୍ୟରେ ୧୧ତମ ସ୍ଥାନରେ ଅଛି। ହିମାଳୟ ଅଞ୍ଚଳରେ ଅବସ୍ଥିତ, ନେପାଳ ପ୍ରାୟତଃ ଟେକ୍ଟୋନିକ୍ ପ୍ଲେଟ୍ ଗତିବିଧି ଯୋଗୁଁ ଭୂକମ୍ପର ଶିକାର ହୁଏ।

# ନମୋ ଭାରତ ଓ ମିରଟ ମେଟ୍ରୋର ଶୁଭାରମ୍ଭ କରି ଯାତ୍ରୀଙ୍କ ସହ ଆଲୋଚନା କଲେ ମୋଦି



ମିରଟ,୨୨।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିନ ୧୨:୩୦ରେ ଶତାବ୍ଦୀ ନଗର ଷ୍ଟେସନରୁ ବହୁ ପ୍ରତୀକ୍ଷିତ ନମୋ ଭାରତ ଆଞ୍ଚଳିକ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ (ଆରଆରଟିଏସ୍) ଏବଂ ମିରଟ ମେଟ୍ରୋକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଏହି ସେବାକୁ ଉଦଘାଟନ କରିବା ସହ ନମୋ ଭାରତ ଟ୍ରେନରେ ବସି ମିରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ସେ ଯାତ୍ରା କରିଛନ୍ତି। ଏହି ସମୟରେ ସ୍କୁଲ ପିଲା ଓ ଅଧିକାରୀଙ୍କ ସହିତ ମୋଦି ଆଲୋଚନା ମଧ୍ୟ କରିଛନ୍ତି। 'ଆରଆରଟିଏସ୍'କୁ ପତାକା ଦେଖାଇବା ପରେ, ପ୍ରଧାନମନ୍ତ୍ରୀ ଦେଶରେ ମେଟ୍ରୋ ନେଟୱାର୍କର ସମ୍ପ୍ରସାରଣରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ। ୨୦୧୪ ପୂର୍ବରୁ, ଭାରତରେ ମେଟ୍ରୋ ସମ୍ପ୍ରସାରଣ ବହୁତ ଧୀର ଥିଲା। କଂଗ୍ରେସ ସରକାର ସମୟରେ, କେବଳ ପାଞ୍ଚଟି ସହରରେ ମେଟ୍ରୋ ଚାଲୁଥିଲା। ବିଜେପି ସରକାର ସମୟରେ, ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି,' ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କ ମଧ୍ୟ ନିର୍ମାଣ କରିଛି। ଗତ ୧୦-୧୧ ବର୍ଷ ମଧ୍ୟରେ, ମେଟ୍ରୋଗୁଡ଼ିକ ଡଜନ ଡଜନ ସହରରେ ପହଞ୍ଚିଛି, କାରଣ ବିଜେପି ସରକାର ନାଗରିକମାନଙ୍କୁ ସୁବିଧାଜନକ, ଦ୍ରୁତ ଏବଂ ପ୍ରଦୂଷଣମୁକ୍ତ ପରିବହନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି, କିଛି ସମୟ ପୂର୍ବରୁ ମୁଁ ମେରଠ ମେଟ୍ରୋରେ ଯାତ୍ରା କରିଥିଲି। ଯାତ୍ରା ସମୟରେ, ମୁଁ ଅନେକ ସ୍କୁଲ ଓ କଲେଜ ଛାତ୍ର ଏବଂ ଅନ୍ୟାନ୍ୟ ଯାତ୍ରୀଙ୍କ ସହ ଭାବ ବିନିମୟ କରିଥିଲି। ଲୋକମାନେ ପୁରୁଣା ଦିନଗୁଡ଼ିକୁ ମନେ ପକାଇଥିଲେ, ବିଶେଷକରି ମହିଳା ଯାତ୍ରୀମାନେ ମୋତେ କହିଥିଲେ ଯେ କିଛି ବର୍ଷ ପୂର୍ବେ ସନ୍ଧ୍ୟା ସୁଦ୍ଧା ସମଗ୍ର ରୁଟ୍ ନିର୍ଜନ ହୋଇଯାଉଥିଲା, ଯାହା ଭୟର ପରିବେଶ ସୃଷ୍ଟି କରୁଥିଲା, କିନ୍ତୁ ବର୍ତ୍ତମାନ କେଉଁଆଡ଼େ ବି ଯାତ୍ରା କରିବା ପାଇଁ ଭୟ ଲାଗୁନି। ମିରଟ ମେଟ୍ରୋ, ଦେଶର ସବୁଠାରୁ ଦ୍ରୁତତମ ମେଟ୍ରୋ ସେବା। ଆଜିଠାରୁ ମୋଦିପୁରମରୁ ଦକ୍ଷିଣ ମିରଟ ପର୍ଯ୍ୟନ୍ତ ଯାତ୍ରା କରିବ, ଯାହା ୧୨ଟି ଷ୍ଟେସନରେ ବିସ୍ତୃତ ୨୩ କିଲୋମିଟର ଟ୍ରାକକୁ କଭର କରିବ। ପ୍ରାୟ ୧୩,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ, ମିରଟ ମେଟ୍ରୋ ସମଗ୍ର ଯାତ୍ରାକୁ ମାତ୍ର ୩୦ ମିନିଟ୍ ମଧ୍ୟରେ କଭର କରିବ। ଏହାର ସର୍ବାଧିକ ଘଣ୍ଟା ପ୍ରତି ବେଗ ୧୨୦ କିଲୋମିଟର ରହିବ। ଯଦି ଆମେ ଏହାର ଟିକେଟ୍-ଫି କଥା କହିବା ତେବେ ଏଥିରେ ଯାତ୍ରା କରିବା ପାଇଁ ୧୦ଟଙ୍କାରୁ ୫୦ଟଙ୍କା ମଧ୍ୟରେ ଭଡ଼ା ଦେବାକୁ ପଡ଼ିବ।

## ଇରାନରେ ପୁଣି ପ୍ରତିବାଦର ନିଆଁ

# ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରଛାତ୍ରୀ



ତେହେରାନ,୨୨।୨: ଇରାନ-ଆମେରିକା ଉତ୍ତେଜନା ଭିତରେ ଇରାନରେ ପୁଣି ପ୍ରତିବାଦର ନିଆଁ ଦେଖିବାକୁ ମିଳିଛି। ତେହେରାନ ଓ ମଶାଦରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶହ ଶହ ଛାତ୍ର ଶୋଭାଯାତ୍ରାରେ ଆରମ୍ଭ କରିଛନ୍ତି। ଗତ ମାସର ହିଂସା ପରେ ସବୁଠାରୁ ବଡ଼ ଛାତ୍ର ରାଲି ସରିଫ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ଅମିର କବୀର ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଓ ଉଭୟ ସହରର ଅନେକ ମେଡିକାଲ ସାଇନ୍ସ ୟୁନିଭରସିଟିରେ ଦେଖିବାକୁ ମିଳିଛି। ରାଜଧାନୀର ସରିଫ ବିଶ୍ୱବିଦ୍ୟାଳୟରେ, ଇରାନ ପତାକା ଧରି ଛାତ୍ରଛାତ୍ରୀମାନେ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ନାମରେ 'ଏକଛତ୍ରବାଦୀଙ୍କ ମୃତ୍ୟୁ ହେଉ' ନାରା ଦେବା ସହିତ ସରକାର ବିରୋଧୀ ଓ ରାଜତନ୍ତ୍ର ସମର୍ଥନରେ ନାରାବାଜୀ କରିଛନ୍ତି। ତେହେରାନର ସହିଦ ବେହେସ୍ତି ବିଶ୍ୱବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ। ଇରାନର ଦ୍ୱିତୀୟ ବୃହତ୍ତମ ସହର ମାଶହାଦରେ, ଛାତ୍ରମାନେ 'ଆଜାଦୀ, ଆଜାଦୀ' ନାରା ଦେଇ ସେମାନଙ୍କ ସାଥୀମାନଙ୍କୁ ନିଜ ଅଧିକାର ପାଇଁ ସ୍ୱର ଉଠାଇବାକୁ ଆହ୍ୱାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସକ ପୂର୍ବରୁ ଇରାନରେ ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଏହି ପ୍ରତିବାଦକୁ ନେଇ କଠୋର ହୋଇଥିଲେ ଖେମିନି ସରକାର, ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ, ଯେଉଁଥିରେ ପ୍ରାୟ ୭ହଜାର ଲୋକଙ୍କ ଜୀବନ ଯାଇଥିବା କଥା କୁହାଯାଉଥିବାବେଳେ ଇରାନ ସରକାର ଜାନୁଆରୀ ୨୧ ତାରିଖରେ ୩୧୧୭ ଜଣଙ୍କ ମୃତ୍ୟୁ ହୋଇଥିବା କଥା ପ୍ରକାଶ କରିଥିଲେ।

## ପ୍ରାକୃତିକ କୃଷିକୁ ନେଇ ଚାଷୀ କର୍ମଶାଳା




ତୁରେକେଲା(ନିପ୍ର) : ରାଜ୍ୟରେ ଜୈବିକ ଓ ପ୍ରାକୃତିକ କୃଷିକୁ ନେଇ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଉଛି । ରସାୟନିକ ସାର ଓ କୀଟନାଶକର୍ କୁପ୍ରଭାବ ବର୍ତ୍ତମାନ ଚାଷ ଜମିକୁ ହାନି ପହଞ୍ଚାଉଛି। ଅତ୍ୟଧିକ ହାଇବ୍ରିଡ ବିହନ ବ୍ୟବହାର ଦ୍ୱାରା ମାଟିର ମାନ ମଧ୍ୟ ନଷ୍ଟ ହେଉଛି । ଏ ଉପକ୍ରମରେ ବଲାଙ୍ଗୀର ଜିଲ୍ଲା ତୁରେକେଲା ନିକଟସ୍ଥ ଲର୍କି ଗାଁ ରେ ବିଗତ ୨୦ ବର୍ଷରୁ ଅଧିକ ସମୟ ଧରି ସଂକଳ୍ପ ନିଜର ଅଭିଯାନ ଜାରି ରଖିଛି। ବଙ୍ଗୋମୁଣ୍ଡା ବ୍ଲକର ଝଲପ ଗାଁ ରେ ସଂକଳ୍ପ ତରଫରୁ ପ୍ରାକୃତିକ କୃଷିକୁ ନେଇ ଏକ ଦିନିକିଆ କର୍ମଶାଳା ନିକଟରେ ଆୟୋଜନ କରାଯାଇଥିଲା। ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନ, ପ୍ରାକୃତିକ କୃଷିର ଉପକାରିତାକୁ ନେଇ ସଂକଳ୍ପର ସମ୍ପାଦକ ସଦାନନ ମେହେର ଚାଷୀମାନଙ୍କୁ ବୁଝାଇଥିଲେ । ଏହି କର୍ମଶାଳାରେ ହାଣ୍ଡିଖତ, ଜୀବାମୃତର ପ୍ରସ୍ତୁତି ମଧ୍ୟ ଚାଷୀମାନଙ୍କ ଆଗରେ କରାଯାଇଥିଲା । ସଂକଳ୍ପ ମଧ୍ୟ ଆଞ୍ଚଳିକ ପରିଷଦ ଭାବେ ପ୍ରାକୃତିକ କୃଷିକୁ ପ୍ରମାଣୀକରଣ କରୁଛି। କାର୍ଯ୍ୟକ୍ରମରେ ସଂକଳ୍ପର ସଦସ୍ୟ ମନୋହର ସମର୍ଥ ଓ କୃଷି ମିତ୍ର ରୋଜାଲିନ ସେନାପତି ସହାୟତା କରିଥିଲେ। ଆଗାମୀ ଦିନରେ ସଂକଳ୍ପ ତରଫରୁ ଏକ ଜୈବ ଗାଁ ଗଠନ ଦିଗରେ ପ୍ରୟାସ କରାଯିବ ବୋଲି ଏହାର ସମ୍ପାଦକ କହିଥିଲେ ।

## ପଞ୍ଚମ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀ ପ୍ରସ୍ମିତା ବାରିକ

ଚାରିଛକ ( ନିପ୍ର) ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ଅଟେଇହୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରସ୍ମିତା ବାରିକ ପଞ୍ଚମ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରୀ ପ୍ରସ୍ମିତା ବାରିକ ଜଣେ ସକ୍ରିୟ ନିଷ୍ଠାପର ଭାବେ ପାଠ ପଢା ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ପୂର୍ବରୁ ବିଭିନ୍ନ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି ବୋଲି ଶିକ୍ଷା ଗୁରୁ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି । ଏହି ପଞ୍ଚମ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସହଯୋଗ ମୋର ପିତା ମାତା ସହିତ ଶିକ୍ଷା ଗୁରୁ ଓ ଟିୟୁସନ ଗୁରୁମାଙ୍କ ସହଯୋଗର ହାତ ରହିଛି ବୋଲି ଛାତ୍ରୀ କହିଥିଲେ । ଆଗକୁ ଆହୁରି ପରିଶ୍ରମ କରି ପିତା ,ମାତା ,ଗୁରୁ ସହିତ ଅଞ୍ଚଳର ନା ରଖିବି ଓ ବଡ଼ ହୋଇ ସାଧାରଣ ଲୋକ ମାନଙ୍କ ସେବା କରିବି ବୋଲି ମଧ୍ୟ କହିଥିଲେ । ଏହି ପଞ୍ଚମ ମେଧା ବୃତ୍ତି ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପିତା ଦେବେନ୍ଦ୍ର ବାରିକ ,ମାତା କଳ୍ପନା ବାରିକ ,ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିକ୍ଷକ ରସନ ଅଲ୍ଲି ଖାଁ,ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ,ଶିକ୍ଷୟତ୍ରୀ ରୋଜାଲିନୀ ମଲ୍ଲିକ ,ରାଜଲକ୍ଷ୍ମୀ ସ୍ୱାଇଁ ,ପରିଚାଳନା କମିଟିର ସଭାପତି କୈଳାସ ଭୋଳ ସହିତ ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

## ଲିଙ୍ଗରାଜଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ଲାଗି ଦାବି

ଭୁବନେଶ୍ୱର:ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଲିଙ୍ଗରାଜ । ତାଙ୍କୁ କେନ୍ଦ୍ର କରି ହେଉଥିବା ବିଭିନ୍ନ ଯାତ୍ରା ମଧ୍ୟରୁ ଅନ୍ୟତମ ହାଣ୍ଡିଭଙ୍ଗା ଯାତ। ଚଳିତ ବର୍ଷର ହାଣ୍ଡି ଭଙ୍ଗା ଯାତ ପାଇଁ ପ୍ରଶାସନିକ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ହୋଇପାରିଲା ନାହିଁ। ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଏକ ବିବୃତିରେ ଏହା କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଲିଙ୍ଗରାଜଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ ।

## ବୃନ୍ଦାବନ ଚନ୍ଦ୍ର ଦେବ ମାଗଣା ସ୍ୱାସ୍ଥ୍ୟ ସେବା ଉଦଘାଟିତ

ନିରାକାରପୁର,(ନିପ୍ର), ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଳିତା ପାଟପୁର ଗ୍ରାମରେ ବୃନ୍ଦାବନ ଚନ୍ଦ୍ର ଦେବ ମାଗଣା ସ୍ୱାସ୍ଥ୍ୟ ସେବା ଆଜି ସକାଳ ୧୦ ଘଟିକା ସମୟରେ ଉଦ୍‌ଘାଟନ ହୋଇ ଯାଇଛି। ଏହି ଉଦ୍ଘାଟନ ଉତ୍ସବରେ ଲଳିତା ପାଟପୁର ଗ୍ରାମର ଡାକ୍ତର ବୈକୁଣ୍ଠ ନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅଞ୍ଚଳର ସମସ୍ୟାକୁ ହୃଦବୋଧ କରି ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ପ୍ରତ୍ୟେକ ମାସର ୨ୟ ରବିବାର ଓ ୪ର୍ଥ ରବିବାର ନିଜେ ଆସି ଅନ୍ୟାନ୍ୟ ଅଭିଜ୍ଞ ଡାକ୍ତରମାନଙ୍କୁ ଆଣିବା ପାଇଁ ଅଞ୍ଚଳ ବାସୀ ଙ୍କୁ ପ୍ରତିଶୃତି ଦେଇଥିଲେ। ଯାଜ୍ଞିକ ବ୍ରାହ୍ମଣ ପଣ୍ଡିତ ରଘୁନାଥ କର ଡ଼ଃ ବି.ଏନ. ତ୍ରିପାଠୀଙ୍କୁ ଉପଢୌକନ ଦେବା ସହ ଆର୍ଶିବଚନ ଦେଇଥିଲେ। ଆଜି ପ୍ରଥମ ଦିବସରେ ୩୦ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ ।ଏହି ଶିବିରରେ ସମାଜ ସେବି ଦୁଃଖିଶ୍ୟାମ ମହାପାତ୍ର, ଅନନ୍ତ ସାହୁ, ଅକ୍ଷୟ ସାହୁ, ପଦ୍ମଲାଭ ସାହୁ ଅମରେଶ ପ୍ରଧାନ , ଦେବବ୍ରତ ସାମନ୍ତରାୟ,ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତି ରାୟ ଉପସ୍ଥିତ ଥିଲେ । ପରିଶେଷରେ ଅବସରପ୍ରାପ୍ତ କ୍ୟାପିଟାଲ ହସପିଟାଲ୍ ଡାକ୍ତର ବୈକୁଣ୍ଠ ନାଥ ତ୍ରିପାଠୀ ରୋଗୀ ମାନଙ୍କୁ ସଚେତନତା ଉପରେ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପକ ଶ୍ୟାମସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରକୋଟ୍‌ରେ କ୍ଷତ୍ରିୟ ମହାଅଧିବେଶନ ପାଇଁ ପ୍ରସ୍ତୁତି

ଡାବୁଗାଁ(ନିପ୍ର): ଆସନ୍ତା ଫାଲଗୁନ ତ୍ରୟୋଦଶୀ ମାର୍ଚ୍ଚ ୧ ତାରିଖରେ ତେନ୍ତୁଲିଖୁଣ୍ଟି ବ୍ଲକ ଚିତ୍ରକୋଟ୍ ଗାଁରେ ହେବାକୁ ଥିବା କ୍ଷତ୍ରିୟ ଧାକଡ ସମାଜ ମହା ଅଧିବେଶନରେ ଯୋଗଦେବା ପାଇଁ ଡାବୁଗାଁ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚକ୍ରଧର ସିଂହ, ସଂଗଠନ ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ, ଉପ ସଭାପତି କାର୍ତ୍ତିକ ଦାସ, ଲକ୍ଷ୍ମୀନାରାୟଣ ପାଣ୍ଡେ, ସଦନ ନାୟକ, ବରିଷ୍ଠ ଆଇନଜୀବି ମିହିର ଶଙ୍କର ପାତ୍ର, ଡାବୁଗାଁ ବ୍ଲକ ସଭାପତି ପଦମ ସିଂ ଆଲୋଚନା ରେ ଭାଗ ନେଇ ଡାବୁଗାଁ, ଝରିଗାଁ ଓ ଉମରକୋଟ ନିର୍ବାଚନ ମଣ୍ଡଳୀ ଅଧିକାଂଶ କ୍ଷତ୍ରିୟ ଧାକଡ ସମାଜର ଭାଇ ଭଉଣୀ ଯୋଗଦାନ କରିବେ ବୋଲି ସୂଚନା ଦେଇଛନ୍ତି। ସଂପୂର୍ଣ୍ଣ ଆୟୋଜନ କାର୍ଯ୍ୟ ପ୍ରାୟତଃ ସମାପ୍ତ ହୋଇ ଯାଇଛି। ହଜାର ହଜାର କ୍ଷତ୍ରିୟ ଧାକଡ ସମାଜର ବ୍ୟକ୍ତି ମହା ଅଧିବେଶନରେ ଯୋଗଦେବେ ବୋଲି ଜିଲ୍ଲା ବରିଷ୍ଠ ଉପସଭାପତି ସୁରେନ୍ଦ୍ର ନାୟକ ପ୍ରେସକୁ ସୂଚନା ଦେଇଛନ୍ତି।

# ବୁଗୁଡ଼ା ଅଞ୍ଚଳରେ ସାଇବର ଠକେଇର ପର୍ଦ୍ଦାଫାସ, ୨ ଅଭିଯୁକ୍ତ ଗିରଫ

ବୁଗୁଡା (ନିପ୍ର): ସମ୍ପ୍ରତି ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ ଲୋକେ ସାଇବର ଠକେଇର ଶିକାର ହୋଇଆସୁଥିବା ବେଳେ ଓଡିଶା ପୋଲିସର ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ପରିପ୍ରେକ୍ଷୀରେ ବୁଗୁଡା ପୋଲିସ ଏବେ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରି ୨ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଠକ ଦ୍ୱୟ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ(୩୨) ଓ ଅଶ୍ୱିନୀ କୁମାର ରାଉତ (୨୪) ହୋଇଥିବା ବେଳେ ସେ ଦ୍ୱୟଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୮୧/୨୬ ଓ ୮୨/୨୬ ରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ୍



ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ପ୍ରକ୍ରିୟା କାଳରେ ଅନେକ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍ , କାରବାର ବିବରଣୀ , ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି। ଏଥି ସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟୱାର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚିହ୍ନଟ କରାଯାଇଛି। ତେବେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୩୬(୩) , ୩୪୦(୨), ୬୧(୨), ୧୧୨(୨)/୩(୫) ଏବଂ ଆରଡବ୍ଲୁ ଧାରା ୬୬-ଡି ଆଇଟି ଆଇନ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ଏହି ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବି ରହିଛି ସେନେଇ ପୋଲିସ ତା'ର ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି।

## ଟଙ୍କା ହଡପ ଅଭିଯୋଗରେ ପୋଷ୍ଟାଲ ଏଜେଣ୍ଟ ଗିରଫ

ଭୁବନେଶ୍ୱର, (ନିପ୍ର): ଜମାକାରୀଙ୍କ ଟଙ୍କା ହଡପ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ପୁଲିସ ଜଣେ ପୋଷ୍ଟାଲ ଏଜେଣ୍ଟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଆଶିଷ କୁମାର ଧଳ । ପୁଲିସ ତା' ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଏନେଇ ମୌସୁମୀ ମିଶ୍ର ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ମୌସୁମୀ ମିଶ୍ର ଡାକ ବିଭାଗ ଅଧୀନରେ ଥିବା ଲକ୍ଷ୍ମୀସାଗର ସବ-ଡାକଘରର ଜଣେ ଜମାକାରୀ ଥିଲେ। ଅଭିଯୁକ୍ତ ଆଶିଷ କୁମାର ଧଳ ଜଣେ ପଞ୍ଜିକୃତ ପୋଷ୍ଟାଲ ଏଜେଣ୍ଟ ଥିଲେ ଏବଂ ପୂର୍ଣ୍ଣଚନ୍ଦ୍ର ମହାରଣା ସେହି ସବ-ଡାକଘରର ସବ-ପୋଷ୍ଟମାଷ୍ଟର ଥିଲେ। ଅଭିଯୋଗ ଅନୁସାରେ, ପୂର୍ଣ୍ଣଚନ୍ଦ୍ର ମହାରଣା ଆଶିଷ କୁମାର ଧଳଙ୍କ ସହିତ ତାଙ୍କର ପରିଚୟ କରାଇ ତାଙ୍କ ମାଧ୍ୟମରେ ଡାକ ଯୋଜନାରେ ନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅଗଷ୍ଟ–ସେପ୍ଟେମ୍ବର ୨୦୨୪ ମଧ୍ୟରେ, ସେମାନଙ୍କ ପରାମର୍ଶ ଅନୁଯାୟୀ ସେ ମୋଟ ୫,୩୦,୦୦୦ ଟଙ୍କାର ଚେକ୍ ଜାରି କରିଥିଲେ। ଏହା ସହିତ ଆରଡି ଦେୟ ପାଇଁ ଦସ୍ତଖତ ହୋଇଥିବା ଏକ ଖାଲି ଚେକ୍ ଦେଇଥିଲେ ଏବଂ ୟୁପିଆଇ ମାଧ୍ୟମରେ ଆଶିଷ କୁମାର ଧଳଙ୍କୁ ୬୩,୩୦୦ ଟଙ୍କା ହସ୍ତାନ୍ତର କରିଥିଲେ। କିନ୍ତୁ ନିବେଶ କରିବା ପରିବର୍ତ୍ତେ, ଆଶିଷ କୁମାର ଧଳ ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ସହ ଅପରାଧିକ ଷଡ଼ଯନ୍ତ୍ର କରି ୨୨.୦୮.୨୦୨୪ ଏବଂ ୦୬.୦୯.୨୦୨୪ ତାରିଖରେ କ୍ରମଶଃ ୫,୩୦,୦୦୦ ଟଙ୍କା ଓ ୧୪,୦୦୦ ଟଙ୍କା ହଡ଼ପ କରିଥିଲେ। ପୂର୍ଣ୍ଣ ଚନ୍ଦ୍ର ମହାରଣା ବିନା କୌଣସି ବୈଧ କାରଣ ଥାଇ ଉଚ୍ଚ ମୂଲ୍ୟର ଚେକ୍ କ୍ଲିୟର କରି ତାଙ୍କ ସରକାରୀ ପଦବୀର ଅପବ୍ୟବହାର କରିଥିବା ଅଭିଯୋଗ ରହିଛି। ପରେ ଆଶିଷ କୁମାର ଧଳ ୬,୦୭,୦୦୦ ଟଙ୍କାର ଏକ ଚେକ୍ ଦେଇଥିଲେ, କିନ୍ତୁ ସେହି ଚେକ୍ "ଡ୍ରୟରଙ୍କ ଦସ୍ତଖତ ଭିନ୍ନ" ଥିବା କାରଣରୁ ଅମାନ୍ୟ ହୋଇଯାଇଥିଲା। ଏହିପରି ଭାବେ ଅଭିଯୁକ୍ତମାନେ ମିଳିତ ଭାବେ ଠକେଇ ଏବଂ ଅପରାଧିକ ଷଡ଼ଯନ୍ତ୍ର କରି ତାଙ୍କ ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଛି। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ଆଶିଷ କୁମାର ଧଳଙ୍କୁ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ନିକଟରୁ ଗିରଫ କରିଥିବା ବେଳେ, ଏହି ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ତାଙ୍କ ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାରେ ଦୁଇଟି ଠକେଇ ଜନିତ ମାମଲା ରହିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ ସମସ୍ତ ଆଇନଗତ ଔପଚାରିକତା ପୂରଣ କରି ଆଜି ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

## ପତ୍ନୀ ଆତ୍ମହତ୍ୟା ମାମଲାରେ ସ୍ୱାମୀ ଗିରଫ

ଭୁବନେଶ୍ୱର,(ନିପ୍ର): ନିର୍ଯାତନା ଅସହ୍ୟ ହେବାରୁ ପତ୍ନୀ ଆତ୍ମହତ୍ୟା କରିବା ଅଭିଯୋଗରେ ଭରତପୁର ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସନାତନ ପ୍ରଧାନ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ଟି ରମେଶ ପ୍ରଧାନ ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ଝିଅ ଟି. ସୁମିତ୍ରା ପ୍ରଧାନ, ପ୍ରାୟ ୮ ବର୍ଷ ପୂର୍ବରୁ ଫୁଲେଶ୍ୱରୀ ବସ୍ତିର ସନାତନ ପ୍ରଧାନଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ରହିଛି। ସ୍ୱାମୀ ସନାତନ ପ୍ରଧାନ ମାଳି କାମ କରୁଥିଲେ ଏବଂ ସୁମିତ୍ରା ଇ-ଯାନ (ଅଟୋରିକ୍ସା) ଚଳାଇ ପରିବାର ଚଳାଉଥିଲେ। ବିବାହ ପରେ ସୁମିତ୍ରାଙ୍କୁ ତାଙ୍କ ସ୍ୱାମୀ ସନାତନ ପ୍ରଧାନ ଏବଂ ଶାଶୁ ସୁମତି ପ୍ରଧାନ ନିୟମିତ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସେମାନେ ବାପଘରୁ ଅଧିକ ଯୌତୁକ ଦାବି କରୁଥିଲେ । ସନାତନ ପ୍ରଧାନ ନିଶାଗ୍ରସ୍ତ ହୋଇ ପ୍ରାୟ ସମୟରେ ସୁମିତ୍ରାଙ୍କୁ ମାରପିଟ କରୁଥିଲେ। ମୃତ୍ୟୁର ପୂର୍ବ ସପ୍ତାହରେ ସ୍ୱାମୀଙ୍କ ଆକ୍ରମଣରେ ବିରକ୍ତ ହୋଇ ସୁମିତ୍ରା ତାଙ୍କ ଦୁଇ ଶିଶୁଙ୍କୁ ନେଇ ଶ୍ୱଶୁର ଘର ଛାଡ଼ି ବାପଘରକୁ ଚାଲିଯାଇଥିଲେ ଏବଂ ପ୍ରାୟ ୧୦ ଦିନ ସେଠାରେ ରହିଥିଲେ । ପରେ ସେ ପୁଣି ଶ୍ୱଶୁର ଘରକୁ ଫେରିଥିଲେ। ଗତ ୨୩.୦୬.୨୦୨୪ ଦିନ ପ୍ରାୟ ୧ଟା ସମୟରେ, ସ୍ୱାମୀ ଏବଂ ଶାଶୁଙ୍କ ନିର୍ଯାତନାରେ ଅସହ୍ୟ ହୋଇ ସୁମିତ୍ରା ନିଜ ଶୋଇବା ଘରେ ଶାଢ଼ୀ ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ପରେ ଶ୍ୱଶୁର ଘରର ଲୋକମାନେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ନେଇଥିଲେ, କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ସନାତନ ପ୍ରଧାନ ଫୋନ୍ ମାଧ୍ୟମରେ ଅଭିଯୋଗକାରୀଙ୍କୁ ଏହି ଘଟଣା ବିଷୟରେ ଜଣାଇଥିଲେ। ସନାତନ ପ୍ରଧାନ ଏବଂ ଶାଶୁ ସୁମତି ପ୍ରଧାନଙ୍କ ନିୟମିତ ଶାରୀରିକ ଓ ମାନସିକ ନିର୍ଯାତନା ଏବଂ ଯୌତୁକ ଦାବି ଫଳରେ ସୁମିତ୍ରା ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ତେଣୁ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ ।

## ମଧୁକାନ୍ତ ରିମାଣ୍ଡ ଅବଧି ଶେଷ, କୋର୍ଟରେ ହାଜିର

କଟକ,(ନିପ୍ର): ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ବିହାରୀ କଏଦୀ ମଧୁକାନ୍ତ ରାଣାଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ କୋର୍ଟରେ ହାଜିର କରାଯାଇଛି। ଗତ ମଙ୍ଗଳବାର ଚୌଦ୍ୱାର ପୁଲିସ ତାଙ୍କୁ ୬ଦିନିଆ ରିମାଣ୍ଡରେ ନେଇଥିଲା। ଆଜି ରିମାଣ୍ଡ ଶେଷ ହୋଇଛି। ଅଜ୍ଞାତ ସ୍ଥାନରେ ରଖି ପୁଲିସ ମଧୁକାନ୍ତକୁ ପଚରାଉଚରା କରି ତାଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ମଧୁକାନ୍ତ ଜେଲରୁ ଫେରାର ହୋଇ ବୃନ୍ଦାବନରେ ଏକ ମଠରେ କାର୍ଯ୍ୟ କରୁଥିଲା। ଗତ ୧୪ ତାରିଖରେ ମଧୁକାନ୍ତକୁ ସେଠାରୁ ଗିରଫ କରାଯାଇ ଚୌଦ୍ୱାର ଜେଲର ୩ ନଂ ସେଲରେ ରଖାଯାଇଥିଲା । ୭ ଦିନ ପାଇଁ ରିମାଣ୍ଡରେ ଆଣିବା ପାଇଁ ପୁଲିସ କୋର୍ଟରେ ଆବେଦନ କରିଥିଲା । ଗତ ୧୭ ତାରିଖରେ କୋର୍ଟ ୬ ଦିନ ରିମାଣ୍ଡ ମଞ୍ଜୁର କରିଥିଲେ। ପୁଲିସ ରିମାଣ୍ଡରେ ନେବା ପୂର୍ବରୁ ୩ ଦିନ ମଧୁକାନ୍ତ ଚୌଦ୍ୱାର ଜେଲରେ ରହିଥିଲା। ଏହି ସମୟର ଜେଲରେ ତାକୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ କଟକ ଡିସିପି ଜେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ତେବେ ଅଭିଯୋଗ ସଂକ୍ରାନ୍ତରେ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କୁ ପଚାରିବାରୁ ମାଡ଼ ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଘଟଣାଦିନ ମଧୁକାନ୍ତ ଓ ଅନ୍ୟତମ ଫେରାର ରାଜା ସାହାଣୀ ଜେଲ ପାଚେରି ଡେଇଁ ଚାରବାଟିଆ ଷ୍ଟେସନ ଯାଇଥିଲେ। ସେଠାରୁ ପୁରୀ ଅଭିମୁଖେ ଯିବା ପରେ ଦୁଇଜଣ ଭିନ୍ନ ଦିଗରେ ଯାତ୍ରା କରିଥିଲେ। ମଧୁକାନ୍ତ ସେଠାରୁ ବୃନ୍ଦାବନ ଅଭିମୁଖେ ଯିବା ସମୟରେ ରାଜା ଜଣେ ବ୍ୟକ୍ତି ଠାରୁ ଟଙ୍କା ଲୁଟ କରି କିଛି ଟଙ୍କା ମଧୁକାନ୍ତକୁ ଦେଇଥିଲା। ମଧୁକାନ୍ତ ବୃନ୍ଦାବନରେ ପହଞ୍ଚି ଏକ ମଠରେ ନିଜ ବାସୁ ପାଣ୍ଡେ ନାମରେ ପରିଚୟ ଦେଇ କର୍ମଚାରୀ ଭାବେ କାମ କରୁଥିଲା। ଭାଲେଣ୍ଟାଇନ ଡେ ପୂର୍ବରୁ ନିଜ ପ୍ରେମିକା ସହିତ ମଧୁକାନ୍ତ ଯୋଗଯୋଗ କରିଥିଲା। ପୂର୍ବରୁ ପୁଲିସ ଦୁଇ ଜେଲ ଫେରାର କଏଦୀଙ୍କ ସମ୍ପର୍କୀୟମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ପ୍ରେମିକା ସହିତ ଯୋଗାଯୋଗର ସୁରାକ ପୁଲିସ ହାତରେ ଲାଗିବା ପରେ ମଧୁକାନ୍ତ ଠିକଣାକୁ ଠାବ କରି ସେଠାରୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା। ଅନ୍ୟତମ ଫେରାର କଏଦୀ ରାଜା ସାହାଣୀକୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି।

## କ୍ରିଏଟିଭ ସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡା ଉତ୍ସବ




ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ସ୍ଥିତ ଗୁରୁ କେଳୁ ଚରଣ ଓଡିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଗତକାଲି କ୍ରିଏଟିଭ ସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଆଇନଜୀବୀ ତଥା ଅତିରିକ୍ତ ସ୍ଥାୟୀ ସରକାରୀ ଓକିଲ ଗତିକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ଓଡ଼ିଏମ ସ୍କୁଲର ମୁଖ୍ୟ ଇଂରାଜୀ ଶିକ୍ଷକ ଶଶିକାନ୍ତ ରାଉତ ଓ ସମ୍ମାନିତ ଅତିଥି ଭାବେ ସାଲେପୁରର ପୂର୍ବତନ ବିଧାୟକ ଓ ଭାରତୀୟ ଜନତା ପାର୍ଟିର ପୂର୍ବତନ କଟକ ଜିଲ୍ଲା ସଭପତି ପ୍ରକାଶ ବେହେରା ଯୋଗଦାନ କରିଥିଲେ। କ୍ରିଏଟିଭ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଆବିଭାବକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କୃତି ଛାତ୍ର ଛାତ୍ରୀ ଓ ସେମାନଙ୍କର ପିତା ମାତାଙ୍କୁ ପୁରସ୍କାର ଦିଆଯାଇଥିଲା । ସ୍କୁଲର ଶିକ୍ଷୟିତ୍ରୀ ମନୋରମା ସାହୁ, ସାରିକା ମଲ୍ଲିକ, ଅମ୍ରିତା ରଥ ଓ ଶର୍ମିଷ୍ଠା ସାହୁ, ରଶ୍ମିତା ମଲ୍ଲିକ ଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପାଳିତ ହେଇଥିଲା । କ୍ରିଏଟିଭ ସ୍କୁଲର ପ୍ରତିଷ୍ଠାତା ଓ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁସ୍ମିତା ଶତପଥୀ ଅତିଥିବୃନ୍ଦ, ଆବିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରିଏଟିଭ ସ୍କୁଲ ଭବିଷ୍ୟତରେ ଏହି ପରି କାର୍ଯ୍ୟକ୍ରମ ଜାରି ରଖିବା ବୋଲି କହିଥିଲେ ।

## ଆସନ୍ତା ୨୪ରେ ବିଧାନସଭା ଚାଲ ପାଇଁ ବାରବାଟୀ କଟକ ବିଜେଡ଼ି ପକ୍ଷରୁ ପ୍ରସ୍ତୁତି

କଟକ, (ନିପ୍ର): ଆସନ୍ତା ଫେବୃଆରୀ ୨୪ ତାରିଖରେ ବିଧାନସଭା ଚାଲ ପରିପେକ୍ଷୀରେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ। କଟକ ମେୟର ତଥା ବିଜୁ ଜନତା ଦଳର ରାଜ୍ୟ କୋଷାଧକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ହୋଇଯାଇଅଛି । ରାଜ୍ୟରେ ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ି ରହିବା, କଟନିଛଟନି ନାମରେ ଗରିବ ଚାଷୀମାନଙ୍କୁ ଶୋଷଣ କରିବା, ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ଼ ସଂଖ୍ୟା ବୃଦ୍ଧି ନକରିବା, ସହ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା, ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନ କ୍ରମେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଆଜିର ଏହି ପ୍ରସ୍ତୁତି ସଭାରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, ଜିଲ୍ଲାକାର୍ଯ୍ୟକାରୀ ମହିଳା ସଭାପତି ପୁର୍ଣ୍ଣିମା ସିଂହ, ପୂର୍ବତନ କଟକ ସହର ବିଜୁ ଜନତା ଦଳ ସଭାପତି ମଧୁସୁଦନ ସାହୁ, ପ୍ରବାସୀ ଓଡ଼ିଆ ସଂଘ ଆବାହକ ନନ୍ଦଲାଲ ସିଂହ, ଏକରାମ ହୁସେନ, ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, ପ୍ରଫୁଲ୍ଲ ବେହେରା, ଆଇନଜୀବି ସ୍ୱଦେଶ ଦାସ, ସୌମେନ୍ଦ୍ର ସାହୁ, ଜନ ଆଶିଷ ବରାଳ, କାଳିଚରଣ ପାଣିଗ୍ରାହୀ, ପ୍ରଦୀପ ବାରିକ, ସୟନ ଶେଖାଓ୍ୱତ ଅଲି, ସେକ ରିୟାଜ ବାରବାଟୀ କଟକ ବିଜୁ ଜନତା ଦଳର ଆଗଧାଡ଼ିର ନେତୃବୃନ୍ଦ, କର୍ମୀ ଯୁବକ ମହିଳା ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁରର ସାର୍ବଜନୀନ ପୁସ୍ତକାଳୟକୁ ୱାଟକର ଜେନରାଲ ମ୍ୟାନେଜରଙ୍କ ପକ୍ଷରୁ ପୁସ୍ତକ ଦାନ

ବ୍ରହ୍ମପୁର( ନିପ୍ର): ସମାଜିକ ଦାୟିତ୍ୱ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ଜାରି ରଖି, ୱାଟକର ସାଧାରଣ ପ୍ରବନ୍ଧକ ବିକାଶ ପାଢ଼ୀ ବ୍ରହ୍ମପୁର ସାର୍ବଜନୀନ ପୁସ୍ତକାଳୟ ବା ପାଠାଗାରକୁ ପୁସ୍ତକ ଦାନ କରିଛନ୍ତି। ଏହି ପଦକ୍ଷେପ ଜ୍ଞାନର ପ୍ରସାର, ଶିକ୍ଷାର ଉନ୍ନତି ଓ ସମୁଦାୟ ବିକାଶକୁ ଶକ୍ତିଶାଳୀ କରିବାରେ ଉଦ୍ଦିଷ୍ଟ। ୱାଟକର କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସଆର) ପ୍ରୟାସର ଅଂଶ ଭାବେ ଆୟୋଜିତ ହୋଇଥିଲା। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ଓ ଜ୍ଞାନ ହେଉଛି ସମାଜ ଗଠନର ମୂଳ ଆଧାର, ଏବଂ ଯୁବପିଢ଼ୀଙ୍କୁ ଶିକ୍ଷା ସାମଗ୍ରୀ ଯୋଗାଇ ଦେବା ମାଧ୍ୟମରେ ତାଙ୍କ ଭବିଷ୍ୟତକୁ ଆହୁରି ଦୃଢ କରାଯାଇପାରେ।"ପୁସ୍ତକ ଭବିଷ୍ୟତର ଦ୍ୱାର ଖୋଲିଥାଏ, ଏବଂ ଆଜିର ଏହି ପଦକ୍ଷେପ ମାଧ୍ୟମରେ ଅନେକ ନୂତନ ସୁଯୋଗର ଦ୍ୱାର ଖୋଲାଗଲା," ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।ଏହି ପ୍ରୟାସକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଥିବା ସହ, ଏହା ଶିକ୍ଷା ଓ ସମୁଦାୟ ଉନ୍ନତି ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

# ୪୧୪୯ ନିର୍ମାଣ ଶ୍ରମିକଙ୍କୁ ୨୬କୋଟି ୨୦ ଲକ୍ଷ ୭୮ହଜାର ଟଙ୍କାର ସହାୟତା ରାଶି ବଣ୍ଟନ

କଟକ,(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଂଟନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ନୂଆପଡ଼ା ବାଲିସାହି ସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ସହାୟତା ଯୋଜନା ସଂପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରାଥମିକତା ସଂପର୍କରେ ଏକ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଆଜିର କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପ୍ରଗତିରେ ର୍ନିମାଣ ଶ୍ରମିକମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକମାନଙ୍କର ସୁରକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ ବୋଲି କହିଥିଲେ। ଶ୍ରମିକମାନେ



ଏହି ବୋର୍ଡ଼ ମାଧ୍ୟମରେ ସମୟ ସମୟରେ ପଞ୍ଜିକୃତ କରିନେବା ସହ ଆବଶ୍ୟକସ୍ଥଳେ ଶ୍ରମ କାର୍ଡ଼ ନବୀକରଣ କରିବେ ଏବଂ କୌଣସି ହିତାଧିକାରୀ ଯେପରି ବଂଚିତ ନହୁଅନ୍ତି ସେଥିପ୍ରତି ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେବା ସହ ବିଭିନ୍ନ ଯୋଜନାମାନ ପ୍ରଣୟନ କରି ଉପଯୁକ୍ତ ସହାୟତା ରାଶି ପ୍ରଦାନ କରୁଛନ୍ତି। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ ଦିବ୍ୟଲୋଚନ ମହାନ୍ତି ଯୋଗଦେଇ କହିଥିଲେ ରାଜ୍ୟରେ କଟକ ଜିଲ୍ଲାରେ ସର୍ବାଧିକ ଶ୍ରମିକ ଭାଇ ଭଉଣୀମାନେ ପଞ୍ଜୀକୃତ ହୋଇଛନ୍ତି ଏବଂ ସର୍ବାଧିକ ସହାୟତା ରାଶି ପ୍ରଦାନ କରାଯାଇଛି । ସରକାରୀ ଯୋଜନା ଗୁଡ଼ିକ କିପରି ଭାବେ ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଜିଲ୍ଲା ପ୍ରଶାସନ ସଦା ସର୍ବଦା ଚେଷ୍ଟିତ ଅଛନ୍ତି । ଏହି ଶିବିରରେ ମୁଖ୍ୟ ଅଥିଥି ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିବା ସହ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମଧ୍ୟ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ସମଗ୍ର ଜିଲ୍ଲାରେ ୪୦୯୯ ଜଣ ହିତାଧିକାରୀଙ୍କୁ ଏବଂ ୫୦ ଜଣକୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷାବୃତ୍ତି, ବିବାହ ସହାୟତା, ମୃତ୍ୟୁକାଳୀନ ପ୍ରସୂତି କାଳୀନ ଆଦି ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନର ସମସ୍ତ ସହଯୋଗ କରିଥିଲେ । ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ସଫଳତାର ଚାବିକାଠି: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର ୨୨।୨ – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ରତନପୁରର ଯୁବ ଚାଷୀ ହୀରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର କହିଛନ୍ତି ଯେ, କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି । ହୀରୋଦ ନିଜ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ପୋଖରୀରେ ମତ୍ସ୍ୟ ଚାଷ କରିବା ସହ ତା' ଉପରେ ଭାଡ଼ି କରି ଲାଉ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଏକ ଆଦର୍ଶ ସାଜିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ ନିଶ୍ଚିତ ଭାବେ ପ୍ରେରିତ କରିବ । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପ୍ରତି ଅନୁଷ୍ଠିତ 'ଏଆଇ ଇମ୍ପାକ୍ଟ ସମିଟ'ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଅମୂଲ ବୁଥରେ ଏଆଇ ଆଧାରିତ ସମାଧାନ ଜରିଆରେ କିପରି ୨୪ ଘଣ୍ଟିଆ ସହାୟତା ମିଳୁଛି ଏବଂ ଚାଷୀମାନେ ଡାଏରୀ ପରିଚାଳନା ଓ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ପ୍ରତିଫଳିତ ହୋଇଛି । ଏଥିସହ



ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଏବଂ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଷୟିକ ଶକ୍ତିର ପରିଚୟ ଦେଉଛି । ଶେଷରେ, ପରୀକ୍ଷା ଦେବାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଶ୍ରୀ ପ୍ରଧାନ 'ପରୀକ୍ଷା ଯୋଦ୍ଧା' ଭାବେ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ପରୀକ୍ଷା ସମୟରେ ମନରେ ଆଶଙ୍କା ଓ ଦ୍ୱନ୍ଦ ଆସିବା ସ୍ୱାଭାବିକ, କିନ୍ତୁ ସଫଳତାର ମାପକାଠି କେବଳ ମାର୍କ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ, ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଏବଂ ନିରନ୍ତର ଶିଖିବାର ମନୋଭାବ ଉପରେ ଗୁରୁତ୍ୱ ଦେବା ଉଚିତ । ଶାନ୍ତ ମନରେ ନିଜ ପ୍ରସ୍ତୁତି ଉପରେ ଭରସା ରଖିବା ଏବଂ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ଶକ୍ତି ଭାବେ ଗ୍ରହଣ କରିବା ହିଁ ବିଦ୍ୟାର୍ଥୀଙ୍କୁ ଜୀବନର ପ୍ରତିଟି ପରୀକ୍ଷାରେ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ଇସ୍ରାଏଲ ଗସ୍ତ ପୂର୍ବରୁ ମୋଦିଙ୍କ ସହ କଥା ହେଲେ ନେତାନ୍ୟାହୁ



ନୂଆଦିଲ୍ଲୀ, ୨୨।୨ : ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, 'ଆମେ ବ୍ୟକ୍ତିଗତ ବନ୍ଧୁ' । ଏହା ସହିତ ଉଭୟ ପକ୍ଷ ଆର୍ଥିକ, କୂଟନୈତିକ ଏବଂ ସୁରକ୍ଷା ସହଯୋଗକୁ ମଜଭୁତ କରିବାକୁ ପ୍ରୟାନ କରିବେ । ପ୍ରଧାନମନ୍ତ୍ରୀ ମୋଦି ଫେବୃଆରୀ ୨୫-୨୬ ରେ ଇସ୍ରାଏଲ ଗସ୍ତ କରିବେ । ଏକ୍ସ ରେ ପୋଷ୍ଟର ଏକ ସିରିଜରେ, ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ବ୍ୟକ୍ତିଗତ ବନ୍ଧୁ' ବୋଲି କହିଥିଲେ ଏବଂ ସେମାନେ ଉଭୟ ଫୋନରେ ବାରମ୍ବାର କଥା ହୁଅନ୍ତି ଏବଂ ପରସ୍ପରକୁ ମଧ୍ୟ ସାକ୍ଷାତ କରନ୍ତି । ନେତାନ୍ୟାହୁ ଏହା ମଧ୍ୟ କହିଛନ୍ତି ଯେ ସେ ପୂର୍ବରୁ ଭାରତ ଗସ୍ତ କରିଛନ୍ତି, ଏବଂ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଇସ୍ରାଏଲ ଗସ୍ତ କରିଛନ୍ତି । 'ଆମେ ଭୂମଧ୍ୟସାଗର ନିକଟରେ ଏକାଠି ବୁଲୁଥିଲୁ, ଏବଂ ସେବେଠାରୁ ଭୂମଧ୍ୟସାଗର, ଗଙ୍ଗା ଏବଂ ଜୋର୍ଡାନରେ ବହୁତ ପାଣି ପ୍ରବାହିତ ହୋଇଛି,' ସେ ପୋଷ୍ଟରେ ଲେଖିଛନ୍ତି ।

### ବେଲଘର ହାତୀ ମୃତ୍ୟୁ ମାମଲା

## ଏବେ ସୁଦ୍ଧା ବନ୍ଧା ହେଲେଣି ୧୦ ଅଭିଯୁକ୍ତ



ବ୍ରହ୍ମପୁର, ୨୨/୦୨ : ବାଲିଗୁଡ଼ା ବନଖଣ୍ଡ ବେଲଘର ହାତୀ ମୃତ୍ୟୁ ମାମଲାରେ ଆଉ ୩ ଶିକାରୀଙ୍କୁ ବନ ବିଭାଗ ଶନିବାର ଗିରଫ କରିଛି । ସେମାନେ ହେଲେ ଝିରିପାଣି ଗାଁର କ୍ଷମା ପାତ୍ର(୭୬), ବୃଷଭ ପାତ୍ର(୪୪) ଓ ଗୋକୁଳ ପାତ୍ର(୪୧) । ହାତୀକୁ ବିଦ୍ୟୁତ୍ ତାର ବିଛାଇ ମାରିବାରେ ଏମାନେ ମୁଖ୍ୟ ଭୂମିକା ନେଇଥିବା ତଦନ୍ତକାରୀ ଅଧିକାରୀ ତଥା ଏସିଏଫ୍ ମନୋରଞ୍ଜନ ବାଗ୍ କହିଛନ୍ତି । ଘଟଣାରେ ଏବେ ସୁଦ୍ଧା ୧୦ ଜଣଙ୍କୁ ଗିରଫ କରାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନିଲମ୍ବିତ ଡେପୁଟି ରେଞ୍ଜର ବିନୟ ବିଶି ଏବେ ବି ଫେରାର ରହିଛନ୍ତି । ଏସିଏଫ୍‌ଙ୍କ ସୂଚନା ମୁତାବକ, ଜାନୁଆରୀ ୪ରେ ଉକ୍ତ ୩ ଅଭିଯୁକ୍ତଙ୍କ ସମେତ ପୂର୍ବରୁ ଗିରଫ ହୋଇଥିବା ଅନ୍ୟ ୩ ଜଣ ମିଶି ଝିରିପାଣି ଗାଁରୁ ମୁଣ୍ଡୁଡି ଗାଁକୁ ଯାଇଥିଲେ । ମୁଣ୍ଡୁଡି ଗାଁ ନିକଟ ଝରଣାର ବାମପଟେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ୧୧ କେଭି ଲାଇନରୁ ହୁକିଂ କରିଥିଲେ ଶିକାରୀ । ବ୍ରିଜ୍ ତଳ ଦେଇ ଝରଣାଠାରୁ ଶହେ ମିଟର ଦୂରରେ ପକାଇଥିଲେ । ସନ୍ଧ୍ୟାରେ ୩ ଜଣ ଶିକାରୀ ଝିରିପାଣି ଫେରିଥିବାବେଳେ ଆଉ ୩ ଜଣ ମୁଣ୍ଡୁଡି ଗାଁରେ ଅପେକ୍ଷା କରିଥିଲେ । ବିଳମ୍ବିତ ରାତିରେ ହାତୀ ବିଦ୍ୟୁତ୍ ତାରରେ ଲାଗି ଚିତ୍କାର କରିଥିଲା । ଶବ୍ଦ ଶୁଣି ଅପେକ୍ଷାରତ ୩ ଶିକାରୀ ସେଠାକୁ ଯାଇଥିଲେ । ବିଦ୍ୟୁତ୍ ତାର ଖୋଲି ଫେରି ଆସିଥିଲେ । ସକାଳୁ ପୁଣି ସଭିଏଁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସମସ୍ତ ତାର ନେଇ ଫେରିଥିଲେ ବୋଲି ତଦନ୍ତ ସମୟରେ ଶିକାରୀମାନେ ସ୍ୱୀକାର କରିଛନ୍ତି ।

## ୧୯ ଲକ୍ଷ ଟଙ୍କାର ଧଳା ଜହର ଜବତ

ନିମାପଡ଼ା, ୨୨।୨ (ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୯୦ ଗ୍ରାମ୍ ବ୍ରାଉନ୍ ସୁଗାର ସହ ସ୍କୁଟି ଗାଡ଼ି, ଗୋଟିଏ ମୋବାଇଲ୍ ଫୋନ୍, ନଗଦ ୬ଶହ ଟଙ୍କା ଜବତ କରି ଆସାମୀ ସରତାଜ ଖାଁଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଥିବା ଅବକାରୀ ନିରୀକ୍ଷକ ପ୍ରଭାକର ସେଠୀ ସୂଚନା ଦେଇଛନ୍ତି । ନିମାପଡ଼ା ଥାନା ଅଧୀନସ୍ଥ ଗ୍ରାମାଞ୍ଚଳରେ ଧଳା ଜହର ସମେତ ଚୋରା ମଦ କାରବାର ବୃଦ୍ଧି ନେଇ ପ୍ରତ୍ୟହ ଛୋଟ ବଡ଼ ଗଣ୍ଡଗୋଳ ଘଟୁଥିଲେ ମଧ୍ୟ ପୋଲିସ ନଜରକୁ ଆସୁନାହିଁ । ବଡ଼ ଗଣ୍ଡଗୋଳ ହେଲେ ପୋଲିସ ପହଂଚି ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥା'ନ୍ତି । ଜବତ ହୋଇଥିବା ଧଳା ଜହର ମୂଲ୍ୟ ୧୯ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ । ବିଭାଗ ପକ୍ଷରୁ ଏକ ମୋକଦ୍ଦମା (୯୯/୨୫-୨୬) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ।

## ଟିମ୍ ଇଣ୍ଡିଆର ଶୋଚନୀୟ ପରାଜୟ

ଅହମ୍ମଦାବାଦ, ୨୨/୨: ଲିଗ୍‌ରେ ଅପରାଜେୟ ଡିଫେଣ୍ଡିଂ ଚାମ୍ପିଅନ ଭାରତ ସୁପର-୮ରେ ଫେଲ୍ ହୋଇଛି । ସୁପର-୮ର ପ୍ରଥମ ମ୍ୟାଚରେ ଅତି ଶୋଚନୀୟ ପରାଜୟ ଭୋଗିଛି ଭାରତୀୟ ଟିମ୍ । ୧୮.୫ ଓଭରରେ ମାତ୍ର ୧୧୧ ରନରେ ଅଲଆଉଟ୍ ହୋଇଛି ଟିମ୍ ଇଣ୍ଡିଆ । ଆଉ ଏହା ସହ ଦକ୍ଷିଣ ଆଫ୍ରିକା ୭୬ ରନର ବିଶାଳ ବିଜୟ ହାସଲ କରିଛି । ଦକ୍ଷିଣ ଆଫ୍ରିକା ସାମ୍ନାରେ ରବିବାର ଭାରତୀୟ ଟିମ୍ ବ୍ୟାଟର ଅସହାୟ ହୋଇପଡ଼ିଛନ୍ତି । ତାସର ଘର ଭଳି ଗଡ଼ି ପଡ଼ିଛନ୍ତି ସବୁ ୱିକେଟ୍ । ଦକ୍ଷିଣ ଆଫ୍ରିକାର ଦମଦାର ବ୍ୟାଟିଂ ପରେ ଘାତକ ବୋଲିଂ ଭାରତୀୟ ଟିମ୍ର ଲଗାତାର ଜିତ୍ରେ ବ୍ରେକ୍ ଲଗାଇଛି । ଆଜି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଡେନ ମାର୍କରମ ଓ କ୍ୱିଣ୍ଟନ ଡିକକ ଓପନିଂ କରିଥିଲେ । ହେଲେ ଦୁଇ ଅଭିଜ୍ଞ ଓପନର ଆଜିର ମୁକାବିଲାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ । ଉଭୟଙ୍କ ୱିକେଟ୍ ଶସ୍ତାରେ ଯାଇଥିଲା ।



ଜସପ୍ରୀତ ବୁମରା କ୍ୱିଣ୍ଟନ ଡିକକୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ । ତେବେ ସୁପର ୮ ମୁକାବିଲାରେ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିବା ଅର୍ଶଦୀପ ସିଂହ ମାତ୍ର ୪ ରନ୍ ଦେଇଥିଲେ । ହେଲେ ଦ୍ୱିତୀୟ ଓଭର କରିବାକୁ ଆସିଥିବା ବୁମ୍ରା ଡି-କକଙ୍କୁ ଆଉଟ କରିଥିଲେ । ଏହାପରେ ତୃତୀୟ ଓଭର ବୋଲିଂ କରିବାକୁ ଆସିଥିବା ଅର୍ଶଦୀପ ସିଂହ, ଆଡେନ ମାର୍କରମଙ୍କୁ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ ପୂରା ବିଗାଡ଼ି ଦେଇଥିଲେ । ଅର୍ଶଦୀପଙ୍କ ଚତୁର୍ଥ ବଲ୍ରେ ମାର୍କରମ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଓପନିଂ ଆସିଥିବା ଦୁଇ ବ୍ୟାଟର ଆଡେନ ମାର୍କରମ ଓ କ୍ୱିଣ୍ଟନ ଡିକକ୍ ଖୁବଶୀଘ୍ର ଆଉଟ୍ ହୋଇଯାଇଥିଲେ । ଡିକକ ଆଉଟ୍ ହେବା ପରେ ବ୍ୟାଟିଂ କରିବାକୁ ଆସିଥିବା ରିକେଲ୍ଟନ ମଧ୍ୟ ବେଶି ସମୟ ତିଷ୍ଠି ପାରି ନଥିଲେ । ଚତୁର୍ଥ ଓଭର ବୋଲିଂ କରିବାକୁ ଆସିଥିବା ବୁମରା ତାଙ୍କୁ ଶିଭମ ଦୁବେଙ୍କ ହାତରେ କ୍ୟାଚ୍ ଆଉଟ୍ କରି ପାଭିଲିଅନ ପଠାଇ ଦେଇଥିଲେ । ଫଳରେ ଦକ୍ଷିଣ ଆଫ୍ରିକା ୪ ଓଭର ଖେଳି ମାତ୍ର ୨୦ ରନ୍ରେ ୩ ୱିକେଟ୍ ହରାଇଥିଲା । ଏହାପରେ ଡେଭିଡ ମିଲର ଓ ଡିୱାଲ୍ଡ ବ୍ରେଭିସ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ । ପରବର୍ତ୍ତୀ ଦୁଇ ଓଭରରେ ୨୧ ରନ୍ ସଂଗ୍ରହ କରିଥିଲା ଦକ୍ଷିଣ ଆଫ୍ରିକା । ୬ ଓଭର ଖେଳ ପରେ ଦକ୍ଷିଣ ଆଫ୍ରିକା ୪୧ ରନ୍ କରିଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ ଓଭର ବୋଲିଂ କରି ୨୨ ରନ୍ ଦେଇଥିବା ବେଳେ ଗୋଟିଏ ୱିକେଟ୍ ନେଇଥିଲେ । ସେହିପରି ବୁମରା ଦୁଇ ଓଭର କରି ମାତ୍ର ୭ ରନ୍ ଦେଇଥିବା ବେଳେ ଦୁଇଟି ୱିକେଟ୍ ନେଇଥିଲେ । ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଓଭରରେ ୧୧ ରନ୍ ଦେଇଥିଲେ । ସପ୍ତମ ଓଭର ବ୍ୟାଟିଂ କରିବାକୁ ଆସିଥିବା ୱାଶିଂଟନ ସୁନ୍ଦର ମଧ୍ୟରେ ୧୧ ରନ୍ ଦେଇଥିଲେ । ଷଷ୍ଠ ଓ ସପ୍ତମ ଓଭର ବରୁଣ ଚକ୍ରବର୍ତ୍ତୀ ଓ ୱାଶିଂଟନ ସୁନ୍ଦର ଦୁଇ ସ୍ପିନ କରିଥିବା ବେଳେ ଦୁହେଁ ୨୨ ରନ୍ ଲେଖାଏ ଦେଇଥିଲେ । ଦୁଇ ସ୍ପିନରଙ୍କ ବଲ୍ ମାଡ଼ ଖାଇବା ପରେ ପୁଣିଥରେ ଦ୍ରୁତ ବୋଲର ଲଗାଇଥିଲେ ସୂର୍ଯ୍ୟକୁମାର ଯାଦବ ।

## ୭୦କେଜି ଗଞ୍ଜେଇ, ଟାଟା ଟିଗୋର ଗାଡ଼ି ସହ ଜଣେ ଗିରଫ

ଖୋର୍ଦ୍ଧା, ୨୨।୨ : ଚୋରା ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ପୋଲିସ ଜଣକୁ ଗିରଫ କରିଛି । ଗିରଫ ବେପାରୀ ଜଣକ ହେଲା କନ୍ଧମାଳ ଜିଲ୍ଲା ବିସିପଡ଼ା ଥାନା ତଳପଡା ଲୁହୁରା ସାହିର ଶ୍ରୀନିବାସ ବିନ୍ଧାଣି ପୁଅ ଆଲୋକ ବିନ୍ଧାଣି(୨୨) । ତାଠାରୁ ଅବକାରୀ ବିଭାଗ



ପୋଲିସ ୭୦କେଜି ଗଞ୍ଜେଇ, ଗୋଟିଏ ଟାଟା ଟିଗୋର ଗାଡ଼ି, ଗୋଟିଏ ମୋବାଇଲ ସହ ନଗଦ ୧ହଜାର ଟଙ୍କା ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ହେବ । ଅବକାରୀ ବିଭାଗ ପୋଲିସ ସୁଚନା ମୁତାବକ ଗତକାଲି ରାତିରେ ୫୭ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ଅଭିମୁଖେ ଏକ ଟାଟା ଟିଗୋର ଗାଡ଼ିରେ ୭୦କେଜି ଗଞ୍ଜେଇ ଭର୍ତି ଗାଡ଼ି ଯାଉଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ସାଉଅ ଶୁଖୁଆ ବଜାର ଅଞ୍ଚଳରେ ଚଢ଼ାଉ କରିଥିଲା ।

## ପରିବେଶ ପ୍ରଦୂଷଣ କରୁଛି କେମିକାଲ୍ସ କଂପାନୀ !

### ସାଧାରଣ ଲୋକଙ୍କ ପ୍ରଶ୍ନ: କାହାପାଇଁ ପ୍ରଶାସନ ?

ବାଲିପାଟଣା ୨୨/୨(ନିପ୍ର): ବାଲିପାଟଣା ବ୍ଲକର ବିଶ୍ୱନାଥପୁର ଗ୍ରାମର ଜନବସତି ଅଞ୍ଚଳ ରାସ୍ତା କଡରେ ରହିଛି ଏକ ଜଣାଶୁଣା କେମିକାଲସ କଂପାନୀ । ରାସାୟନିକ ଉପାୟରେ ଘର ତିଆରି ସାମଗ୍ରୀ ପ୍ରସ୍ତୁତ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏଠାରୁ ଯୋଗାଣ କରାଯାଉଛି । କଂପାନୀରୁ ବାହାରୁଥିବା ଧୂଆଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାଧାରଣ ଜନତାର କ୍ଷତି କରୁଛି । ଖାଲି ସେତିକି ନୁହେଁ ଉତ୍ତରା ବାଲିପାଟଣା ରାସ୍ତାରେ ଠିକ ଏହି କମ୍ପାନୀର ୫୦୦ ମିଟର ପରିଧି ରାସ୍ତା କଡରେ ଦୁଇ ପଟେ ଏକାଧିକ ଟ୍ରକ ରହୁଛି ମାଲ ଲୋଡ଼ିଂ ଅନଲୋଡିଙ୍ଗ୍ ପାଇଁ । ଫଳରେ ରାସ୍ତା ସଂକୁଚିତ ହୋଇ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି ଯାହାକୁ ସେଠାରେ ଅବସ୍ଥାପିତ କର୍ମଚାରୀ ମାନେ ଚାପିଦେଉଛନ୍ତି । କାହାକୁ ମଦ ପିଇବା ଯୋଗୁଁ ଦୁର୍ଘଟଣା ଘଟିବା ଆଖ୍ୟା ଦେଉଥିବା ବେଳେ କାହାକୁ ଗୋରୁ ଦେହରେ ମାଡ ହେଉଥିବା କହି ଦୁର୍ଘଟଣାକୁ ଅଲଗା ରଙ୍ଗ ଦେଉଛନ୍ତି । ରାସ୍ତା ମଝିରେ ବାଲି ଗଦାଉଥିବା ବେଳେ ଯାନବାହନ ଯାତାୟାତ ରେ ଅସୁବିଧା ହେଉଛି । କେହି ଦେଖୁ ନାହାନ୍ତି ଶୁଣୁ ନାହାନ୍ତି । ଦୈନନ୍ଦିନ ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଧାୟକ, ସାଂସଦ ଯାଉଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନାହିଁ । ଏହି କମ୍ପାନୀର ପ୍ରଦୂଷଣ ଲୁଚାଇବା ପାଇଁ ଜଣେ ପଦାଧିକାରୀ ମାସିକ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା କୁହାଯାଇଛି । ଗାଡିଟିଏ କିଣିବା ବେଳେ ସାଧାରଣ ଜନତା ହଜାର ହଜାର ଟଙ୍କା ରୋଡ ଟିକସ ଦେଉଥିବା ବେଳେ ଭଲ ରାସ୍ତାଟିଏ ଚାଳକକୁ ଯୋଗାଇବା ସରକାରଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ । କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଯାଉଛି । କମ୍ପାନୀ ଆଗରେ ରାସ୍ତାକାମ ସାରିଥିଲେ ମଧ୍ୟ ଉତ୍କୋଚ ନେଇ ବିଦ୍ୟୁତ ବିଭାଗର ନ୍ୟସ୍ତସ୍ୱାର୍ଥ କର୍ମଚାରୀ ଏହି କମ୍ପାନୀକୁ ସହାନୁଭୂତି ଦେଖାଇ ବିଦ୍ୟୁତ ଖୁଣ୍ଟ ଅପସାରଣ କରୁନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଫଳରେ ରାସ୍ତା ଉପରେ ବାଲି ଗଦା କରିବା ସୁବିଧା ହେଉଛି । ସରକାର ପ୍ରଦୂଷଣ ନାମରେ ଗାଡି ତନଖି କରି ଜୋରିମାନା ପାଇଁ ଝାମ୍ପି ପଡୁଥିଲା ବେଳେ ଏହିପରି ସାଧାରଣ ଜନତାର ଅହିତ ସାଧନ କରୁଥିବା ନ୍ୟସ୍ତସ୍ୱାର୍ଥ କମ୍ପାନୀ ଙ୍କୁ ଅନୁକମ୍ପା କାହିଁକି ବୋଲି ସ୍ଥାନୀୟ ସାଧାରଣରେ ପ୍ରଶ୍ନ କରାଯାଇଛି । ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି କମ୍ପାନୀ ନେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦୃଢ଼ ଦାବି ଉଠାଇଛନ୍ତି ।

## ପାଠପଢ଼ା ପାଇଁ ୧୫ କିମି ଚାଲିଲେ ଛାତ୍ରଛାତ୍ରୀ

ହରଭଙ୍ଗା, ୨୨/୨(ନିପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବାଣିଗୋଛରୁ ତଳଗାଁକୁ ନାହିଁ ଯାତ୍ରୀବାହୀ ବସ । ପରୀକ୍ଷା ସାରି ୧୫ କିମି ଚାଲିଚାଲି ଘରକୁ ଗଲେ ଛାତ୍ରଛାତ୍ରୀ । ନେତାଜୀ ସୁବାସ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବୋର୍ଡ ପରୀକ୍ଷା ଦେଇ ଦିନ ୨ରେ କୌଣସି ବସ, ଅଟୋ ନ ଥିବାରୁ ୧୨ ଜଣ ଛାତ୍ରଛାତ୍ରୀ ଚାଲିଚାଲି ଯାଇ ଘରେ ସନ୍ଧ୍ୟା ୬ରେ ପହଞ୍ଚିଥିବା ଜଣାପଡିଛି । ଘୋରଇ ଯାତ୍ରା ବସ ପଞ୍ଚାୟତ ଠାରୁ ଜିଲ୍ଲାକୁ ଠିକ ସମୟରେ ଯିବା ଆସିବା କରୁ ନ ଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି । ବସ୍ ତଳଗାଁ ପଂଚାୟତ ଗଣ୍ଡିଶ୍ୱର୍ ଠାରୁ ସକାଳ



୬ ଟା ରେ ଛାଡି ବୌଦ୍ଧରେ ୧୦ ଟା ରେ ପହଞ୍ଚି ଦିନ ୧୨ ଟା ୪୫ ମିନିଟରେ ଛାଡୁ ଥିବା ବେଳେ ଭାୟା ବାଣିଗୋଛାରୁ ଅପରାହ୍ନ ୩ ଟାରେ ଛାଡି ଗଣ୍ଡିଶ୍ୱରରେ ୪ ଟା ୩୦ ମିନିଟ ସମୟରେ ବସ ପହଞ୍ଚେ । ହେଲେ ତାହା ମଧ୍ୟ ରେଗୁଲାର ଯାଉ ନ ଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପାଇଁ ବହୁ ହନ୍ତସନ୍ତ ହେଉ ଥିବାର ଦେଖିବାକୁ ମିଳିଛି । ଏନେଇ ତଳଗାଁରୁ ଯେଉଁ ସପ୍ତେଶ୍ୱର୍ ବସ ଯାଉଛି ତାହାକୁ କିଭଳି ରେଗୁଲାର କରାଯିବ ଏବଂ ବୌଦ୍ଧରୁ ଫେରିବା ବେଳେ ବାଣିଗୋଛାରୁ ୪ଟା ୧୫ ମିନିଟରେ ଛାଡ଼ିଲେ ସ୍କୁଲ୍ କଲେଜ୍ ଛୁଟି ହୋଇଥିବ ଏବଂ ପିଲାମାନେ ଯିବା ପାଇଁ ସୁବିଧା ହେବ ବୋଲି ଦାବି ହୋଇଛି । ଏଥିସହ ବ୍ଲକରୁ ଯେଉଁ ଲକ୍ଷ୍ମୀ ବସ ପଞ୍ଚାୟତ ହେଡ୍ କ୍ୱାର୍ଟରକୁ ଯାଉଛି ସେହି ବସ ମଧ୍ୟ ପଞ୍ଚାୟତ ହେଡ଼ କ୍ୱାଟରକୁ ଆସି ଫେରି ଯାଉଛି ଯାହାକି ପଂଚାୟତର ଶେଷ ସୀମାରେ ଥିବା ଗ୍ରାମମାନଙ୍କୁ ଯାଉନି ।

### ମା କୋଶଳାଶୁଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କିଙ୍ଗଷ୍ଟାର ଭୋଗଡ଼ା ଫୁଟବଲ ଦଳ ଚାମ୍ପିଅନ



ବୋଲଗଡ଼ ୨୨/୦୨(ନିପ୍ର ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ଗ୍ରାମସ୍ଥିତ ମହିଳା ଗୋଷ୍ଠୀ ପରିଚାଳନା ସଙ୍ଘର ପରିଚାଳକ ରବୀନ୍ଦ୍ରନାଥ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଓ ମା କୋଶଳାଶୁଣୀ କ୍ଲବ ସହଯୋଗିତାରେ ରବିବାରଦିନ ୨୩ତମ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରିକମା ଖେଳ ପଡିଆଠାରେ କିଙ୍ଗ ଷ୍ଟାର ଭୋଗଡା ଓ ମା ମଙ୍ଗଳା ଜୁନିୟର କ୍ଲବ ଗଡ଼ମାଣିତ୍ରି ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ମହିଳା ଗୋଷ୍ଠୀ ପରିଚାଳନା ସଙ୍ଘର ପରିଚାଳକ ରବୀନ୍ଦ୍ରନାଥ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଜେପି ଯୁବ ସଂଗଠକ ମାନସ କୁମାର ବେହେରା ଓ ସମ୍ମାନିତ ଅତିଥିଭାବେ ଆରିକମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ସମାଜସେବୀ ଶେଷଦେବ ପ୍ରଧାନ, ମା କୋଶଳାଶୁଣୀ କ୍ଲବ ସଭାପତି ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ଏହି ମ୍ୟାଚର ଅତିଥିମାନେ ପଡିଆ ମଧ୍ୟରେ ଖେଳାଳିମାନଙ୍କ ସହ କର ମର୍ଦ୍ଦନ କରି ଉତ୍ତମ ଓ ସୁନ୍ଦର ଖେଳ ପଦର୍ଶନ କରିବା ପାଇଁ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଫାଇନାଲ ମ୍ୟାଚରେ କିଙ୍ଗ ଷ୍ଟାର ଭୋଗଡା ଓ ମା ମଙ୍ଗଳା ଜୁନିୟର କ୍ଲବ ଗଡ଼ମାଣିତ୍ରି ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଚିତାକର୍ଷକ ମ୍ୟାଚ ହୋଇଥିଲା । ଉଭୟ ଦଳର ଖେଳାଳିମାନେ କୌଣସି ଗୋଲ ସ୍କୋର ହୋଇ ନଥିବା ବେଳେ ଟ୍ରାଏ ବ୍ରେକର ହୋଇ ଥିଲା । ତେବେ ୪-୧ଗୋଲରେ କିଙ୍ଗଷ୍ଟାର ଭୋଗଡା ଫୁଟବଲ ଦଳ ବିଜୟୀ ହୋଇ ଚମ୍ପିଆନ ହୋଇଥିଲା ।

### ଛାତ୍ରୀ ଗଣଦୁଷ୍କର୍ମ ମାମଲା ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ

## ଏସଓପି ଅନୁଯାୟୀ ତଦନ୍ତ କରିବେ ସ୍ୱତନ୍ତ୍ର ଟିମ୍

କେନ୍ଦ୍ରାପଡ଼ା, ୨୨/୨(ନିପ୍ର): କେନ୍ଦ୍ରପଡ଼ା ରାଜନଗର ଛାତ୍ରୀ ଗଣଦୁଷ୍କର୍ମ ମାମଲା ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ । ତଦନ୍ତ ଭାର ହାତକୁ ନେଲା କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ । ଏସଓପି ଅନୁଯାୟୀ କାମ କରୁଛି ସିଏଡବ୍ଲ୍ୟୁ ଓ ନାବାଳିକାଙ୍କ ବୟାନ ରେକର୍ଡ ସହିତ, ଅଡିଓ ଭିଡ଼ିଓ ବି ରେକର୍ଡ କରାଯାଇଛି । ବର୍ତ୍ତମାନ ସୁଦ୍ଧା ମାମଲାରେ ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ, ଜଣେ ପିଅନ ଗିରଫ ହୋଇଛନ୍ତି । ଆବଶ୍ୟକସ୍ଥଳରେ ଅଭିଯୁକ୍ତମାନଙ୍କ ଡିଏନ୍ଏ ଟେଷ୍ଟ କରାଯିବ । ଏହାଛଡ଼ା ଫିଜିକାଲ ଟେଷ୍ଟ, ମେଡିକାଲ ଟେଷ୍ଟ, ସାଇଣ୍ଟିଫିକ ଇନଭେଷ୍ଟିଗେସନ ସହ ସବୁ ଦିଗରୁ ତଦନ୍ତ ହେବ ଓ ଘଟଣାର କ୍ଲୋଜ୍ ମନିଟର କରାଯିବ ଓ ଅତି ସମ୍ବେଦଶୀଳ ଘଟଣା ହୋଇଥିବାରୁ ଏହାକୁ ସ୍ୱାଧୀନ ମାମଲା ହିସାବରେ ନିଆଯାଉଛି ଓ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଦେଉଳତରା ଅଞ୍ଚଳର ୧୨ ବର୍ଷ ବୟସର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ଉଠିଥିଲା ।

13001/355/2526
ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ
Jharsuguda Municipality
Mangal Bazar, Jharsuguda-768201
Letter No.- 1002 /JM

QUOTATION CALL NOTICE

Sealed quotations are invited from the authorised suppliers or dealers for supply/Repair/installation of traffic signal systems at two Nos of locations in Jharsuguda Municipality area i.e. 1. Kisan Chowk & 2. Station Chowk. The last date for submission of bid document is on or before 07.03.2026 (3 PM) through Regd post/ Speed Post only. The bidders must have prior experience in installation of traffic signal systems. No quotations will be entertained after the scheduled date and time. The prescribed quotation schedule and the field enquiry format can be obtained from the office of the undersigned on payment of Rs.2,500/- (Rupees two thousand five hundred) only (non-refundable) in shape of Bank draft/Bankers cheque drawn in favour of Executive Officer, Jharsuguda Municipality from 28.02.2026 to 07.03.2026 (3 PM) during office hour except holidays.

Contact person for field visit- Amiya Mohanty

Executive Officer,
Jharsuguda Municipality

OIPR 13001/13165/1/25-26/0022

## ଜଳସେଚନ ବିଭାଗରେ ଖୋଲାଖୋଲି ଲୁଟ୍ ଅଭିଯୋଗ

### ବନ୍ୟାଞ୍ଚଳ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଅଧିକାରୀ ଓ ଠିକାଦାର !

ଧାମନଗର, ୨୨/୨(ନିପ୍ର): ସରକାର ବନ୍ୟା ନିୟନ୍ତ୍ରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଧାମନଗର ଜଳସେଚନ ବିଭାଗରେ ଏହି ଅର୍ଥ ଏବେ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଛି । ଧୁଶୁରି ଗାନ୍ଧୀଘାଟ ସେକ୍ସନ ଅନ୍ତର୍ଗତ ଭଟସାହି ପଞ୍ଚାୟତର ନରହରିପୁର ନିକଟସ୍ଥ କଣ୍ଡିଆ ରାଇଟି ରେ ଚାଲିଥିବା ନଦୀବନ୍ଧ ସୁରକ୍ଷା ପାଚେରି ନିର୍ମାଣରେ ଚରମ ଅନିୟମିତତା ଦେଖାଦେଇଛି । ପ୍ରାୟ ୬୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ଆରମ୍ଭରୁ ହିଁ ଦୁର୍ନୀତିର ପାହାଡ଼ ଉପରେ ଠିଆ ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁଯାୟୀ କୌଣସି ବି କାମ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନାଫଳକ ଲଗାଯିବା ବାଧ୍ୟତାମୂଳକ । ମାତ୍ର ଏଠାରେ ସବୁ ଓଲଟା । ଲୋକେ ଯେମିତି କାମର ବ୍ୟୟ ଅଟକଳ ଓ ମାନ ବିଷୟରେ ଜାଣି ନ



ସୂଚନାଫଳକ ନ ଲଗେଇ ହେଉଛି ନିମ୍ନମାନର କାମ

ପାରିବେ, ସେଥିପାଇଁ ଚଞ୍ଚକତା କରି କୌଣସି ଫଳକ ଲଗାଯାଇ ନାହିଁ । ଏହି ଘଟଣାରେ ଯେତେବେଳେ କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଗଲା, ସେ ଅତ୍ୟନ୍ତ ବେପରୁଆ ଭାବେ କହିଛନ୍ତି ଯେ, 'କାମ ଗତ ବର୍ଷର, ସୂଚନା ଫଳକ ଲେଖା ଯାଇନି, ଏବେ ଲେଖି ଦେବୁ ।' ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ କିଭଳି ଗଭୀର ମଧୁଚନ୍ଦ୍ରିକା ରହିଛି । କଣ୍ଡିଆ ରାଇଟି ବନ୍ଧ ସମ୍ପ୍ରସାରଣ ଓ ପାଚେରି ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର । ପାଚେରିର ଲମ୍ବ, ପ୍ରସ୍ଥ ଏବଂ ଉଚ୍ଚତାରେ ବ୍ୟାପକ ହେରଫେର କରାଯାଇଛି । ଡିଜାଇନ୍ ଅନୁଯାୟୀ କାମ ନକରି କେବଳ ଅର୍ଥ ହରିଲୁଟ୍ କରିବା ଉଦ୍ଦେଶ୍ୟରେ କାମ ଶେଷ କରିବାକୁ ପ୍ରୟାସ କରାଯାଉଛି । ଧାମନଗର ଜଳସମ୍ପଦ ବିଭାଗରେ ଏସଡିଓ ପଦବୀ ଖାଲି ଥିବା ବେଳେ ଏହାର ସୁଯୋଗ ନେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ମନଇଚ୍ଛା କାମ କରୁଛନ୍ତି । କୌଣସି ବରିଷ୍ଠ ଅଧିକାରୀଙ୍କ ତଦାରଖ ନଥିବାରୁ ଦୁର୍ନୀତିର ସୀମା ଟପିଛି । ସ୍ଥାନୀୟ ବାସିନ୍ଦା ଯେତେବେଳେ ନିଜ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏହି ନିମ୍ନମାନର କାମକୁ ବିରୋଧ କରୁଛନ୍ତି, ସେତେବେଳେ ସେମାନଙ୍କୁ ଦାଦାଗିରିର ସାମ୍ନା କରିବାକୁ ପଡୁଛି । ଠିକାଦାର ଓ ଯନ୍ତ୍ରୀ ମିଳିତ ଭାବେ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇବା ସହ ପୋଲିସ କେସ କରିବାର ଭୟ ଦେଖାଉଛନ୍ତି । ଜନସାଧାରଣଙ୍କ ସ୍ୱରକୁ ଚାପି ଦେଇ ସରକାରୀ ଟଙ୍କାକୁ ହଡ଼ପ କରିବାର ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ବନ୍ୟା ପ୍ରପୀଡ଼ିତ ଏହି ଅଞ୍ଚଳରେ ଯଦି ନିର୍ମାଣାଧୀନ ପାଚେରି ଆସନ୍ତା ବର୍ଷାରେ ଭୁଶୁଡ଼ିଯାଏ, ତେବେ ହଜାର ହଜାର ଲୋକଙ୍କ ଜୀବନ ବିପନ୍ନ ହେବ । ଏହି ଘଟଣାକୁ ନେଇ ରାଜ୍ୟ ସରକାର, ଜଳସମ୍ପଦ ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଜରୁରୀ । କାମକୁ ସାମୟିକ ଭାବେ ବନ୍ଦ କରି ଏହାର ମାନ ଯାଞ୍ଚ କରାଯିବା ସହ ଦୋଷୀ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧାମନଗର ବ୍ଲକ କଂଗ୍ରେସ ସଭାପତି ଦାବି କରଛନ୍ତି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ